
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୫ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 05 MARCH 2023
Vol.No. 34 ■ No. 61 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନିମନ୍ତେ ସାହାଯ୍ୟ କରିବାକୁ ଆମେ ପ୍ରସ୍ତୁତ : କେନ୍ଦ୍ର ଆଇନମନ୍ତ୍ରୀ




ଭୁବନେଶ୍ୱର, ୦୪/୦୩ (ନି.ପ୍ର): ପଶ୍ଚିମଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନିମନ୍ତେ ସାହାଯ୍ୟ କରିବାକୁ ଆମେ ପ୍ରସ୍ତୁତ। ପୂର୍ବ ଭାରତର ରାଜ୍ୟଗୁଡ଼ିକୁ ନେଇ କେନ୍ଦ୍ର ସରକାରଙ୍କ ପରାମର୍ଶମାନଙ୍କର ପ୍ରଥମ ସମ୍ମିଳନୀରେ ଆଜି ଏହା କହିଛନ୍ତି କେନ୍ଦ୍ର ଆଇନମନ୍ତ୍ରୀ କିରଣ ରିଜିଜୁ। ସେହିପରି ସମଗ୍ର ଦେଶରେ ଇ-କୋର୍ଟ କାର୍ଯ୍ୟକାରୀ କରାଯିବା ସହ କୋର୍ଟକୁ ପପେର ଲେସ୍ କରାଯିବ ଓ ନ୍ୟାୟପାଳିକାର ଅପବ୍ୟବହାରରେ ବିଦେଶୀ ଲିଙ୍କ୍ ରହିଥିବା ସେ କହିଛନ୍ତି। ଏହି ସମ୍ମିଳନୀ ଭୁବନେଶ୍ୱର ଅନ୍ତର୍ଗତ ପାହାଳ ସ୍ଥିତ ପାଲ ହାଇଟସ୍ ମିଡ୍‌ଟାଉନରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ କେନ୍ଦ୍ର ଆଇନ୍ ମନ୍ତ୍ରୀ କିରଣ ରିଜଜୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବି.ଭି. ନାଗରତ୍ନା, ଓଡିଶା ହାଇକୋର୍ଟର ମୁଖ୍ୟ ବିଚାର ପତି ଡକ୍ଟର ଜଷ୍ଟିସ୍ ଏସ ମୁରଲୀଧର, ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ର ଆଇନମନ୍ତ୍ରୀ ଏହି ଅବସରରେ କହିଛନ୍ତି, ଦେଶର ବିଭିନ୍ନ ବିଚାରାଳୟରେ ୪ କୋଟି ୯୦ ଲକ୍ଷ ମାମଲା ପଡ଼ିରହିଛି। ତୁରନ୍ତ ଏହାର ସମାଧାନ ନହେଲେ ମାମଲା ସଂଖ୍ୟା ୫ କୋଟି ଅତିକ୍ରମ କରିଯିବ। ଏହାର ସମାଧାନ ପାଇଁ ଟେକ୍ନୋଲୋଜି ଜରୁରୀ। ଯେଉଁଥିପାଇଁ ଚଳିତ ବଜେଟରେ ଇ-କୋର୍ଟ ଫେଜ୍-୩ କାର୍ଯ୍ୟକାରୀ କରିବା ପାଇଁ ୭୦୦୦ କୋଟି ଟଙ୍କା ମଞ୍ଜୁରୀ ଦିଆଯାଇଛି। ଏହାଦ୍ୱାରା ଭାରତୀୟ ନ୍ୟାୟପାଳିକା ଡିଜିଟାଲ ଓ ପେପର୍ ଲେସ ହେବ। ଏହା କରାନଗଲେ ବର୍ଷ ବର୍ଷ ପର୍ଯ୍ୟନ୍ତ ଗରିବଙ୍କୁ କୋର୍ଟର ଦ୍ୱାରସ୍ଥ ହେବାକୁ ପଡିବ। ଦେଶରେ କିଛି ଲୋକ ଅଛନ୍ତି ଯେଉଁମାନେ ସବୁବେଳେ ଦେଶ ବିରୋଧୀ ଓ ନ୍ୟାୟପାଳିକାର ଅପବ୍ୟବହାର ଭଳି କାର୍ଯ୍ୟ କରିଥାନ୍ତି। ବେଶୀ ନୁହେଁ ଏମାନେ ଗୋଟେ ଗୋଷ୍ଠୀ ଅଛନ୍ତି। ଯେଉଁମାନଙ୍କର ବିଦେଶୀ ଲିଙ୍କ ରହିଛି ବୋଲି କେନ୍ଦ୍ର ଆଇନମନ୍ତ୍ରୀ କହିଛନ୍ତି। ପଶ୍ଚିମଓଡ଼ିଶାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ସେ କହିଛନ୍ତି, ଏହାର ଶେଷ ନିଷ୍ପତ୍ତି ରାଜ୍ୟ ସରକାର ଓ ହାଇକୋର୍ଟଙ୍କୁ ନେବାକୁ ହେବ। ଆମେ ସର୍ବଦା ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛୁ। ଆମକୁ କେବଳ ▶▶ପୃଷ୍ଠା ୭

## ଆଜି ବିଜୁ ଜୟନ୍ତୀ : ନବୀନ ଓଡ଼ିଶା ଗଠନ ପାଇଁ ଶପଥ ନେବେ ବିଜେଡି କର୍ମୀ



ଭୁବନେଶ୍ୱର, ୦୪/୦୩ (ନି.ପ୍ର): ଆସନ୍ତାକାଲି ବିଜୁ ଜୟନ୍ତୀରେ ନବୀନ ଓଡ଼ିଶା ଗଠନ ପାଇଁ ଶପଥ ନେବେ ବିଜେଡି କର୍ମୀ । ସରକାରୀ ଦଳ ମୁଖ୍ୟ ସଚେତକ କହିଲେ, ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନରେ ହେବ ସହାୟକ । ସକାଳ ୬ ଘଟିକା ସମୟରେ ପ୍ରଭାତ ଫେରୀ ଏବଂ ବିଜୁ ବାବୁଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ ସହିତ ଏହି ଦିବସ ପାଳନର ଶୁଭାରମ୍ଭ କରାଯାଇ ଡାକ୍ତରଖାନା, ଅନାଥାଶ୍ରମ, ବୃଦ୍ଧାଶ୍ରମ ଏବଂ ବାଳାଶ୍ରମରେ ଫଳ ବଣ୍ଟନ ଏବଂ ଅନ୍ୟାନ୍ୟ ସମାଜସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସକାଳ ୮ଟା ୩୦ ମିନିଟ୍ ସମୟରେ ବିଜୁ ଯୁବ ଜନତା ଏବଂ ବିଜୁ ଛାତ୍ର ଜନତା ଦଳ ତରଫରୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ଅନ୍ୟୁନ ୨ ଶହ କର୍ମୀଙ୍କୁ ନେଇ ୫ କିମି ପରିବ୍ୟାପ୍ତ ସାଇକେଲ ରାଲି ଅନୁଷ୍ଠିତ ହେବ । ଅପରାହ୍ନ ୪ ଘଟିକା ପରଠାରୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଦଳର ନିର୍ବାଚିତ ସଦସ୍ୟ ଏବଂ ସଦସ୍ୟା, ଦଳୀୟ କର୍ମକର୍ତ୍ତା, କର୍ମୀ, ସକ୍ରିୟ ସଦସ୍ୟ, ପ୍ରମୁଖ ଦଳୀୟ ସଂଗଠନର କର୍ମକର୍ତ୍ତା ଏବଂ ସଦସ୍ୟ ତଥା ପୌରପାଳିକା ଏବଂ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ସାଧାରଣ ସଭା ଆୟୋଜନ କରାଯିବ । ଉପସ୍ଥିତ ପ୍ରତ୍ୟେକ ସଦସ୍ୟ ଲୋକସେବାକୁ ଏକ ମହନୀୟ ବ୍ରତ ଭାବରେ ଗ୍ରହଣ କରିବେ ଏବଂ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ‘ ନବୀନ ଓଡ଼ିଶା’ ଗଢ଼ିବା ପାଇଁ ଶପଥ ନେବେ । ଏହି ସାଧାରଣ ସଭାରେ ବିଜୁ ବାବୁଙ୍କ ସହକର୍ମୀ, ସହଯୋଗୀ ତଥା ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନସେବାରେ ନିଜକୁ ଉତ୍ସର୍ଗ ▶▶ପୃଷ୍ଠା ୭

## କର୍ଣ୍ଣାଟକରେ ବି ନିର୍ବାଚନ ଲଢ଼ିବ ଆପ୍, ପ୍ରଥମ ସମାବେଶରେ ମୋଦିଙ୍କୁ ଟାର୍ଗେଟ କଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୦୪/୦୩ : ଦିଲ୍ଲୀ ଓ ପଞ୍ଜାବରେ କ୍ଷମତାସୀନ ଆମ ଆଦମୀ ପାର୍ଟି(ଆପ୍) କର୍ଣ୍ଣାଟକାରେ ମଧ୍ୟ ବିଧାନସଭା ନିର୍ବାଚନ ଲଢ଼ିବ। ଚଳିତ ବର୍ଷ ମେ’ ମାସରେ ସମ୍ଭବତଃ କର୍ଣ୍ଣାଟକା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଆଜି ଆପ୍ ପକ୍ଷରୁ ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଗୋଟିଏ ସାଧାରଣ ସଭା କରିଛନ୍ତି। ଦଳ ପକ୍ଷରୁ ଆୟୋଜିତ ପ୍ରଥମ ସମାବେଶରେ କେଜ୍ରିୱାଲ ବିଜେପି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ଘଟଣାରେ ମନୀଷ ସିସୋଦିଆଙ୍କୁ ସିବିଆଇ ଗିରଫ କରିଛି। ଏହି ପ୍ରସଙ୍ଗରେ କେଜ୍ରିୱାଲ ବର୍ଷିଛନ୍ତି। ଏଥିସହ ଲୋକାୟୁକ୍ତ କର୍ଣ୍ଣାଟକା ବିଜେପି ବିଧାୟକ ମଦାଲ ବିରୁପାକ୍ଷପ୍ପାଙ୍କ ଘରୁ କୋଟି କୋଟି ଟଙ୍କା ଠାବ କରିଥିଲେ ମଧ୍ୟ ତାଙ୍କୁ କାହିଁକି ଗିରଫ କରାଯାଇ ନାହିଁ ▶▶ପୃଷ୍ଠା ୭

## ମାର୍ଚ୍ଚ ୮ରେ ତ୍ରିପୁରାରେ ନୂଆ ସରକାରର ଶପଥ ଗ୍ରହଣ



ନୂଆଦିଲ୍ଲୀ, ୦୪/୦୩ : ମାର୍ଚ୍ଚ ୮ ତାରିଖରେ ତ୍ରିପୁରାରେ ନୂଆ ସରକାରର ଶପଥ ଗ୍ରହଣ ଉତ୍ସବ ହେବ । ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ । ତ୍ରିପୁରାରେ ବିଜେପି ଓ ତାର ସହଯୋଗୀ ଦଳ ଆଇପିଏଫଟି ସହ ମିଶି ସରକାର ଗଠନ କରିବେ । ସେପଟେ ପ୍ରଧାନମନ୍ତ୍ରୀଙ୍କ ତ୍ରିପୁରା ଗସ୍ତନେଇ ପ୍ରମୁଖ ସଚିବ ଏସ.କେ ସିହ୍ନା ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରୁଛନ୍ତି । ଏହାସହ ଏସପିଜିର ଗୋଟିଏ ଟିମ୍ ଆଜି ତ୍ରିପୁରା ପହଂଚିଛି । ସୂଚନା ଥାଉକି ତ୍ରିପୁରା ବିଧାନସଭାର ମୋଟ ୬୦ ଟି ଆସନ ମଧ୍ୟରୁ ବିଜେପି ୩୨ଟି ଆସନରେ ବିଜୟୀ ହୋଇଥିବା ବେଳେ ତାର ସହଯୋଗୀ ଦଳ ଆଇପିଏଫଟି ଗୋଟିଏ ଆସନରେ ବିଜୟୀ ହୋଇଥିଲା । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମାଣିକ ସାହା ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । ନୂଆ ସରକାରର ଶପଥ ଗ୍ରହଣ ସମାରୋହ ବିବେକାନନ୍ଦ ମୈଦାନରେ ଅନୁଷ୍ଠିତ ହେବ । ଏହି ସମାରୋହରେ ବିଜେପି ଶାସିତ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସେପଟେ ନିର୍ବାଚନ ଫଳାଫଳକୁ ନେଇ ବାମମେଣ୍ଟ କହିଛି କି ବିଜେପି ବିରୋଧୀଦଳ ମଧ୍ୟରେ ମତର ଭାଗବଣ୍ଟା କରି କ୍ଷମତା ଦଖଲ କରିବା ଭଳି ହୀନ ପ୍ରୟାସ କରୁଛି । ବାମମୋର୍ଚ୍ଚାର ସଂଯୋଜକ ନାରାୟଣ କର କହିଛନ୍ତି କି ▶▶ପୃଷ୍ଠା ୭

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨ ବରିଷ୍ଠ ଅଧିକାରୀ ଗିରଫ



ଭୁବନେଶ୍ୱର, ୦୪/୦୩ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଛନ୍ତି ରାଜ୍ୟ ସରକାରଙ୍କ ଦୁଇ ଜଣ ବରିଷ୍ଠ ଅଧିକାରୀ। ସେମାନେ ହେଉଛନ୍ତି- ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନା ଓ ଭବାନୀପାଟଣାରେ ଅବସ୍ଥାପିତ କେବିକେ କ୍ଷୁଦ୍ର ଜଳସେଚନ ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ କନ୍ଦର୍ପ ପ୍ରଧାନ। ଗତକାଲି ଏହି ଦୁଇ ଅଧିକାରୀଙ୍କ ବାସଭବନ ସହିତ ଅନ୍ୟାନ୍ୟ ଠିକଣାରେ ଚଢ଼ାଉ କରିଥିଲା ଭିଜିଲାନ୍ସ। ଉମେଶଙ୍କର ଖୋର୍ଦ୍ଧା ଓ କେନ୍ଦୁଝର ଜିଲ୍ଲାରେ ଥିବା ୧୩ଟି ଠିକଣାରେ ଚଢ଼ାଉ କରାଯାଇଥିଲା। ସେହିପରି ଅତିରିକ୍ତ ମୁଖ୍ୟଯନ୍ତ୍ରୀ କନ୍ଦର୍ପ ପ୍ରଧାନଙ୍କର ଖୋର୍ଦ୍ଧା, ଅନୁଗୋଳ ଓ କଳାହାଣ୍ଡିରେ ଥିବା ମୋଟ ୮ଟି ଠିକଣାରେ ଚଢ଼ାଉ କରାଯାଇଥିଲା। ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନାଙ୍କର ଆୟ ଠାରୁ ୩୬୮ ପ୍ରତିଶତ ଅଧିକ ସମ୍ପତ୍ତି ଠାବ କରାଯାଇଥିବା ବେଳେ କେବିକେ କ୍ଷୁଦ୍ର ଜଳସେଚନ ସର୍କଲ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କନ୍ଦର୍ପ ପ୍ରଧାନ ଆୟ ଠାରୁ ୭୫ ପ୍ରତିଶତ ଅଧିକ ସମ୍ପତ୍ତି ଠାବ କରାଯାଇଛି। ଉମେଶ ଚନ୍ଦ୍ର ଜେନାଙ୍କର ଭୁବନେଶ୍ୱରରେ ଗୋଟିଏ ବହୁତଳ କୋଠା ଥିବା ବେଳେ କେନ୍ଦୁଝରରେ ୩ଟି କୋଠା ଅଛି। କେନ୍ଦୁଝରରେ ତାଙ୍କର ୫ଟି ପ୍ଲଟ୍ ଥିବା ବେଳେ ତାଙ୍କ ଠାରୁ ୨ଟି ଚାରି ଚକିଆ ଗାଡ଼ି, ୨ଟି ଦୁଇ ଚକିଆ ଗାଡ଼ି ଓ ୬୫୦ ଗ୍ରାମର ସୁନା ଗହଣା ଜବତ କରାଯାଇଛି। ସେହିପରି ତାଙ୍କ ଘରୁ ନଗଦ ୧ କୋଟି ୬୪ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଅନ୍ୟପକ୍ଷରେ କନ୍ଦର୍ପ ପ୍ରଧାନଙ୍କର ଭୁବନେଶ୍ୱରରେ ୩ଟି ଫ୍ଲାଟ୍ ରହିଛି। ଅନୁଗୋଳରେ ତାଙ୍କର ୨ଟି କୋଠା ରହିଛି। ଅନୁଗୋଳ ସହର ଓ ଏହା ଆଖପାଖ ଅଞ୍ଚଳରେ ତାଙ୍କର ୫ଟି ପ୍ଲଟ୍ ଠାବ କରାଯାଇଛି। ତାଙ୍କ ଠାରୁ ୨ଟି ଚାରି ଚକିଆ ଗାଡ଼ି, ଗୋଟିଏ ଦୁଇ ଚକିଆ ଗାଡ଼ି ଓ ୫୩୦ ଗ୍ରାମ ସୁନା ଗହଣା ଜବତ କରାଯାଇଛି। ଏହି ଦୁଇଟି ମାମଲାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ଭୂମିକମ୍ପରେ ଥରିଲା ନ୍ୟୁଜିଲାଣ୍ଡ

ନୂଆଦିଲ୍ଲୀ, ୦୪/୦୩ : ପଶ୍ଚିମ ଏସୀୟ ଦେଶ ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂମିକମ୍ପ ପରେ ଏବେ ନ୍ୟୁଜିଲାଣ୍ଡ ମଧ୍ୟ ବଡ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି । ଶନିବାର ସନ୍ଧ୍ୟାରେ ନ୍ୟୁଜିଲାଣ୍ଡର କେର୍ମାଡେକ୍ ଦ୍ୱୀପପୁଞ୍ଜରେ ୬.୯ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ନ୍ୟୁଜିଲାଣ୍ଡର କେର୍ମାଡେକ୍ ଦ୍ୱୀପପୁଞ୍ଜରେ ଶନିବାର ୬.୯ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି ବୋଲି ୟୁନାଇଟେଡ୍ ଷ୍ଟେଟ୍ସ୍ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) କହିଛି। ୟୁଏସ୍‌ଜିଏସ୍ କହିଛି ଯେ ଭୂକମ୍ପର କେନ୍ଦ୍ରସ୍ଥଳ ୧୫୨ କିଲୋମିଟର (୯୪ ମାଇଲ) ଗଭୀରତାରେ ଥିଲା। ଏହା ପୂର୍ବରୁ ୟୁରୋପୀୟ ଭୂମଧ୍ୟସାଗରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ୬.୬ ଓ ଗଭୀରତା ୧୮୩ କିଲୋମିଟର ହେବ ବୋଲି ଆକଳନ କରିଥିଲା। ଆମେରିକାର ସୁନାମି ୱାର୍ଣ୍ଣିଂ ସିଷ୍ଟମ ପକ୍ଷରୁ କୁହାଯାଇଛି ଯେ ଭୂକମ୍ପ ପରେ କୌଣସି ସୁନାମି ସତର୍କ ସୂଚନା ଜାରି କରାଯାଇନାହିଁ ।

## ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ବେଶୀ ଓ କାମ ଶୁନ୍ : ପ୍ରଦୀପ ପୁରୋହିତ




ଭୁବନେଶ୍ୱର, ୦୪/୦୩ (ନି.ପ୍ର): ଗତ ୨୦୧୬ ମସିହାରେ ବରଗଡ ଜିଲ୍ଲା ସୋହେଲାଠାରେ ଚାଷୀ ସମାବେଶକୁ ବଡ ବଡ ପ୍ରତିସୃତି ଦେଇ ଆଜି ପର୍ଯ୍ୟନ୍ତ ପୂରଣ କରିବାରେ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀ ନବୀନ ବାବୁ ଆସନ୍ତା କାଲି ପୁଣି ପଶ୍ଚିମ ଓଡିଶା ଗସ୍ତ କରୁଛନ୍ତି । ଏହି ଗସ୍ତ ଅବସରରେ ବରଗଡ, ନୂଆପଡା ଓ କଳାହାଣ୍ଡିବାସୀ ପୁଣି ଏକ ମିଥ୍ୟା ପ୍ରତିଶୃତିର ବାର୍ତା ମୁଖ୍ୟମନ୍ତ୍ରୀଙ୍କଠାରୁ ଶୁଣିବାକୁ ପାଇବେ । ଦୀର୍ଘ ୭ ବର୍ଷର ଅପେକ୍ଷା କରି ନିରାଶ ହୋଇଥିବା ପଶ୍ଚିମ ଓଡିଶାର ଚାଷୀକୁଳ କେବେହେଲେ କ୍ଷମା କରିବେ ନାହିଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶୃତି ବେଶୀ ଓ କାମ ଶୁନ୍। ୨୦୧୬ ମସିହା ସୋହେଲା ସମାବେଶରେ ଧାନ କ୍ୱିଂଟାଲ ପ୍ରତି ଶହେ ଟଙ୍କା ଚାଷୀଙ୍କୁ ବୋନସ୍ ଦେବା କଥା ଓ ଆସନ୍ତା ୭ବର୍ଷ ଭିତରେ ପଶ୍ଚିମ ଓଡିଶାର ବିକାଶ ପାଇଁ ପର୍ଯ୍ୟାୟ କ୍ରମେ ୩୫ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଓଡିଶାର ଚାଷୀଙ୍କୁ ଓ ପଶ୍ଚିମ ଓଡିଶାବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଇଥିଲେ। ବରଗଡ ଗସ୍ତ କରି ଆଉ ଅଧିକ ମିଥ୍ୟା ପ୍ରତିଶୃତି ଦେବା ପୂର୍ବରୁ ପ୍ରଥମେ ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ କେତେ ବୋନସ ଦେଲେ ଓ ୩୫ହଜାର କୋଟି ଟଙ୍କା ପଶ୍ଚିମ ଓଡିଶାର କେଉଁଠି ଖର୍ଚ୍ଚ କଲେ ତାର ହିସାବ ଦିଅନ୍ତୁ ବୋଲି ଶ୍ରୀ ପୁରୋହିତ ଦାବୀ କରିଛନ୍ତି। ବିଜୁ ଏକ୍ସପ୍ରେସ ୱେ ରାସ୍ତାର ଯେତେ ପୋଲ ନିର୍ମାଣ ହୋଇଛି ସବୁ ଟଙ୍କା କେନ୍ଦ୍ର ସରକାର ଠୁଁ ଆସିଛି ଓ ଜାତୀୟ ରାଜପଥରେ ସମ୍ପୂର୍ଣ୍ଣ ଟଙ୍କା କେନ୍ଦ୍ର ସରକାର ଖର୍ଚ୍ଚ କରିଛନ୍ତି । ତେଣୁ ବିଜୁ ଏକ୍ସପ୍ରେସ ୱେ ଉଦ୍‌ଘାଟନ ସମୟରେ କେନ୍ଦ୍ରମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ସାମିଲ ନକରି ମୁଖ୍ୟମନ୍ତ୍ରୀ ନିଜେ କେବଳ ଏହାର ଫାଇଦା ନେବା ପାଇଁ ଦ୍ୱିତୀୟ ଥର ପାଇଁ ବିଜୁ ଏକ୍ସପ୍ରେସ ୱେ ଉଦ୍‌ଘାଟନ କରୁଛନ୍ତି ବୋଲି ଶ୍ରୀ ପୁରୋହିତ କହିଛନ୍ତି । ୨୦୨୨ ସୁଦ୍ଧା ହୀରାକୁଦ ଡ୍ୟାମ୍‌ରୁ ପାଣି ▶▶ପୃଷ୍ଠା ୭

## ସୁସ୍ଥ ଓ ଆଧ୍ୟାତ୍ମିକ ପରିବେଶ ସହ ଭଲ ମଣିଷ ତିଆରି କରିବାର କାରଖାନା ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମ




ଭୁବନେଶ୍ୱର, ୦୩/୦୩ (ନି.ପ୍ର): ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆର ୩୪ ତମ ବାର୍ଷିକୋତ୍ସବ ଆଶ୍ରମର ଗୁରୁଜୀ ବିଜୟଜୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟଦିନ ସଂଧ୍ୟାରେ ମୁଖ୍ୟ ଅତିଥି ଭାବରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ମୁଖ୍ୟ ବକ୍ତାଭାବରେ ପଣ୍ଡିତ ବିରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ସାହିତ୍ୟିକା ଗୀତାରାଣୀ ପୁରୀ, ଆଧ୍ୟାତ୍ମୀକବିତ୍ ସୁଧାକର ଖୁଣ୍ଟିଆ, ନୃସିଂହ ବ୍ରହ୍ମଚାରୀ ଅପୂର୍ବଦେବ ଶର୍ମା ଓ ଅନନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପିଞ୍ଛାବଣିଆର ଏହି ଗୁରୁକୁଳ ଆଶ୍ରମର ଆଧ୍ୟାତ୍ମିକ ପରିବେଶ ଖୁବ୍ ଆକର୍ଷଣୀୟ। ସମ୍ପ୍ରତି ସମାଜର ଭଲ ମଣିଷ ଅଭାବ ଥିବାବେଳେ ଏହି ବୈଦିକ ଗୁରୁକୁଳ ଆଶ୍ରମ ଭଲ ମଣିଷ ତିଆରି କରିବାର ଏକ ନିର୍ଭରଯୋଗ୍ୟ କାରଖାନା । ଏଠାରେ ପଢ଼ୁଥିବା ପିଲା ଓ ଅଭିଭାବକ ମାନେ ଏକ ଆଧ୍ୟାତ୍ମିକ ବାତାବରଣରେ ନିଜର ମାନସିକତାକୁ ତିଆରି କରିବାର ଅବକାଶ ପାଇଛନ୍ତି, ଯାହାକି ସମାଜ ଗଠନରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ । ଏହି ଆଶ୍ରମ ଦିନେ ନିଜର ସ୍ୱରପିଚୟରେ ସମଗ୍ର ବାଲେଶ୍ୱର ଜିଲ୍ଲାରେ ଏକ ପ୍ରମୁଖ ଉଦାହରଣ ଭାବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଅତିଥିମାନେ କହିଥିଲେ । ଶେଷରେ ଅତିଥିମାନେ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# କ୍ରୀଡ଼ାବିତଙ୍କ କାମରେ ଆସୁନି ଗଜପତି ଷ୍ଟାଡିୟମ



ପାରଳାଖେମୁଣ୍ଡି , ୦୪/୦୩ (ନି.ପ୍ର): ରାଜ୍ୟ ସରକାର କ୍ରୀଡ଼ା ଭିତ୍ତିଭୂମି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଚଳିତ ବଜେଟରେ ଆର୍ଥିକ ପାଣ୍ଠି ୬ ଗୁଣା ବୃଦ୍ଧି କରି ୩,୮୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି । ହେଲେ, ଗଜପତି ଜିଲ୍ଲାରେ ଖେଳିବା ପାଇଁ କିମ୍ବା କୌଣସି ପ୍ରତିଯୋଗିତାର ଆୟୋଜନ ପାଇଁ ଖେଳପଡ଼ିଆ ନଥିବାରୁ ଏହା ଅତ୍ୟନ୍ତ ନିରାଶାଜନକ ବୋଲି ମତପ୍ରକାଶ ପାଇଛି । ଗଜପତି ଉତ୍ସବ ଠାରୁ ଆରମ୍ଭ କରି କୃଷିମେଳା, ନିଯୁକ୍ତି ମେଳା, ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ଭଳି କାର୍ଯ୍ୟକ୍ରମ ସକାଶେ ଏହି ଖେଳପଡ଼ିଆ ବ୍ୟବହାର ହେଉଥିବାରୁ ଗଜପତି ଷ୍ଟାଡିୟମରେ ଟେଣ୍ଟ୍, ବ୍ୟାରିକେଡ୍ ଲାଗୁଛି । ସେହିଭଳି, ହେଲିପ୍ୟାଡ ନାମରେ ବାଜରା ପକାଇ ପ୍ଲେନ କରାଯିବା ଫଳରେ ଘାସ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏଣୁ, ସେଠାରେ, କୌଣସି କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜିତ ହୋଇ ପାରୁନାହିଁ । ଆୟୋଜକମାନେ ମଧ୍ୟ ସୁଯୋଗ ପାଇ ପାରୁନାହାନ୍ତି । ସବୁଠି କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରାଯାଉଥିବା ବେଳେ ପାରଳାଖେମୁଣ୍ଡିରେ କିନ୍ତୁ ଠିକ୍ ଏହାର ଓଲଟା ଚିତ୍ର ପ୍ରତିଫଳିତ ହେଉଥିବା କ୍ରୀଡ଼ାବିତମାନେ ଅଭିଯୋଗ କରିଛନ୍ତି ।

# ନିଆଁ ଗିଳୁଛି ଜଙ୍ଗଲ : ୬୨ ହଜାର ହେକ୍ଟର ଛାରଖାର

ଭୁବନେଶ୍ୱର , ୦୪/୦୩ (ନି.ପ୍ର): ଜଙ୍ଗଲ ବଢୁଛି । ଟାଙ୍ଗରା ଭୂଇଁରେ ଗଛ ଉଠୁଛି । ଉପକୂଳରେ ହେନ୍ତାଳ ବଣ ବଢୁଥିବା ନେଇ କେନ୍ଦ୍ର ସରକାରଙ୍କ ସର୍ଭେ ରିପୋର୍ଟରେ ଏମିତି ଦର୍ଶାଯାଇଛି । ରାଜ୍ୟ ସରକାର ମଧ୍ୟ ଏହାକୁ ନେଇ ଖୁସିରେ ଗଦ୍‌ଗଦ୍ ହୋଇପଡୁଛନ୍ତି । ପ୍ରଶଂସା ବି ସାଉଁଟୁଛନ୍ତି ଅଧିକାରୀ । ମାତ୍ର, ଜଙ୍ଗଲ ନିଆଁରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଜଳିପୋଡ଼ି ପାଉଁଶ ହୋଇଯାଉଛି ।

ଶିମିଳିପାଳ ହେଉ କି ଗନ୍ଧମାର୍ଦ୍ଦନ, ସବୁଠି ବନାଗ୍ନିରେ ବ୍ୟାପକ ଜଙ୍ଗଲ ଜଳୁଥିବାର ଚିତ୍ର ସାମ୍ନାକୁ ଆସିଲାଣି । ସ୍ଥାନେ ସ୍ଥାନେ ନିଆଁର ପ୍ରକୋପ ଏତେ ରହୁଛି ଯେ ଜୀବଜନ୍ତୁ ଗାଁମୁହାଁ ହୋଇ ଶିକାରୀଙ୍କ ପଞ୍ଝାରେ ପଡୁଛନ୍ତି । ଗତ ୫ବର୍ଷ ହେଲା ନିଆଁ କବଳରେ କବଳିତ ହୋଇଛି ଓଡ଼ିଶାର ଜଙ୍ଗଲ । ୨୦୧୮ରୁ ୨୦୨୩ ଫେବ୍ରୁଆରି ୨୪ ସୁଦ୍ଧା ରାଜ୍ୟର ୧ ଲକ୍ଷ ୫୩ ହଜାର ୫୫୯ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ୬୧ ହଜାର ୫୧୩ ହେକ୍ଟର ଜଙ୍ଗଲ ଜଳି ଯାଇଛି । ୨୦୨୩ର ପ୍ରଥମ ୫୪ ଦିନରେ ରାଜ୍ୟର ୪୪୬୬ଟି ସ୍ଥାନରେ ନିଆଁ ଲାଗିଛି । ଏଥିରେ ୧୪୪୫.୧୨ ହେକ୍ଟର ଜଙ୍ଗଲ ଜଳି ଗଲାଣି । ଏବେ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥିବାରୁ ଆଗକୁ ସ୍ଥିତି ସଙ୍ଗିନ ହେବା ନେଇ ପରିବେଶବିତ୍ ସତର୍କ କରାଇଛନ୍ତି । ଗତ ୫ ବର୍ଷରେ ଗୋଟିଏ କଥା ଦେଖିବାକୁ ମିଳିଛି ଯେ ଓଡ଼ିଶାର ବିଭିନ୍ନ ବନଖଣ୍ଡରେ ଯେଉଁ ନିଆଁ ଲାଗୁଛି, ତାହା ବଡ ବଡ ଗଛ ପ୍ରଭାବିତ ହେଉନାହିଁ । ଅଥଚ ଛୋଟ ଛୋଟ ଗଛ, ବନ୍ୟଜନ୍ତୁଙ୍କ ପ୍ରତି ଭୀଷଣ ବିପଦ ସୃଷ୍ଟି ହେଉଛି । ୨୦୨୧ରେ ଶିମିଳିପାଳରେ ସଂଘଟିତ ହୋଇଥିବା ଶିଖର ବନାଗ୍ନି ଯୋଗୁଁ ବ୍ୟାପକ ଜଙ୍ଗଲ ନଷ୍ଟ ହୋଇଥିଲା । ସେହି ବର୍ଷ ଓଡ଼ିଶାରେ ୫୭ ହଜାର ୩୩୯ ବନାଗ୍ନି ହୋଇଥିବା ବେଳେ ୨୮ ହଜାର ୬୫୨ ହେକ୍ଟର ଜଙ୍ଗଲ ଜଳିପୋଡ଼ି ପାଉଁଶ ହୋଇଥିଲା । ଏହାପରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିବା ସହ ଅବସରପ୍ରାପ୍ତ ପିସିସିଏଫ୍‌ଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରି ଆକ୍ସନ ପ୍ଲାନ କରିଥିଲେ । ଭବିଷ୍ୟତରେ ଯେପରି ଭୟଙ୍କର ପରିସ୍ଥିତି ନ ହୁଏ, ତାହାକୁ ଦୃଷ୍ଟିରେ ରଖି କମିଟି ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ମାତ୍ର ତାହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ । କେବଳ



ବନାଗ୍ନି ସୁରକ୍ଷା ବାହିନୀ ଗଠନ କରାଯାଇଛି । ସେଥିରେ ସ୍ଥାନୀୟ ଯୁବକମାନଙ୍କୁ ନିୟୋଜିତ କରାଯାଇ ବନାଗ୍ନି ମୁକାବିଲା କରିବାକୁ ସରକାର ଅଣ୍ଟା ଭିଡ଼ିଛନ୍ତି । ଏହା ସତ୍ତ୍ୱେ ଜଙ୍ଗଲ ନିଆଁ ବର୍ତ୍ତମାନ ସ୍ଥିତିରେ ଦେଶରେ ସର୍ବୋଗ୍ରେ ରହିଛି । ବନାଗ୍ନି ରୋକିବାକୁ ଏବର୍ଷ ରାଜ୍ୟ ସରକାର ୨୭୮ଟି ବନାଗ୍ନି ସୁରକ୍ଷା ବାହିନୀ ଗଠନ କରିଛନ୍ତି । ଏହି ବାହିନୀରେ ଥିବା ସଦସ୍ୟଙ୍କ ଗମନାଗମନ ସୁବିଧା ପାଇଁ ୪ଚକିଆ ଭଡ଼ା ଗାଡ଼ି ଯୋଗାଇ ଦିଆଯାଉଛି । ସେମାନେ ଜାନୁଆରିରୁ ଜୁନ୍ ମଧ୍ୟରେ ରାଜ୍ୟର ଅଗ୍ନିପ୍ରବଣ ବନଖଣ୍ଡଗୁଡ଼ିକରେ କାର୍ଯ୍ୟ କରିବେ । ଏ ବାବଦରେ ଏକ ବଜେଟ୍ ବ୍ୟୟବରାଦ ହେବ । ମାତ୍ର ତାହା କେତେଦୂର କାର୍ଯ୍ୟକାରୀ ହେଉଛି, ସେ ନେଇ କାହା ପାଖରେ ଖବର ନାହିଁ । ଅବଶ୍ୟ ବିଗତ ବର୍ଷ ତୁଳନାରେ ଏଥର ବନଖଣ୍ଡସ୍ତରରେ ନିକଟବର୍ତ୍ତୀ ଗ୍ରାମରେ ସଚେତନତା ଶିବିର, ପ୍ରୋତ୍ସାହନ ରାଶି ଠିକ୍ ସମୟରେ ଦିଆଯାଉଛି ।

## ନର୍ଲାରେ ପାରମ୍ପରିକ ଖାଦ୍ୟ ମେଳା

ଭବାନୀପାଟଣା, ୦୪/୦୩ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଟକଲା ଗ୍ରାମପଂଚାୟତ ଅନ୍ତର୍ଗତ କ୍ଷେତୁପଡା ଗ୍ରାମରେ ଇଣ୍ଡୋ -ଗ୍ଲୋବାଲ -ସୋସିଆଲ -ସର୍ଭିସ -ସୋସାଇଟି ତରଫରୁ ପାରମ୍ପରିକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନର୍ଲା ସିଡିପିଓ, ନିବାସିନୀ ବିଶ୍ୱାଳ, ଅତିରିକ୍ତ ବ୍ଲକ କୃଷିଅଧିକାରି ରଜତ କୁମାର ମିଶ୍ର, ଆଇଜିଏସଏସଏସ ରାଜ୍ୟ ସଂଯୋଜକ ବସନ୍ତ କୁମାର ପାଣିଗ୍ରାହୀ, ସୁପୋଷଣର ଗ୍ରାମୀଣ ସଂଯୋଜକ ଅମ୍ବରେଶ ମିଶ୍ର, ଜିଲ୍ଲା ଜଳ ପରିମଳ କନସଲେଟାଂଟ ଅନାମିକା ପ୍ରଧାନ, ସୁପରଭାଇଜର କୁନ୍ତଳତା ନାଗ ଓ ସଂଘମିତ୍ରା ପଟ୍ଟନାୟକ, ମିଶନ ଶକ୍ତି ବିପିସି ରୋହିତ ବିଶ୍ୱାଳ, ବିପିସି ଜଗଦିଶ ପ୍ରସାଦ ରଣା, ଏନଆରଏଚଏମ ସୂର୍ଯ୍ୟକାନ୍ତ ଆଚାରି, ଏନଏମ ଅର୍ଣ୍ଣ ମାଝୀ, ଜିଲ୍ଲା ପରିଷଦ ସଦସ୍ୟା ନମ୍ରତା ସାହୁ, ଗିଗିନା ସରପଂଚ ସୁଧାମୟୀ କୁମାର, ଟକଲ୍ଲା ସମିତି ସଭ୍ୟା ବୁଇରାଣୀ ବିଶ୍ୱାଳ ଉପସ୍ଥିତ ରହିଥିଲେ । ନର୍ଲା ବ୍ଲକ, କେସିଙ୍ଗା ବ୍ଲକ, କର୍ଲାମୁଣ୍ଡା ବ୍ଲକର ଏସଏଚଜି ମହିଳା ଗୋଷ୍ଠି ମାନଙ୍କ ଦ୍ୱାରା ଅନେକ ପାରମ୍ପରିକ ହାତ ତିଆରି ସୁସ୍ୱାଦୁ ଖାଦ୍ୟ ତିଆରି କରାଯାଇ ମେଳାରେ ପ୍ରଦର୍ଶିତ ହୋଇଥିଲା ।

# ୨୦୨୪ ସୁଦ୍ଧା ସବୁ ପରିବାରକୁ ଟ୍ୟାପ୍ ପାଣି

## ଜଳ ଜୀବନ ମିସନ ପାଇଁ ୫୭୫୦ କୋଟି ବ୍ୟୟବରାଦ

ଭୁବନେଶ୍ୱର , ୦୪/୦୩ (ନି.ପ୍ର): ରାଜ୍ୟର ଗ୍ରାମାଞ୍ଚଳରେ ରହୁଥିବା ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲାଗି ବର୍ତ୍ତମାନସୁଦ୍ଧା ୧୩,୯୩୦ ଟି ପାଇପ ଜଳ ଯୋଗାଣ ପ୍ରକଳ୍ପ ଓ ୪,୭୭,୫୩୭ଟି ନଳକୂପ ସ୍ଥାପନ କରାଯାଇଛି । ଆସନ୍ତା ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ପରିବାରକୁ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ । ଏଥିପାଇଁ ୫୭ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ।

ଆଜି ମନ୍ତ୍ରୀ ଶ୍ରୀ ଅମାତ କହିଥିଲେ ଯେ ୨୦୨୩-୨୪ ବର୍ଷ ପାଇଁ ପଞ୍ଚାୟତିରାଜ ବିଭାଗର ବ୍ୟୟ ଅଟକଳ ୨୬୩୧୧.୯୫ କୋଟି ଟଙ୍କା ରଖାଯାଇଛି । ଗତବର୍ଷ ତୁଳନାରେ ୧୬ ପ୍ରତିଶତ ଅଧିକ । ଏଥିରେ ୧୫ତମ କେନ୍ଦ୍ରୀୟ ଅର୍ଥ କମିସନ, ୫ମ ରାଜ୍ୟ ଅର୍ଥ କମିସନ ଅନୁଦାନ ଓ ପ୍ରାଶାସନିକ ଖର୍ଚ୍ଚ ରହିଛି । ସବୁ ପରିବାରକୁ ଟ୍ୟାପ୍ ପାଣି ଯୋଗାଇଦେବା ଲାଗି କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ମଧ୍ୟରେ ୪୨ହଜାର କୋଟି ଟଙ୍କାର ଭୂପୃଷ୍ଠ ଜଳ ଆଧାରିତ ଓ ୨୦୭ଟି ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଏଥିମଧ୍ୟରୁ ୧୦ଟି ପ୍ରକଳ୍ପ ସଂପୂର୍ଣ୍ଣ ଶେଷ ହୋଇଛି । ୧୬୩ଟି ପ୍ରକଳ୍ପ କାର୍ଯ୍ୟ ଚାଲିଛି ଓ ୩୪ଟି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଚାଲୁ ରହିଛି । ରାଜ୍ୟର ୮୮.୫୬ଲକ୍ଷ ଗ୍ରାମୀଣ ପରିବାର ମଧ୍ୟରୁ ୫୦.୭୧ଲକ୍ଷ କରିବାରକୁ ଟ୍ୟାପ୍ ସଂଯୋଗ କରାଯାଇଛି । ତେବେ ରାଜ୍ୟର ଯେଉଁ ଜିଲ୍ଲାଗୁଡ଼ିକରେ ପାଣିରେ ଆଇରନ୍, ଫ୍ଲୋରାଇଡ୍ କିମ୍ବା ସାଲିନିଟି ରହିଛି ସେସବୁ ଜିଲ୍ଲାଗୁଡ଼ିକରେ ଟ୍ୟାପ୍ ପାଣିକୁ ଅଗ୍ରାଧିକାର ଦିଆଯାଇଛି । ନୂଆପଡ଼ା ଜିଲ୍ଲାରେ ପାଣିରେ ଫ୍ଲୋରାଇଡ୍ ? ମିଳିବା କାରଣରୁ ସେଠାରେ ଅଗ୍ରାଧିକାର ଭିତ୍ତିରେ ଟ୍ୟାପ୍ ପାଣି ସଂଯୋଗ ହୋଇଥିଲା । ଜିଲ୍ଲାରେ ୯୦ ପ୍ରତିଶତ ଲୋକ ପାଣି ସଂଯୋଗ ପାଇଛନ୍ତି । ସେହିପରି କଳାହାଣ୍ଡି, କୋରାପୁଟ, ମାଲକାନଗିରି ଭଳି ଜିଲ୍ଲାରେ ପାଣିରେ ଆଇରନ୍ ରହିଥିବା ନଜରକୁ ଆସିବାରୁ ସେଠାରେ ମଧ୍ୟ ଟ୍ୟାପ୍ ପାଣିକୁ ସଂଯୋଗ ଜାରି ରହିଛି । ଏହାସହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପାଣିର ମାନ ପରୀକ୍ଷା ପାଇଁ କିଟ୍ ଦିଆଯାଇଛି । ପ୍ରତି ଗ୍ରାମ ପଞ୍ଚାୟତରେ ଏହି କିଟ୍ ଯୋଗାଇ ଦିଆଯାଇଛି ।




ବିଭାଗର ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ାର ୨୦ଟି ଦାଦନ ପ୍ରବଣ ବ୍ଲକ୍‌ରେ କର୍ମ ନିଯୁକ୍ତି ପାଇଁ ୫ଶହ କୋଟି ଟଙ୍କାର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ବିଜ୍ଞାପତି ଦୈନିକ ମଜୁରୀ ୩୩୩ ଟଙ୍କା ହାରରେ ଦିଆଯାଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ୧୬.୮୧ କୋଟି ଶ୍ରମ ଦିବସ ସୃଷ୍ଟି ହୋଇଛି । ୩୭.୭୪ ଲକ୍ଷ ପରିବାରର ୪୯.୧୧ ଲକ୍ଷ ଉପଭୋକ୍ତା କର୍ମ ନିଯୁକ୍ତି ପାଇଛନ୍ତି । ଏଥିପାଇଁ ୨୦୨୩-୨୪ ବର୍ଷରେ ହଜାର କୋଟି ଟଙ୍କାର ଘୂର୍ଣ୍ଣୟମାନ ପାଣ୍ଠିର ବ୍ୟବସ୍ଥା କରାଯାଇଛି । ସେହିପରି ବିଭିନ୍ନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଘର ତିଆରି ସଂପୂର୍ଣ୍ଣ କରିଥିବା ୨୭.୨୭ଲକ୍ଷ ପରିବାରକୁ ବିଜୁ ପକ୍କା ଘର ଯୋଜନା ପାଣ୍ଠିରୁ ଗୃହ ମରାମତି ଅନୁଦାନ ବାବଦରେ ପରିବାର ପିଛା ୩ହଜାର ଟଙ୍କା ହିସାବରେ ୮୧୮ କୋଟି ଟଙ୍କା ରାଜ୍ୟ ସରକାର ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅଧୀନରେ ରାଜ୍ୟରେ ୯.୫୯ ଲକ୍ଷ ସମ୍ଭାବ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି । ହିତାଧିକାରୀଙ୍କ ଯୋଗ୍ୟତା ଯାଞ୍ଚ ପ୍ରକ୍ରିୟା ଜାରି ରହିଛି ।

ମନ୍ତ୍ରୀ କହିଥିଲେ, ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା କରାଯିବ । ଏବେ ରାଜ୍ୟର ୯୦-୯୫ ପ୍ରତିଶତ ପଞ୍ଚାୟତରେ ବ୍ରଡବ୍ୟାଣ୍ଡ ପହଞ୍ଚିସାରିଛି । ଏହାସହ ଓକାକ୍‌ରେ ଏକ ୨୫କୋଟି ଟଙ୍କା ବ୍ୟୟରେ ଏକ ଡାଟା ସେଣ୍ଟର ନିର୍ମାଣ କରାଯିବ । ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅଧୀନରେ ୫୦ହଜାର ଯୁବକଙ୍କୁ ବିଭିନ୍ନ ତାଲିମ ଦିଆଯିବ । ଏହାସହ ଦୁସ୍ଥ ମହିଳା, ଦିବ୍ୟାଙ୍ଗ, ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ମଧ୍ୟ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ତାଲିମ ପ୍ରଦାନ କରାଯିବ ।

## ନୂତନ ହସପିଟାଲ ନିର୍ମାଣ ସମ୍ବନ୍ଧେ ପଦିଆପାଲୀ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା

ମାଲକାନଗିରି, ୦୪/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତ ଅନ୍ତର୍ଗତ ପଦିଆପାଲୀ ଗ୍ରାମରେ ଆଜି ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ଗ୍ରାମସଭା ବୈଠକରେ କୁଡୁମୁଲୁଗୁମ୍ମା ସରପଂଚ ମଙ୍ଗଳା ମାଢୀ ସଭାପତିତ୍ୱ କରିଥିଲା ବେଳେ ଏଥିରେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ଖଇରପୁଟ ବ୍ଲକ ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, କୁଡୁମୁଲୁଗୁମ୍ମା ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରେବତୀନାଥ ମାଝୀ, ରାଜସ୍ୱ ବିଭାଗ ତରଫରୁ ସହକାରୀ ରାଜସ୍ୱ ନିରୀକ୍ଷକ ତ୍ରିନାଥ ପ୍ରଧାନ, ଜଙ୍ଗଲ ବିଭାଗ ପକ୍ଷରୁ କୁଡୁମୁଲୁଗୁମ୍ମା ବନପାଳ ଜ୍ୟୋତି ଡୁଙ୍ଗଡୁଙ୍ଗ, ଜିଆରଏସ୍ ଦେବେନ୍ଦ୍ର ଖେମୁଣ୍ଡୁ, ସମାଜସେବୀ ଭଗବାନ ସାହୁ, ତ୍ରିନାଥ ସଗରୀଆ, ଗଣେଶ୍ୱର ପୂଜାରୀ, ରାଜେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଭାରେ ସମସ୍ତ ରାଜସ୍ୱ ଗ୍ରାମର ୱାର୍ଡ ସଭ୍ୟ ସଭ୍ୟା, ଆଶା ଓ ଅଙ୍ଗନବାଡ଼ି କର୍ମୀ ମାନଙ୍କ ସହ ପଦିଆପାଲୀ ଓ ଏହାର ଆଖପାଖ ଅଞ୍ଚଳର ପାଖାପାଖି ଦୁଇଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ମାନେ ଉପସ୍ଥିତ ଥିଲେ ।

ବୈଠକରେ ସଭାପତି ମଙ୍ଗଳା ମାଢୀ କହିଥିଲେ ଯେ, ପଦିଆପାଲୀ ଗ୍ରାମରେ ଏକ ୩୦ ଶଯ୍ୟା ବିଶିଷ୍ଟ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ସରକାରଙ୍କ ଠାରୁ ପ୍ରସ୍ତାବ ଆଗତ ହୋଇଛି, ଯାହାକୁ ସେ ଆଜିର ଗ୍ରାମସଭାରେ ସର୍ବସମ୍ମତି କ୍ରମେ ଗୃହୀତ କରାଯିବା ପାଇଁ ଅନୁରୋଧ କରିଥିଲେ । ସଭାରେ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ କହିଛନ୍ତି ଯେ, ଅନେକ ସଙ୍ଘର୍ଷ ପରେ କୁଡୁମୁଲୁଗୁମ୍ମା ପାଇଁ ସୌଭାଗ୍ୟର ଦିନ ଆସିଛି, ଏହି ହସ୍ପିଟାଲ ନିର୍ମାଣ ହେଲେ ରୋଗୀ ମାନଙ୍କୁ ଆଉ ଅନ୍ୟତ୍ର ଯିବାକୁ ପଡ଼ିବନି ଓ ଏହିଠାରେ ହିଁ ସବୁ ପ୍ରକାର ଚିକିତ୍ସା ସମ୍ଭବ ହୋଇପାରିବ । ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ କହିଛନ୍ତି ଯେ, ଏହି ହସ୍ପିଟାଲ ନିର୍ମାଣ ହେଲେ ଏ ଅଂଚଳ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ବ୍ୟାପକ ସ୍ତରରେ ଗରୀବ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ହୋଇପାରିବ । ଶେଷରେ ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ ଦାବି କରି କହିଛନ୍ତି ଯେ, ନୂତନ ହସ୍ପିଟାଲ ପାଇଁ ଚିହ୍ନଟ ହୋଇଥିବା ଜାଗା ସମ୍ମୁଖରେ ଥିବା ଜାଗାକୁ ବହୁତ ଜବରଦଖଲକାରୀ ନିଜ କବଜାରେ ରଖିଛନ୍ତି, ଯାହା ଫଳରେ ଭବିଷ୍ୟତରେ ଏକ ବିରାଟ ସମସ୍ୟା ଉପୁଜିବ ଏଣୁ ଉକ୍ତ ଜାଗା ଗୁଡ଼ିକୁ ସମ୍ପୃକ୍ତ ଜବର ଦଖଲକାରୀଙ୍କ କବଜାରୁ ମୁକୁଳାଇବା ନିମନ୍ତେ ସ୍ଥାନୀୟ ତହସିଲଦାରଙ୍କୁ ଅନୁରୋଧ କରିବା ସହ ଆସନ୍ତା ଦିନରେ ଏହି ହସ୍ପିଟାଲରେ ହେବାକୁ ଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟାରେ ଯେପରି କୁଡୁମୁଲୁଗୁମ୍ମାର ଶିକ୍ଷିତ ବେକାରୀ ଯୁବବର୍ଗ ମାନଙ୍କୁ ସ୍ଥାନ ମିଳିବ ସେଥିପାଇଁ ଗୁରୁତ୍ୱାରୋପ କରିଥିଲେ ।

# ଅନୁଗୁଳରୁ ମିଳିଲା ପ୍ରାଚୀନ ବୀରଫଳକ

ଅନୁଗୁଳ , ୦୪/୦୩ (ନି.ପ୍ର): ଅନୁଗୁଳ ଉପଖଣ୍ଡର ନତଡ଼ା, ଝିଣ୍ଟିପାଳ, ବଡ଼ କେରଜାଙ୍ଗ ଓ କୋରଡ଼ା ଗ୍ରାମରେ ହିରୋଷ୍ଟୋନ୍ ବା ବୀର ଫଳକ ରହିଛି ।

ଗବେଷକମାନଙ୍କ ସୂଚନା ଆଧାରରେ ପ୍ରାକ୍ତନ ଇତିହାସ ପ୍ରାଧ୍ୟାପିକା ଓ ଗବେଷିକା ଡକ୍ଟର ରମା ମଞ୍ଜରୀ ସାହୁ ଓ ସାହିତ୍ୟିକ ତ୍ରେତାନନ୍ଦ ସାମନ୍ତ ଏହାଉପରେ ଅଧିକ ତଥ୍ୟ ସଂଗ୍ରହ କରିବାପରେ ଏହା ସ୍ପଷ୍ଟ ହୋଇଛି । ଦଳପତି କିମ୍ବା ଜଣେ ଯୋଦ୍ଧା ବୀରତ୍ୱର ସହିତ ଶତ୍ରୁ ସହ ଲଢ଼େଇ କରିବା ସମୟରେ ମୃତ୍ୟୁ ହେଲେ, ତାଙ୍କ ସ୍ମୃତିରେ ଏକ ପ୍ରସ୍ତର ଫଳକ ଉତ୍ସର୍ଗ କରିବାର ପରମ୍ପରାକୁ ଅନୁଗୁଳର ପ୍ରାଚୀନ ଓ ମଧ୍ୟଯୁଗୀୟ ଲୋକମାନେ ଅନୁସରଣ କରୁଥିବା ଏହି ବୀର ଫଳକ ପ୍ରମାଣ କରୁଛି । ଅନୁଗୁଳ ଇତିହାସ ସହିତ ଏହି ବୀର ଫଳକର ଅନେକ ସଂପର୍କ ରହିଥିବା କୁହାଯାଉଛି ।

ଗବେଷକମାନେ ନତଡ଼ା ଗ୍ରାମର ମଧ୍ୟସ୍ଥଳର ଏକ ଖୋଲା ସ୍ଥାନରେ ସିମେଣ୍ଟ ମଣ୍ଡପ ଉପରେ ୩ଟି ଓ ଝିଣ୍ଟିପାଳଠାରେ ୮ ଟି ବୀର ଫଳକ ଦେଖିବାକୁ ପାଇଛନ୍ତି । ଝିଣ୍ଟିପାଳର ଅଷ୍ଟଶମ୍ଭୁ ମନ୍ଦିରରେ ବୀରେଶ୍ୱର ମହାଦେବ ବା ଅଷ୍ଟଶମ୍ଭୁ ଭାବରେ ବୀର ଫଳକଗୁଡ଼ିକ ଗୋଟିଏ



ଧାଡ଼ିରେ ସ୍ଥାପିତ ହୋଇ ପୂଜା ପାଉଛନ୍ତି । ମନ୍ଦିର ପୂଜକଙ୍କ କହିବା ଅନୁସାରେ, ଏହି ଦେବତାମାନେ ନିକଟସ୍ଥ ପ୍ରାନ୍ତର ବୀର ତଇଳା ବା ରଣଭୂମିରୁ ତିନିଶହ ବର୍ଷ ପୂର୍ବେ ସଂଗ୍ରହ କରାଯାଇଛି । ବଡ଼ କେରଜାଙ୍ଗ ଗ୍ରାମର ୧୨ଟି ବୀର ଫଳକ ପାଖ ଜଙ୍ଗଲରୁ ସଂଗ୍ରହ କରି ଗୋଟିଏ ପକ୍କାଘରେ ବୀରଙ୍କେଶ୍ୱର ମହାଦେବ ଭାବରେ ପୂଜା କରାଯାଉଛି । ଏଗୁଡ଼ିକ ମଧ୍ୟରୁ କେତୋଟି ଭଙ୍ଗିଗଲାଣି । ଏହି ସ୍ଥାନକୁ ମଧ୍ୟ ବୀର ତଇଳା ବୋଲି କୁହାଯାଉଛି । କୋରଡ଼ା ଗ୍ରାମରେ ୫ଟି ଭଙ୍ଗା ବୀରଫଳକ ଏକ ଅସ୍ଥାୟୀ ମନ୍ଦିରରେ ବୀରେଶ୍ୱର ମହାଦେବ ଭାବରେ ପୂଜା ପାଉଛନ୍ତି ।

ସମସ୍ତ ବୀରଫଳକ ବାଲିପଥରରେ ତିଆରି । ଫଳକର ମଧ୍ୟ ଭାଗରେ ବାମ ହାତରେ ଢାଲ ଓ ଡାହାଣ ହାତରେ ଖଡ୍ଗ ଧାରଣ କରିଥିବା ଯୋଦ୍ଧାଙ୍କର ମୂର୍ତ୍ତି ଖୋଦିତ ହୋଇଛି । କେବଳ ଝିଣ୍ଟିପାଳ ଫଳକର ପ୍ରଥମ ଭାଗରେ ଯୋଦ୍ଧା ଜଣକ ବୀରଗତିପ୍ରାପ୍ତ ହେବାପରେ ସ୍ୱର୍ଗଲୋକକୁ ଯାଇ ଶିବଲିଙ୍ଗ ପୂଜା କରୁଥିବାର ଚିତ୍ର ଖୋଦିତ ହୋଇଛି । ଏହି ୨୮ ବୀର ଫଳକ ମଧ୍ୟରୁ କୌଣସି ଫଳକରେ ଅଭିଲେଖ ନ ଥିବାରୁ ସେଗୁଡିକର ପ୍ରତିଷ୍ଠା କାଳ ନିରୂପଣ କରିହେଉନି । ତେବେ, ଭାସ୍କର୍ଯ୍ୟ କଳା ଦୃଷ୍ଟିରୁ ଏହି ବୀର ଫଳକଗୁଡ଼ିକୁ ଅଷ୍ଟମରୁ ଦଶମ ଶତାବ୍ଦୀ ମଧ୍ୟରେ ସ୍ଥାନିତ କରାଯାଇପାରେ ବୋଲି ଗବେଷକ ଡ. ସାହୁ କହିଛନ୍ତି ।

# ଏମ୍‌ଏସ୍‌ସିବି ଦ୍ୱିତୀୟ କ୍ୟାମ୍ପସ୍ ବନ୍ଦ : ଧରଣୀଧର ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର ହେବ କ୍ୟାମ୍ପସ

ଭୁବନେଶ୍ୱର , ୦୪/୦୩ (ନି.ପ୍ର): କେନ୍ଦୁଝରଠାରେ ଥିବା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମ୍‌ଏସ୍‌ସିବି) ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସକୁ ନୂଆ କରି ପ୍ରତିଷ୍ଠା ହୋଇଥିବା ଧରଣୀଧର ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର ହେବ । ଏମ୍‌ଏସ୍‌ସିବି କ୍ୟାମ୍ପସରେ ଥିବା ସମସ୍ତ ବିଭାଗ, ପ୍ରଫେସର ଓ କର୍ମଚାରୀମାନେ ବାରିପଦାସ୍ଥିତ ମୁଖ୍ୟ କ୍ୟାମ୍ପସକୁ ଫେରିବ । ଧରଣୀଧର ବିଶ୍ୱବିଦ୍ୟାଳୟ ଓ ଏମ୍‌ଏସ୍‌ସିବି ଦ୍ୱିତୀୟ କ୍ୟାମ୍ପସ ମଧ୍ୟରେ ଦୂରତା ମାତ୍ର ୮ କିମି ହୋଇଥିବାରୁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି । ଏହାକୁ କାର୍ଯ୍ୟକାରୀ କରିବା ଲାଗି କେନ୍ଦୁଝର ଜିଲ୍ଲାପାଳଙ୍କ ସହାୟତାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ କମିଟି ଉକ୍ତ ଅଞ୍ଚଳକୁ ଯାଇ ଉଭୟ କ୍ୟାମ୍ପସ ଭିତ୍ତିଭୂମି ଯାଞ୍ଚ କରିବେ । ଏଥିସହ ଉକ୍ତ କମିଟି ଉଭୟ କ୍ୟାମ୍ପସ୍‌ର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ତିନି ଦିନ ତଳେ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି ।


ସେପଟେ ନୂଆ କରି ପ୍ରତିଷ୍ଠା ହୋଇଥିବା କୋରାପୁଟସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଲାଗି ଅତିରିକ୍ତ ସ୍ଥାନର ଆବଶ୍ୟକତା ରହିଛି । ଏବେ କ୍ୟାମ୍ପସ ଯେତିକି ଅଞ୍ଚଳରେ ରହିଛି, ତାହା ଯଥେଷ୍ଟ ନୁହେଁ । ତେଣୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ନିକଟରେ ଅବ୍ୟବହୃତ ହୋଇ ପଡ଼ି ରହିଥିବା ଜଳସେଚନ ପ୍ରକଳ୍ପର ଜମି ଓ କୋଠାକୁ ବିଶ୍ୱବିଦ୍ୟାଳୟ ଲାଗି ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୋରାପୁଟ ଜିଲ୍ଲାପାଳ ଏନେଇ ଜଳସମ୍ପଦ ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବାକୁ କୁହାଯାଇଛି । ଉଭୟ ବିକ୍ରମଦେବ ଓ ଧରଣୀଧର ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ହେବେ । ଉକ୍ତ ଅଞ୍ଚଳରେ ଥିବା ଯୁକ୍ତ୩ କଲେଜଗୁଡ଼ିକ ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବ । ଉଦାହରଣ ସ୍ୱରୂପ କେନ୍ଦୁଝର ଜିଲ୍ଲାରେ ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜଗୁଡ଼ିକ ଏଣିକି ଧରଣୀଧର ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ କରିବାକୁ ନିଷ୍ପତ୍ତି ହୋଇଛି । ବର୍ତ୍ତମାନ ଉକ୍ତ ଦୁଇ ଶିକ୍ଷାନୁଷ୍ଠାନରେ ଚାଲିଥିବା ୟୁଜି(ସ୍ନାତକ) ପାଠ୍ୟକ୍ରମ ବିଶ୍ୱବିଦ୍ୟାଳୟର ବିଷୟ ଭାବେ ଚାଲିବ । ଏବେ ବିକ୍ରମଦେବ କଲେଜ ଓ ଧରଣୀଧର କଲେଜ ଯେଉଁ କ୍ୟାମ୍ପସରେ ଚାଲିଛି, ତାହା ସେଠାରେ ହିଁ ରହିବ । ଉକ୍ତ ଦୁଇ କଲେଜରେ ଥିବା ସମସ୍ତ ଅଧ୍ୟାପକ ଓ ଅଣ-ଶିକ୍ଷକମାନେ




ବିଶ୍ୱବିଦ୍ୟାଳୟରେ ନିୟୋଜିତ ହେବା ସହ କାର୍ଯ୍ୟ କରିବେ । ୟୁଜିସି ନିୟମ ଅନୁଯାୟୀ, ଉକ୍ତ ଦୁଇ ବିଶ୍ୱବିଦ୍ୟାଳୟରେ ନିୟୋଜିତ ହେବାକୁ ଥିବା ଅଧ୍ୟାପକ ଓ ଅଣ-ଶିକ୍ଷକଙ୍କ ପାଇଁ ଆବଶ୍ୟକ ଅର୍ଥ ଉଚ୍ଚଶିକ୍ଷା ବିଭାଗ ପ୍ରଦାନ କରିବ । ନିୟମିତ କୁଳପତି ନିଯୁକ୍ତ ହେବା ପର୍ଯ୍ୟନ୍ତ ଜଣେ ବିଶିଷ୍ଟ ପ୍ରଫେସରଙ୍କୁ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ପଦବିରେ ଅଧିଷ୍ଠିତ କରାଯିବ । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପଠାଯିବାକୁ ଥିବା ପ୍ରସ୍ତାବ ଆଧାରରେ ଓଏସ୍‌ଡି ଚୟନ ହେବେ । ତେବେ ନିୟମିତ କୁଳସଚିବ ନିଯୁକ୍ତ ହେବା ପର୍ଯ୍ୟନ୍ତ ଉଭୟ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ଭାବେ ଦାୟିତ୍ୱ ତୁଲାଇବେ । ବର୍ତ୍ତମାନ ଶିକ୍ଷାନୁଷ୍ଠାନର ପରୀକ୍ଷା ନିୟନ୍ତ୍ରକ ବିଶ୍ୱବିଦ୍ୟାଳୟ ପାଇଁ କାର୍ଯ୍ୟ କରିବେ । ତେବେ ଉଭୟ ବିଶ୍ୱବିଦ୍ୟାଳୟ ବିତ୍ତ ନିୟନ୍ତ୍ରକ ନିଯୁକ୍ତି ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓଏଫ୍‌ଏସ୍ ଅଫିସରଙ୍କ ନାମ ପଠାଇବାକୁ କୁହାଯାଇଛି । ବିଶ୍ୱବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ଲାଗି ଆବଶ୍ୟକ ଅର୍ଥ ଉଚ୍ଚଶିକ୍ଷା ବିଭାଗର ବର୍ତ୍ତମାନ ବଜେଟ୍‌ରୁ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡ଼ା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୧୧୧
(ପୂର୍ବ ପ୍ରକାଶିତ ଉତ୍ତାରୁ...)

### ରାଜନୈତିକ ଘନଘଟା

ପୃଥିବୀବ୍ୟାପୀ ଦ୍ୱିତୀୟ ମହାଯୁଦ୍ଧ ଚାଲିଛି। ୧୯୧୪ରୁ ୧୯୧୮ ସାଲ ପର୍ଯ୍ୟନ୍ତ ପ୍ରଥମ ମହାଯୁଦ୍ଧ ସଂଘଟିତ ହୋଇଥିଲା । ତହିଁରେ ଜର୍ମାନୀ ପରାସ୍ତ ହେଲା ଓ ଇଂଲଣ୍ଡ, ଫ୍ରାନ୍ସ ଓ ଅନ୍ୟାନ୍ୟ ମିତ୍ରଶକ୍ତିମାନେ ଜୟଯୁକ୍ତ ହେଲେ। ଏହି ଯୁଦ୍ଧରେ ଯେଉଁ ସନ୍ଧିପତ୍ର ଫ୍ରାନ୍ସ ଦେଶସ୍ଥ ଭାର୍ସେଲ୍‌ଠାରେ ସ୍ୱାକ୍ଷରିତ ହୋଇଥିଲା, ତହିଁରେ ଜର୍ମାନୀକୁ ଏକାବେଳକେ ହୀନବଳ କରିବା ବ୍ୟବସ୍ଥା ହୋଇଥିଲା। ଏହି ଯୁଦ୍ଧଫଳରେ ଜର୍ମାନୀ ତାହାର ଆଫ୍ରିକା ମହାଦେଶସ୍ଥ ଉପନିବେଶ ସମସ୍ତ ହରାଇଲା। ଏହି ଯୁଦ୍ଧ ଫଳରେ ଜର୍ମାନୀ ତାହାର ଆଫ୍ରିକା ମହାଦେଶସ୍ଥ ଉପନିବେଶ ସମସ୍ତ ହରାଇଲା ଅଥଚ ଇଉରୋପୀୟ ଅନ୍ୟାନ୍ୟ ଦେଶସମୂହ ଏହି ମହାଦେଶସ୍ଥ ଭିନ୍ନ ଭିନ୍ନ ଅଞ୍ଚଳରେ ପୂର୍ଣ୍ଣ ଆଧିପତ୍ୟ ରକ୍ଷାକଲେ। ଜର୍ମାନୀ ରାଜ୍ୟ ଖଣ୍ଡବିଖଣ୍ଡ ହୋଇ କେତେକାଂଶ ଫ୍ରାନ୍ସ ଓ କେତେକାଂଶ ପୋଲାଣ୍ଡ ସହିତ ସଂଯୁକ୍ତ ହେଲା। ସେହିଦିନଠାରୁ ଜର୍ମାନୀ ଏହି ବ୍ୟବସ୍ଥା ବିରୁଦ୍ଧରେ ପ୍ରତିବାଦ କରିଆସୁଥିଲା । ବିଜୟୀ ମିତ୍ରଶକ୍ତିପୁଞ୍ଜ ଜର୍ମାନୀକୁ ଅସ୍ତ୍ରଶସ୍ତ୍ରାଦିରେ ହୀନବଳ କରିଦେଇଥିଲେ ହେଁ ଭିତରେ ଭିତରେ ଜର୍ମାନୀ ପ୍ରଭୂତ ଅସ୍ତ୍ରଶସ୍ତ୍ରରେ କ୍ରମେ କ୍ରମେ ସଜ୍ଜିତ ହୋଇଉଠିଲା ଓ ହିଟ୍‌ଲର୍‌ଙ୍କ ନେତୃତ୍ୱରେ ଆଉଥରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେବାକୁ ଲାଗିଲା। କ୍ରମେ କ୍ରମେ ଅଷ୍ଟ୍ରିଆ, ଚେକୋସ୍ଲୋଭାକିଆ ଓ ଆଉ କେତେ ରାଜ୍ୟକୁ ବଳାତ୍କାର ଦଖଲକଲା। ପରିଶେଷରେ ୧୯୩୯ ମସିହାରେ ପୋଲାଣ୍ଡର ଡାନଜିକ୍ ନାମକ ବନ୍ଦର ଦାବିକଲା । ଇଂଲଣ୍ଡ ଓ ଫ୍ରାନ୍ସର ପ୍ରରୋଚନାରେ ପୋଲାଣ୍ଡର ଏହି ଦାବି ଅଗ୍ରାହ୍ୟ କଲା। ଫଳରେ ଜର୍ମାନୀ ସେହି ବର୍ଷ ସେପ୍ଟେମ୍ବର ୨ ତାରିଖରେ ପୋଲାଣ୍ଡ ବିରୁଦ୍ଧରେ ଯୁଦ୍ଧଘୋଷଣା କଲା। ଇଂଲଣ୍ଡ ଓ ଫ୍ରାନ୍ସ ପୋଲାଣ୍ଡକୁ ବାରମ୍ବାର ସାହାଯ୍ୟ ଦେବା ଆଶାଦେଇ ଆଶାନୁରୂପ ସାହାଯ୍ୟ ଦେଲେ ନାହିଁ। କ୍ରମେ କ୍ରମେ ଇଂଲଣ୍ଡ ଓ ଫ୍ରାନ୍ସ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ। ଇଟାଲି ଜର୍ମାନୀ ପକ୍ଷ ଗ୍ରହଣ କରି ଇଂଲଣ୍ଡ ଓ ଫ୍ରାନ୍ସ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା। କ୍ରମେ କ୍ରମେ ୟୁରୋପର ଅନ୍ୟାନ୍ୟ ରାଜ୍ୟମାନେ ଭିନ୍ନ ଭିନ୍ନ ପକ୍ଷ ଗ୍ରହଣ କଲେ । ସମଗ୍ର ପୃଥିବୀରେ ଯୁଦ୍ଧବହ୍ନି ପ୍ରଜ୍ଜ୍ୱଳିତ ହେଲା । ଜର୍ମାନୀ କ୍ରମେ କ୍ରମେ ଡେନ୍‌ମାର୍କ, ନରୱେ, ବେଲ୍‌ଜିୟମ୍, ହଲାଣ୍ଡ ଅଧିକାର କଲା। ଫ୍ରାନ୍ସ ଅଧିକଦିନ ଯୁଦ୍ଧ କରି ନପାରି ଇଂଲଣ୍ଡରୁ ପୃଥକ୍‌ହୋଇ ଜର୍ମାନୀ ସହିତ ସନ୍ଧିକଲା। ଫଳରେ ଫ୍ରାନ୍ସର କେତେକାଂଶ ଜର୍ମାନୀ ଦଖଲ କଲା। ଇଟାଲୀ ଗ୍ରୀସ୍ ବିରୁଦ୍ଧରେ ଯୁଦ୍ଧ କରି ପରାସ୍ତ ହେଲା। କିନ୍ତୁ ଜର୍ମାନୀ ଗ୍ରୀସ୍ ଆକ୍ରମଣ କରି ତାହାକୁ ସ୍ୱାଧିକାରଭୁକ୍ତ କଲା । ୧୯୪୧ ମସିହା ଜୁନ୍‌ମାସରେ ଜର୍ମାନୀ ରୁଷିଆ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ସେହି ଦେଶ ଆକ୍ରମଣ କଲା। ୟୁରୋପର ସୁଇଜରଲାଣ୍ଡ, ଟର୍କି, ପର୍ତ୍ତୁଗାଲ, ବ୍ୟତୀତ ସମସ୍ତ ଦେଶ ଯୁଦ୍ଧରେ ଲିପ୍ତ ହେଲେ। ସ୍ପେନ୍ ନାମ ମାତ୍ର ଯୁଦ୍ଧରୁ ପୃଥକ୍ ଥିଲାନ୍ତ ଜର୍ମାନୀକୁ ଅନେକ ସୈନ୍ୟ ସାହାଯ୍ୟ କରୁଥିଲା। ଏସିଆ ମହାଦେଶରେ ଚୀନ୍ ଓ ଜାପାନ୍ ମଧ୍ୟରେ ଯୁଦ୍ଧ ଚାଲିଆସୁଥିଲା। ୧୯୪୧ ମସିହା ଡିସେମ୍ବର ମାସରୁ ଜାପାନ୍, ଇଂଲଣ୍ଡ ଓ ଆମେରିକାର ଯୁକ୍ତରାଷ୍ଟ୍ର ବିରୁଦ୍ଧରେ ଯୁଦ୍ଧରେ ବ୍ୟାପୃତ ହେଲା। ପରିଶେଷରେ ଇଂଲଣ୍ଡ, ରୁଷିଆ ଓ ଆମେରିକାର ଯୁକ୍ତରାଷ୍ଟ୍ର ଏକପକ୍ଷରେ ଓ ଜର୍ମାନୀ, ଇଟାଲୀ ଓ ଜାପାନ ଅନ୍ୟପକ୍ଷରେ ରହି ଯୁଦ୍ଧକଲେ । ଏହି ଯୁଦ୍ଧର ଉଦ୍ଦେଶ୍ୟ ସମ୍ବନ୍ଧରେ ଇଂଲଣ୍ଡ ଓ ଆମେରିକା ମୂଳରୁ ପ୍ରଚାର କରିଆସୁଥିଲେ ଯେ, ସେମାନେ ପୃଥିବୀରେ ସ୍ୱାଧୀନତା ରକ୍ଷା ସକାଶେ ଓ ଭିନ୍ନ ଭିନ୍ନ ପରାଭୂତ ଦେଶ ସମୂହକୁ ସ୍ୱାଧୀନତା ଦେବା ସକାଶେ ଯୁଦ୍ଧ କରୁଅଛନ୍ତି। କିନ୍ତୁ ସେମାନଙ୍କ କାର୍ଯ୍ୟକଳାପରୁ ଏହି ନୀତିକୁ ଭାରତବର୍ଷ ପ୍ରତି ପ୍ରୟୋଗ କରିବା ସେମାନଙ୍କ ଉଦ୍ଦେଶ୍ୟର ବହିର୍ଭୂତ ବୋଲି ପରିଷ୍କାର ଭାବରେ ଦେଖାଇ ଦେଉଥାଆନ୍ତି। ୧୯୪୧ ମସିହା ଅଗଷ୍ଟ ମାସରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ମି. ଚର୍ଚ୍ଚିଲ୍ ଯୁକ୍ତରାଷ୍ଟ୍ରର ପ୍ରେସିଡେଣ୍ଟ୍ ରୁଜ୍‌ଭେଲ୍‌ଟଙ୍କ ସଙ୍ଗେ ଆଟ୍‌ଲାଣ୍ଟିକ ମହାସାଗର ମଧ୍ୟରେ ଗୋଟିଏ ଜାହାଜରେ ସାକ୍ଷାତକରି ଯୁଦ୍ଧର ଉଦ୍ଦେଶ୍ୟାଦି ସମ୍ବନ୍ଧରେ ଆଲୋଚନା କରିଥିଲେ । ଉକ୍ତ ଆଲୋଚନାରେ ପ୍ରେସିଡେଣ୍ଟ୍ ରୁଜଭେଲ୍‌ଟ ଯୁଦ୍ଧର ଉଦ୍ଦେଶ୍ୟ ସମ୍ବନ୍ଧରେ କେତେଗୁଡ଼ିଏ କଥା ପ୍ରକାଶ କରିଥିଲେ। ତନ୍ମଧ୍ୟରୁ ଗୋଟିଏ ଏହା ଥିଲା ଯେ, ବିଜିତ ଓ ପରାଧୀନ ଦେଶସମୂହକୁ ସ୍ୱାଧୀନତା ପ୍ରଦାନ କରିବା ଯୁଦ୍ଧର ମୁଖ୍ୟ ଉଦ୍ଦେଶ୍ୟ। ଏହି ନୀତି ଭାରତବର୍ଷ ପାଇଁ ପ୍ରଯୋଜ୍ୟ କି ନା ବୋଲି ପ୍ରଶ୍ନ କରାଗଲାନ୍ତ ମି. ଚର୍ଚ୍ଚିଲ ପ୍ରକାଶ୍ୟ ଭାବରେ କହିଲେ ଯେ, ଏହା ଭାରତବର୍ଷ ପ୍ରତି ପ୍ରଯୋଜ୍ୟ ନୁହେଁ । ୧୯୪୦ ମସିହା ଅଗଷ୍ଟ ମାସରେ ମି. ଚର୍ଚ୍ଚିଲ୍ ଭାରତବର୍ଷ ସମ୍ବନ୍ଧରେ ଯେଉଁ ଘୋଷଣା କରିଥିଲେ, ତହିଁରେ ସେ କହିଥିଲେ ଯେ ଭାରତବାସୀ ପୂର୍ଣ୍ଣ ହୃଦୟରେ ଯୁଦ୍ଧ ଜୟ ସକାଶେ ଇଂଲଣ୍ଡ ସପକ୍ଷରେ ସାହାଯ୍ୟ କରନ୍ତୁ ଓ ଯୁଦ୍ଧ ଜୟ ଉତ୍ତାରେ ସେମାନଙ୍କୁ ସ୍ୱାୟତ୍ତଶାସନ ଦିଆଯିବା ସକାଶେ ଚେଷ୍ଟା କରାଯିବ। ଭାରତବର୍ଷର ନେତୃବୃନ୍ଦ ଏଥିରେ ସନ୍ତୋଷଲାଭ କରିପାରିଲେ ନାହିଁ ଓ ଅବିଳମ୍ବରେ ସ୍ୱାଧୀନତା ଦାବିକରି କହିଲେ ଯେ, ଯଦି ସ୍ୱାଧୀନତା ଦିଆଯାଏ, ତାହାହେଲେ ସ୍ୱାଧୀନ ଭାରତ ଶତ୍ରୁମାନଙ୍କ ବିପକ୍ଷରେ ଦଣ୍ଡାୟମାନ ହେବ । ଭାରତବାସୀ ଆବହମାନକାଳରୁ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ। ସେମାନେ ପରସ୍ପର ମଧ୍ୟରେ ବିରୋଧୀ। ଜାତି, ଧର୍ମ, ଭାଷା ଭାରତକୁ ଚିରକାଳ କ୍ଷତବିକ୍ଷତ କରିପକାଇଛି । ଏ ସମ୍ବନ୍ଧରେ ଗଣ୍ଡଗୋଳ ଆଜିଯାଏ ସମାଧାନ ହୋଇପାରିନାହିଁ । ସେହି ସମୟରେ ଭାରତର ଏକତାର ପ୍ରଧାନ ବିରୋଧୀଦଳ ମୁଣ୍ଡ ଟେକିଥିଲେ ମୁସ୍‌ଲିମ୍ ଲିଗ୍ । ମୁସଲିମ୍ ଲିଗ୍‌ର ନେତା ମହମ୍ମଦ ଅଲି ଜିନ୍ନା ମୁସଲମାନ ପ୍ରଧାନ ବଙ୍ଗପ୍ରଦେଶ, ପଞ୍ଜାବ, ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ଓ ସିନ୍ଧୁ ପ୍ରଦେଶକୁ ଭାରତବର୍ଷକୁ ବିଚ୍ଛିନ୍ନ କରି ପାକିସ୍ତାନ ନାମରେ ଏକ ସ୍ୱତନ୍ତ୍ର ମୁସଲମାନ ରାଜ୍ୟ ସ୍ଥାପନ ଦାବି କରିଥିଲେ ଓ ଘୋଷଣା କରିଥିଲେ ଯେ, ଏହା ସପକ୍ଷରେ ଇଂରେଜ ସରକାର ପ୍ରତିଶ୍ରୁତି ଦେଲେ ସେମାନେ ସେମାନଙ୍କ ପକ୍ଷରେ ଯୋଗଦେବେ । କଂଗ୍ରେସ ଭାରତକୁ ଖଣ୍ଡବିଖଣ୍ଡ କରିବାରେ ସମ୍ପୂର୍ଣ୍ଣ ବିରୋଧୀ ଥିଲା । କଂଗ୍ରେସ ଦାବି କଲା ଯେ, ଭାରତ ଅବିଭକ୍ତ, ଅବିଭାଜ୍ୟ ଓ ସମସ୍ତ ଭାରତବାସୀଙ୍କ ଭୋଟଦ୍ୱାରା ନୂତନ ଶାସନତନ୍ତ୍ର ପ୍ରତିଷ୍ଠିତ ହେଉ। ଏଥିରେ ମୁସ୍‌ଲିମ୍ ଆପତ୍ତି କଲା ଯେ, ଭାରତବର୍ଷର ଲୋକସଂଖ୍ୟା ବିବେଚନାରେ ହିନ୍ଦୁମାନେ ସଂଖ୍ୟାଗରିଷ୍ଠ ଥିବା ହେତୁରୁ ନୂତନ ଶାସନତନ୍ତ୍ରରେ ସେମାନଙ୍କ ପ୍ରାଧାନ୍ୟ ଅକ୍ଷୁର୍ଣ୍ଣ ରହିବ ଓ ମୁସଲମାନମାନେ ସଂଖ୍ୟାନ୍ୟୁନ ହୋଇ ରହିବେ। ସଂଖ୍ୟାନ୍ୟୁନ ସମ୍ପ୍ରଦାୟ ସକାଶେ ନୂତନ ଶାସନତନ୍ତ୍ରରେ ସୁବ୍ୟବସ୍ଥା ରଖିବା ସମ୍ପର୍କରେ ଯେତେ ପ୍ରକାର ପ୍ରତିଶ୍ରୁତି ଜ୍ଞାପନକଲେ ସୁଦ୍ଧା ମହମ୍ମଦ ଅଲି ଜିନ୍ନାଙ୍କ ଏକ ଜିଦ୍ ହେଲା ଯେ, ପାକିସ୍ତାନ ନ ହେଲେ ସେ ନୂତନ ଶାସନତନ୍ତ୍ର କରାଇ ଦେବେନାହିଁ। ପ୍ରଧାନ ପ୍ରଧାନ ମୁସଲମାନ ମହଲରେ ସୁଦ୍ଧା ଏହି ଜିନ୍ନାଙ୍କର ଦାବି ଅଯୌକ୍ତିକ ବୋଲି ବିବେଚିତ ହେଲା। କିନ୍ତୁ ଏ ପକ୍ଷରେ ସମର୍ଥନ ଅତ୍ୟନ୍ତ ପ୍ରବଳ ହେବାକୁ ଲାଗିଲା। ଭାରତରେ ମୁସଲମାନ ସମ୍ପ୍ରଦାୟ ସଂଖ୍ୟାନ୍ୟୁନ। ସଂଖ୍ୟାଗରିଷ୍ଠ କରିବାକୁ ହେଲେ ବହୁସଂଖ୍ୟକ ହିନ୍ଦୁ ପୁଣି ମୁସଲମାନ ଧର୍ମ ଗ୍ରହଣ ନ କଲେ ମୁସଲମାନ ସମ୍ପ୍ରଦାୟ ସଂଖ୍ୟା ଗରିଷ୍ଠ ହୋଇପାରିବେ ନାହିଁ। ବର୍ତ୍ତମାନ ଯୁଗରେ ଏହା ସମ୍ଭବ ନୁହେଁ। ପୁଣି ଚାରିଗୋଟି ପ୍ରଦେଶରେ ସିନା ମୁସଲମାନ ସଂଖ୍ୟା ହିନ୍ଦୁମାନଙ୍କ ଅପେକ୍ଷା ଅଧିକ; ଅନ୍ୟ ଯେଉଁ ଯେଉଁ ପ୍ରଦେଶମାନଙ୍କରେ ମୁସଲମାନମାନେ ରହିଅଛନ୍ତି ସେମାନଙ୍କୁ କଣ ପାକିସ୍ତାନକୁ ଉଠାଇ ନିଆଯିବ! ତହିଁର କୌଣସି ବ୍ୟବସ୍ଥା ସମ୍ବନ୍ଧରେ ଜିନ୍ନା କିଛି କହୁନଥିଲେ। ପୁନଶ୍ଚ ଯଦି ସଂଖ୍ୟାନ୍ୟୁନତା କାରଣରୁ ହିନ୍ଦୁମାନଙ୍କ ସହିତ ଏକ ଶାସନାଧୀନରେ ରହିବା ସକାଶେ ଏଡ଼େ ଆପତ୍ତି, ପାକିସ୍ତାନରେ ହିନ୍ଦୁମାନଙ୍କୁ ରଖିବେ କିପରି? ସେ ସମ୍ବନ୍ଧରେ ମଧ୍ୟ ଜିନ୍ନା ନିରବ ରହିଲେ। ଯେଉଁ କାରଣରୁ ସେ ମୁସଲମାନମାନଙ୍କୁ ହିନ୍ଦୁମାନଙ୍କ ସହିତ ରଖିବାକୁ ଅନିଚ୍ଛୁକ ସେହି କାରଣ ତ ହିନ୍ଦୁମାନଙ୍କ ପ୍ରତି ମଧ୍ୟ ପ୍ରଯୋଜ୍ୟ ।

♥ (କ୍ରମଶଃ)

# ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ଦୁଇଧାର ଲୁହ



**ଡ.ମଣୀନ୍ଦ୍ର କୁମାର ମେହେର**

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଦିନେ ପ୍ରଫେସର ଭାବରେ ମୋତେ ଅବସ୍ଥାପିତ ହେବାକୁ ପଡ଼ିବ, ଏହା ଭାବିନଥିଲି କେବେ । ଯେତେବେଳେ ଏହି ଅପୂର୍ବ ସୁଯୋଗ ମିଳିଲା ସେତେବେଳେ ଅପାର କୃତଜ୍ଞତାରେ ମୋ ହୃଦୟ ପରିପୂର୍ଣ୍ଣ ହୋଇଯାଇଥିଲା । ସ୍ୱାଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ଭାବରେ ମୋର ଜନ୍ମ ଘଟିଥିଲା ବରପାଲିରେ । ସେହି ସ୍ଥାନୀୟ କଲେଜରେ ଆରମ୍ଭ ହୋଇଥିଲା ମୋର ଅଧ୍ୟାପକ ଜୀବନ । ଜନ୍ମଭୂମି ବରପାଲି ମୋ ପାଇଁ ଏକ ମହାନ ତୀର୍ଥ । କର୍ମମୟ ଜୀବନର ଅନ୍ତିମ ଲଗ୍ନରେ ଓଡ଼ିଶାର ଆଉ ଏକ ମହାନ ସାରସ୍ୱତ କ୍ଷେତ୍ର ବାଲେଶ୍ୱର ମୋର କର୍ମ ଭୂମି ହେବାର ଅପୂର୍ବ ସଂଯୋଗ ମୋ ଭିତରେ ଏହି ଅନୁଭବ ଜାଗ୍ରତ କଲା ଯେ- ଏହାହିଁ ମୋର ଦ୍ୱିତୀୟ ଜନ୍ମଭୂମି । ପ୍ରତିଟି ଲୋମକୂପରେ ମୋର ଖେଳିଗଲା ନୂତନ ଶିହରଣ । ହୃଦୟରେ ଭରିଗଲା ଅମାପ ଉଦ୍ଦୀପନା । ବାଲେଶ୍ୱର ମାଟିକୁ ପ୍ରାଣଦେଇ ଭଲ ପାଇବାରେ ଅନୁଭବ କଲି ଜୀବନର ଶେଷହୀନ ସାର୍ଥକତା ।

୨୦୨୦ ମସିହା ଫେବୃୟାରୀ ମାସରେ ପ୍ରବେଶ କରିଥିଲି ଫକୀରମୋହନ ବିଶ୍ୱବିଦ୍ୟାଳୟ ବ୍ୟାସବିହାର ମଧ୍ୟକୁ । ଯେଉଁଠି ବି ଦେଖେ ଫକୀରମୋହନଙ୍କ ପ୍ରତିକୃତି, ତାହା କେବେ ହେଲେ ପ୍ରାଣହୀନ ମୂର୍ତ୍ତି ବା ଛବି ପରି ପ୍ରତୀତ ହୁଏନାହିଁ । ସବୁବେଳେ ମନେହୁଏ ସତେ ଯେମିତି ଫକୀରମୋହନ ମୋ ଉଦ୍ଦେଶ୍ୟରେ କଣ କହିବାକୁ ଚାହୁଁଛନ୍ତି, ଅଥଚ ମୁଁ ତାହା ଶୁଣିପାରିବାରେ ହେଉଛି ଅକ୍ଷମ । କିଛିଦିନ ବିତିଯିବା ପରେ ବ୍ୟାସବିହାରର ସମ୍ମୁଖରେ ପ୍ରତିଷ୍ଠିତ ହେଲା ଫକୀରମୋହନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି । ସେ ଦିନଠାରୁ ବ୍ୟାସବିହାର ମଧ୍ୟକୁ ପ୍ରବେଶ କଲାବେଳେ ଆଉ ପ୍ରସ୍ଥାନ ସମୟରେ ହାତଦୁଇଟି ଆପେ ଆପେ ଯୋଡ଼ି ହୋଇଯାଏ ସେହି ବିଶାଳ ପ୍ରତିମୂର୍ତ୍ତି ପ୍ରତି ।

ବ୍ୟାସବିହାରରୁ କର୍ମମୟ ଦିନାନ୍ତେ ପ୍ରତ୍ୟାବର୍ତ୍ତନ କଲାବେଳେ ଉତ୍ତୀର୍ଣ୍ଣ ହୋଇ ଯାଇଥାଏ ସଂଧ୍ୟା । ପ୍ରତିଦିନ ଆସିବା ବେଳେ ସ୍ୱତଃସ୍ଫୁର୍ତ୍ତ ଭାବରେ ଭକ୍ତି ନିବେଦନ ତ କରୁଥାଏ । ମାତ୍ର ଯେଉଁ ନିର୍ଦ୍ଦିଷ୍ଟ ଦିନଟିର କଥା ଉଲ୍ଲେଖ କରିବାକୁ ଯାଉଛି, ସେଦିନ ଆକସ୍ମିକ ଭାବରେ ଏପରି ଏକ ପରିସ୍ଥିତିର ସମ୍ମୁଖୀନ ମୋତେ ହେବାକୁ ପଡ଼ିବ, ଏହା କେବେ ହେଲେ ଭାବିନଥିଲି । ବିଶ୍ୱବିଦ୍ୟାଳୟ ଗେଟ ମଧ୍ୟ ଦେଇ ବାହାରକୁ ଯେତେବେଳେ ମୋ କାର୍ ଠିକ୍ ବାହାରିବାକୁ ଯାଉଛି, ହଠାତ୍ ବିନା କାରଣରେ ଅଟକିଗଲା ଗାଡ଼ି । ଓଃ! ମୁଁ ଯେ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ପ୍ରତି ଦୃଷ୍ଟିପାତ କରି ପ୍ରଣାମ କରିବାକୁ ଭୁଲିଯାଇଛି, ସେଥିପାଇଁ ବୋଧହୁଏ ଅଟକିଯାଇଛି ମୁଁ ଫେରୁଥିବା କାରଟି । ଏହି ସୁଯୋଗରେ ଓହ୍ଲାଇ ପଡ଼ିଲି ମୁଁ କାର୍ ମଧ୍ୟରୁ । ନିକଟତର ହେଲି ଫକୀରମୋହନଙ୍କ ନବ ପ୍ରତିଷ୍ଠିତ ପ୍ରତିମୂର୍ତ୍ତି ଉଦ୍ଦେଶ୍ୟରେ । ହାତଯୋଡ଼ି ନମସ୍କାର କରିବାର ମୁଦ୍ରାରେ ଛିଡ଼ାହେଲି କିଛିକ୍ଷଣ । ତା' ପରେ ଉପରକୁ ମୁହଁଟେକି ଅନାଇଲି ଫକୀରମୋହନଙ୍କ ଚିର ପରିଚିତ ମୁଖମଣ୍ଡଳ ପ୍ରତି । ଅଧାଛାଇ ଅଧା ଆଲୁଅରେ ଯେତେବେଳେ ମୋ ଦୃଷ୍ଟି କେନ୍ଦ୍ରୀଭୂତ ହେଲା ଫକୀରମୋହନଙ୍କ ପ୍ରାଣବନ୍ତ ଆଖି ଦୁଇଟି ଉପରେ ସେତେବେଳେ ଯାହା ଦେଖିଲି ମୁଁ ତାକୁ ଅବିଶ୍ୱାସ କରିବାର କୌଣସି କାରଣ ନଥିଲା । ବାଲ୍ୟ କାଳରୁ ମହାପୁରୁଷମାନଙ୍କ ପ୍ରତିକୃତି ଓ ପ୍ରତିମର୍ତ୍ତି କେବେହେଲେ ମୋତେ ନିଷ୍ପ୍ରାଣ ମନେହୁଅନ୍ତି ନାହିଁ । ଅତ୍ୟନ୍ତ ସ୍ୱାଭାବିକ ଭାବରେ ମୁଁ ସେମାନଙ୍କ ସହ ଭାବବିନିମୟ କରିପାରେ ଅବାଧରେ । ପାର୍ଥକ୍ୟ କେବଳ ଏତିକି ଯେ ଯାହା ଜୀବନ୍ତ ମନୁଷ୍ୟମାନଙ୍କ ଆଗରେ କହିପାରେ ନାହିଁ ସେହି ମନକଥା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ତଳେ ଛିଡ଼ା ହୋଇ ନିଃସଙ୍କୋଚ ଭାବରେ ହୃଦୟର ଅନୁଭବ ବ୍ୟକ୍ତ କରିପାରେ କଳ୍ପନାତୀତ ଆବେଗ ନେଇ । ସେଦିନ ସେହି ମୁହୂର୍ତ୍ତରେ ମୁଁ ଫକୀରମୋହନଙ୍କୁ କିଛି କହିବା ପୂର୍ବରୁ ତାଙ୍କ ସୂକ୍ଷ୍ମ କଣ୍ଠସ୍ୱର ଶୁଣି ପାରିଲି ଅନ୍ତର ମଧ୍ୟରେ । ସ୍ନେହସିକ୍ତ ସମ୍ବୋଧନରେ ମୋତେ ଗୋଟାପଣେ ଭାବାପ୍ଲୁତ କରିଦେଇ ସେ କହି ଉଠିଲେ- 'ବାବୁ! ତୁ ଏଠାକୁ ଆସିଲୁ ବୋଲି ମୋ ଆତ୍ମା କେତେ ଉଲ୍ଲସିତ, ତାହା ଜାଣି ପାରୁଥିବୁ ନିଶ୍ଚୟ ।' ମୁଁ ଆନନ୍ଦାଶ୍ରୁ ବିଗଳିତ ସ୍ୱରରେ କହିଲି- 'ହଁ, ତାହା ତ ମର୍ମେ ମର୍ମେ ଅନୁଭବ କରେ ସେତିକି ନୁହେଁ । ମୁଁ ଜାଣେ ଯେ ଆପଣଙ୍କ ଇଙ୍ଗିତରେ ହିଁ ମୁଁ ଆସିଛି ଏଠାକୁ ।'

ଫକୀରମୋହନ ପୁନଶ୍ଚ ଉଚ୍ଚାରଣ କଲେ- 'ତୁ କେବଳ ଗଂଗାଧର ମେହେରଙ୍କ ପଣନାତି ବୋଲି ଭାବୁଛୁ କି?' ଆହାଃ! ଏହି ପ୍ରଶ୍ନଟି ଶୁଣିବା ପାଇଁ ଯେପରି ଆତୁର ଥିଲା ମୋର ମନ ବର୍ଷ ବର୍ଷ ବ୍ୟାପୀ । ଫକୀରମୋହନଙ୍କ ସ୍ନେହପୂର୍ଣ୍ଣ ପ୍ରଶ୍ନର ଉତ୍ତର ଦେଇ କହିଥିଲି- 'ମୁଁ ଯେପରି ଆପଣଙ୍କ ପ୍ରିୟ କବି ଗଂଗାଧରଙ୍କ ପ୍ରପୌତ୍ର, ଠିକ୍ ସେହିପରି ଗଂଗାଧରଙ୍କ ପ୍ରିୟ କବି ଫକୀରମୋହନଙ୍କ ମଧ୍ୟ ମୁଁ ପଣନାତି ଏହା ସତକୁ ସତ ଅନୁଭବ କରିଆସିଛି ସର୍ବଦା । ଗଂଗାଧର ଯେମିତି ମୋର ପରମ ପୂଜ୍ୟ ପ୍ରପିତାମହ, ଆପଣ ବି ସେହିପରି ମୋର ଅତ୍ୟନ୍ତ ଆପଣାର ପଣଜେଜେ ।' ତା'ପରେ ସୁଦୀର୍ଘ ସମୟ ବ୍ୟାପୀ ଚାଲିଲା ଭାବ ବିନିମୟର ଅବାରିତ ସ୍ରୋତ । ଯାହା ଯାହା ସେ ମୋ କର୍ଣ୍ଣ ଗହ୍ୱର ପାଖରେ ଉଚ୍ଚାରଣ କରିଗଲେ ସେ ସମସ୍ତ ପ୍ରସଙ୍ଗ ଆଦୌ ଉନ୍ମୋଚନ କରି ଦେଇପାରିବି ନାହିଁ । କାରଣ ତାଙ୍କରି ଆଜ୍ଞା ମୋତେ ପାଳନ କରିବାକୁ ପଡ଼ିବ । ଅଦୃଶ୍ୟ ଜଗତର ଏହି ସୂକ୍ଷ୍ମ ବାର୍ତ୍ତାଳାପ ସର୍ବତ୍ର କହିବାର ଅନୁମତି ମୁଁ ପ୍ରାପ୍ତ ହୋଇନାହିଁ । ତା' ହେଲେ ତାଙ୍କ ସହିତ ହୋଇଥିବା ବାର୍ତ୍ତାଳାପର କେଉଁ ଅଂଶ ପ୍ରକାଶ କରିବା ଲାଗି ମୁଁ ଆଦିଷ୍ଟ ତାହା ହିଁ କେବଳ କହିବାକୁ ଯାଉଛି ।

ଫକୀରମୋହନଙ୍କ ଦୁଇଆଖି ସହିତ ମିଶିଗଲା ମୋର ଦୃଷ୍ଟି । ଏହି ସାମାନ୍ୟ ଦୃଷ୍ଟି ବିନିମୟ ମଧ୍ୟରେ ସନ୍ନିହିତ ହୋଇ ରହିଥାଏ ଶତଶତ ପୃଷ୍ଠାର ଭାବରାଶି । ଫକୀରମୋହନ କଲେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ- 'ବାବୁ! କହିଲୁ ଦେଖି ଓଡ଼ିଶାବାସୀ ମୋତେ ସତରେ କଣ ଭଲ ପାଆନ୍ତି ଏତିକି?' ଉତ୍ତର ଦେଇ କହିଦେଲି ଅପ୍ରିୟ ଯେଉଁ ସତ୍ୟ କଥାଟି ତାହାକୁ ଏଠାରେ ଉଲ୍ଲେଖ ନକରି ରହିପାରୁନାହିଁ । କହିଲି 'ଓଡ଼ିଆ ଜାତି ଆପଣଙ୍କୁ ଭଲପାଏ ହୃଦୟଭରି- ଏକଥା ଆପଣ ଜାଣି ସାରିଛନ୍ତି ନିଶ୍ଚୟ । କିନ୍ତୁ ଆପଣ ଏ ଜାତିକୁ ଯେତିକି ଆବେଗର ସହିତ ଭଲ ପାଇଥିଲେ ଆମେମାନେ ସେତିକି ଗଭୀରତର ଭାବରେ ଆପଣଙ୍କୁ ଭଲ ପାଇବାରେ ଅକ୍ଷମ ଓ ଅସମର୍ଥ ।' ଏତିକି କହୁଁ କହୁଁ କମ୍ପିତ ହୋଇଉଠିଲା ମୋର କଣ୍ଠସ୍ୱର । କିପରି ଅବା ବ୍ୟାଖ୍ୟା କରିଥାନ୍ତି ଯେ ଆମ ଭଲପାଇବା ଯଦିହୁଏ ଏକ ସୁନ୍ଦର ସୁନିର୍ମଳ ଜଳାଶୟଟିଏ; ତା' ହେଲେ ତାଙ୍କରି ଅନୁରାଗ ମହାସାଗର ସମ ସମ୍ପ୍ରସାରିତ । ଯିଏ ଜୀବିତାବସ୍ଥାରେ ଓଡ଼ିଶାକୁ ଯେତିକି ପ୍ରାଣପୂର୍ଣ୍ଣ ଭାବରେ ନିଜର କରିଥିଲେ, ଆଜି ଅଶରୀରି ସତ୍ତାରେ ରୂପାନ୍ତରିତ ହୋଇ ସମଗ୍ର ଓଡ଼ିଶାକୁ ନିବିଡ଼ ଆଲିଙ୍ଗନ ମଧ୍ୟରେ ସେ ସଂଲଗ୍ନ କରି ରଖିଛନ୍ତି ତାଙ୍କ ବକ୍ଷଦେଶ ସହ ! (କ୍ରମଶଃ)

+ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୮୯

## ଆମ ସମୟର କବିତା.....

# ॥ ନିତ୍ୟଯୋଗ ॥

**ପ୍ରୀତିଲେଖା ଦାସ**



ମୁଁ ଶରୀର ନୁହେଁ
ଏ ଶରୀର ବି ମୋର ନୁହେଁ।

ସବୁ ଅସତ,ଜଡ
ଆତ୍ମା ହିଁ କେବଳ ସତ୍ୟ, ନିତ୍ୟ, ନିରଞ୍ଜନ
ବୋଲି କହୁଥିବା ଚକ୍ରଧରର
ହୋଇଗଲା ହଠାତ୍ ସେଦିନ,
ଭଗବତ୍ ଦର୍ଶନ;
ନୂଆ କରି କଲେଜରେ ପାଦ ଥାପିଥିବା
ପାଞ୍ଚଫୁଟ ସାଢେ ତିନିଇଞ୍ଚିଆ
ଶ୍ୟାମଳୀ ତରୁଣୀ ଟିଏର
ପୋଟଳ ଚିରା ଆଖି ଭିତରେ।

ଏବେ ଚକ୍ରଧର ଆଉ
ଚକ୍ରଧର ନୁହେଁ, ଗୋଟେ ଆତ୍ମା
ତରୁଣୀ ବି ତରୁଣୀ ନୁହେଁ, ଏକ ଭଗବାନ।

ଆତ୍ମା ଓ ଭଗବାନ ଏବେ ନିତ୍ୟଯୋଗରେ
ପାର୍କ, ରେଷ୍ଟୁରାଣ୍ଟ, ଓୟୋ ଆଦିରେ
କେବେ ଦେହ, କେବେ ଦେହ ହୀନତାରେ।

କହି ବୁଲିଲା ଚକ୍ରଧର
ଯେଉଁଦିନ ଆତ୍ମକୁ ଛାଡି
ପୃଥକ ହୋଇଯିବେ ଭଗବାନ
ଆମ୍ଭେ ବି ହୋଇଯିବୁ ଏକ ସ୍ୱତନ୍ତ୍ର ଭଗବାନ
ଦୁଇଟି ଭଗବାନ ଅସମ୍ଭବ
ରହିବା ସୃଷ୍ଟିରେ
ଅତଏବ, ଛାଡିପାରିବେନି ଭଗବାନ ତାକୁ
କସ୍ମିନ୍ କାଳେ।

ଅକସ୍ମାତ୍ ଆବିଷ୍କାର ହେଲା ଦିନେ
ରାସ୍ତାକଡରୁ ଚକ୍ରଧର।

ମୋକ୍ଷ ଯାଚି ଦେଇ ତାକୁ
ଉଡିଯାଇଥିଲେ ଫୁର୍ କରି କୁଆଡେ
ଭଗବାନ ତା'ର
ଆଉ କାହା ବାଇକ୍ ପଛରେ,
କୋହ ଓ କାରୁଣ୍ୟକୁ ନେଇ
ଅଣ୍ଡାଳି ହେଉଥିଲା ନିଜକୁ ସେ
'ମଦ' ଓ 'ମୋକ୍ଷ'ର
ଶୁଦ୍ଧ ଶୂନ୍ୟତା ଭିତରେ।

ଭଗବାନ ଥିବା ନ ଥିବା ନେଇ
ସନ୍ଦେହ କରାଯାଏନି କେବେ
ଅନୁଭବ କରାଯାଏ କେବଳ ନିଜ ଭିତରେ
ପ୍ରତିଟି ଦୀର୍ଘଶ୍ୱାସରେ,
କହୁଥିଲା ଚକ୍ରଧର।

ଚନ୍ଦ୍ରକୁ ଛାଡି ଜ୍ୟୋସ୍ନା
ଶରୀରକୁ ଛାଡି ଛାୟା
ଜୀବକୁ ଛାଡି ପରମାତ୍ମା
ଅଲଗା ନ ରହିବା ପରି
ଯେଉଁଠି, ଯେତେଦୂରରେ ଥାନ୍ତୁ ନା କାହିଁକି
ଥିଲେ, ଅଛନ୍ତି ଓ ରହିଥିବେ ଭଗବାନ ମୋର
ଯୁକ୍ତ ହୋଇ ମୋ' ସହ ସବୁଦିନେ ।

ଏଇ 'ସବୁଦିନ'ଟା ଯେହେତୁ
କାଳ ଆଧାରିତ
ଯେଉଁ କାଳକୁ ଗ୍ରାସ କରିପାରନ୍ତି
କେବଳ ଭଗବାନ।

ଅତଏବ ନିର୍ଯ୍ୟାସ ହେଲା
ଆମେ ନଷ୍ଟ ହୋଇପାରୁ,
ନିଃଶେଷ ହୋଇପାରୁ
କାଳ ନଷ୍ଟ ହେଇପାରେ
କିନ୍ତୁ, ଭଗବାନ ନୁହେଁ, କେବେ ନୁହେଁ।

ଆସିବା, ଯିବା, ରହଣି ସବୁକିଛି
ତାଙ୍କ ମର୍ଜି, ତାଙ୍କୁ ନେଇ
ପ୍ରଶ୍ନ କରାଯାଇପାରେନା କେବେ
ଗୁଣ ଓ ଦୋଷରୁ ରହିତ
ସେ ଗୁଣାତୀତ।

♥ ଭୋଇସାହି, ବାଲେଶ୍ୱର
୯୮୫୩୩୪୪୬୮୮

# ॥ ପାହାଡ଼ରେ ବର୍ଷା ॥

**ମହାଦେବ ପ୍ରଧାନ**



ପ୍ରସ୍ତ ପ୍ରସ୍ତ ଦୀର୍ଘଶ୍ୱାସ,
ମୌନତାରେ, ଅସହାୟତାରେ ପୁଞ୍ଜୀଭୂତ
ମୁଁ ଅଗମ୍ୟ ପାହାଡ଼ ଢାଲୁ
ତମେ ଶୁଦ୍ଧ ଶୁଭ୍ର ଅମୃତର ପାତ..

କି ସ୍ନେହରେ କୋଳେଇ ନିଅ କେଜାଣି
ବେଢଙ୍ଗ ଦେହକୁ ମୋ'
ଭରିଯାଏ ଓଦା ଓଦା ଆସକ୍ତିରେ
ବନ୍ଧୁର ଏ ବକ୍ଷ..

ତମେ କ'ଣ ଜାଣିଥାଅ
କେଡ଼େ ନିସ୍ୱ ଏକୁଟିଆ ମୁଁ
ବିଲ ବଣ କାନ୍ତାର ମଝିରେ..

କହିବି ?? ଶୁଣ !!
ମୋ ଦେହରେ ଠୁଳ କେତେ କ'ଣ !
ଶିରାରେ ଶୁଖିଲା ଝରଣା,
ନିଶ୍ୱାସରେ ଝଞ୍ଜା
ପତ୍ରଝଡାର ଗଦାଗଦା ଅବସୋସ
ଅଦୃଶ୍ୟ ଦାବାଗ୍ନି ଦାଉ
ଓ ଛାତି ସାରା କଣ୍ଟାଝାଡ଼ ରୁକ୍ଷ ଓ ନୀରସ..

ପୃଥୀର ଏକାନ୍ତ ଅଭିପ୍ସା ତମେ
କେତେ କେତେ ଆମନ୍ତ୍ରଣ ଅପେକ୍ଷା ତମର
ତଥାପି ଯେ ତମେ ମୋତେ
ଖୋଜି ଲୋଡ଼ି ଆସ ,ଓଦା କର
ଅନୁରାଗେ ଜୁଡୁବୁଡୁ କର...କାହିଁକି ?

ଦେଖୁନ
ଗୋଟିଏ ସ୍ପର୍ଶରେ ତମର
ମୁଁ କେମିତି ସମ୍ଭବି ଯାଉଛି
କୋଟି କୋଟି ନୀଳ ଐଶ୍ୱର୍ଯ୍ୟକୁ ଧରି !!

ଅଥଚ ଭରସି କହି ପାରେନା
ତମେ ମୋର ,କେବଳ ମୋର !!
ମୋ ନିକଟେ ରହିଯାଅ
ସର୍ବୋତ୍ତମ ଅନୁକମ୍ପା ହେଇ
ମୁଁ ତୁମକୁ ଧରି ରଖିବି ଆଜୀବନ
ଶୂନ୍ୟ ଏକ ତଡ଼ାଗର ଉନ୍ମୁଖତା ଦେଇ..

ମନରେ ବିଭ୍ରମ ଆସେ,
କାନ୍ଦେ, ଲୋଟେ, ଭୂଇଁରେ ମଥା ପିଟେ,
ଅଥଚ ସେ ଭ୍ରମ ଅପସରି ଗଲେ
ମୁଁ ଦେଖେ, ତମେ ସତତ ଅସ୍ଥିର
କେଉଁଠି ତ କ୍ଷଣେ ସୁଦ୍ଧା
ସ୍ଥିର ରୁହନାହିଁ !!

♥ ଗାରୋଇ, ନାଉଗାଁ,
ଜଗତସିଂହପୁର
(ମୋ)୮୨୪୯୫୧୬୭୬୫

# ॥ ଛାତି ॥

**ତପନ ସାହୁ**



ଆ' ଛାତିଟିଏ ପାଲଟିବୁ ଯଦି ଆ'
ଆ' ଛାତଟିଏ ପାଲଟିବୁ ଯଦି ଆ'
ଯୋଉ ଛାତି ଲମ୍ବିଥିବ ମାଟିରୁ ଆକାଶ ଯାଏଁ
ଯୋଉଠି ମାଟିର ବି ଛାତିଟିଏ ଲୋଡା
ଆଉ ଆକାଶର ବି !!

ଯୋଉଠି ଛାତି ଆଁ କରି ଶୋଇଥିବ
ଶେଷ ନିଶ୍ୱାସକୁ ଆଲିଙ୍ଗନ କରି,
ପାଖରେ...
କେହି ଜଣେ ମୁଣ୍ଡରେ ପଗଡ଼ି ବାନ୍ଧି
କପାଳକୁ ଦୋଷ ଦେଇ କାନ୍ଦୁଥିବ
ଛାତି ଫାଟିବା ଯାଏଁ !!

ଦେହର ଝାଳ ରକ୍ତ ହୋଇ ବହିଗଲେ
ଛାତିର ଶୋଷ ମେଣ୍ଟେ
ଛାତି ହୁଏ ସବୁଜ
ଆକାଶ ଏବେ ମାଓବାଦୀ
ହାତକୁ ଉପର କରି ଛିଡା ହେବା ଛଡ଼ା ଉପାୟ
ନାହିଁ
ଛାତିଚିରି ଗୁଳି ଆର୍‌ପାର୍ ହେବା ଯାଏଁ !!

ଛାତି, ମାଟି ଓ ଆକାଶ
ପାଖାପାଖି ହେଲେ ଛାତି ହୁଏ ଜୀବନ୍ତ
ଛାତିର ବି ସଂସାରଟିଏ ଅଛି
ହସ ଅଛି, ଲୁହ ଅଛି ,ସୁଖ ଅଛି, ଦୁଃଖ ଅଛି
ଛାତିର ବି ଭୋକ ଅଛି
ଚୁଲିରେ ଭାତ ଫୁଟିବା ଯାଏଁ !!

ଆ ଛାତିଟିଏ ପାଲଟିବୁ ଯଦି ଆ'
ଆ ଛାତଟିଏ ପାଲଟିବୁ ଯଦି ଆ'

ଛାତି ଏକ ରହସ୍ୟ ଚରିତ୍ର
ଛାତିକୁ ଛାତି ହୋଇ ରହିବାକୁ ଦିଅ !!

♥ ବେଲଗାଁ, ଏମ୍ ରାମପୁର
କଳାହାଣ୍ଡି, ମୋ.୯୦୧୯୩୧୧୮୬୮

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୫ ମାର୍ଚ୍ଚ, ୨୦୨୩



## ପ୍ରେମରେ ପ୍ରେମରେ ଗୀତି ....(୮୧)



■ ବିପିନ ମହାନ୍ତି

### ॥ ପ୍ରେମ ନିରବରେ ହୁଏ... ॥

ପ୍ରେମ ନିରବରେ ହୁଏ
ଆଖିରେ ଆଖିରେ କଥା ହୋଇଥାଏ
ମନ ତାକୁ ବୁଝିନିଏ ।

ଫୁଲ ଡାକି ନାହିଁ ଭଅଁରକୁ କେବେ
କହିନାହିଁ ବୁଝିଛି ଫୁଟିଲା ଫୁଲରେ
ଥାଏ ପ୍ରେମ ଅଭିଳାଷା,
ଫୁଲ ଫୁଟିବାର ମାନେ ଏଠି ସାଥୀ
ସବୁ ପ୍ରେମ ଋତୁଟିଏ ।

ସବୁ ନିରବତା ପ୍ରେମର କବିତା
ଭଅଁର ବୁଝିଛି ସିନା,
ଋତୁମତୀ ଫୁଲ ଭଅଁରକୁ ପ୍ରେମ
କେମିତି କରିବ ମନା,
ଦୁହେଁ ତ ବାଉଳା ତାହାଲେ କାହାକୁ
କିଏ ସେ ହୃଦୟ ଦିଏ ।




♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## ତନିକଙ୍କ ହିନ୍ଦୁ ନ୍ୟାସନାଲିଜମ୍ ଇନ୍ ଇଣ୍ଡିଆ

ଡକ୍ଟର ଲକ୍ଷ୍ମଣ ସାହୁ



ଅଗ୍ରଣୀ ଐତିହାସିକ ତନିକା ସରକାର, 'ଭାରତରେ ହିନ୍ଦୁ ଜାତୀୟତାବାଦ'ର ଲେଖକ । ନିଜକୁ ଚାରି କାନ୍ଥ ମଧ୍ୟରେ ସୀମିତ ରଖନ୍ତି ନାହିଁ କିମ୍ବା ଇତିହାସ ପୁସ୍ତକ ଲେଖିବା ପାଇଁ ଲାଇବ୍ରେରୀକୁ ଯାଆନ୍ତି ନାହିଁ । ବରଂ ସେ ନିଜ କ୍ଷେତ୍ର ଅନୁସନ୍ଧାନରୁ ତାଙ୍କ ଲେଖାକୁ ଏକ ଭିନ୍ନ ଆକାର ଦେଇଥାନ୍ତି । ସେ ଗତ ତିନି ଦଶନ୍ଧି ଧରି ସଂଘ ପରିବାରକୁ ଅତି ନିକଟରୁ ନଜର ରଖିଛନ୍ତି । ସେମାନଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ଅନେକ ସମୟରେ ପରିବାର ସଦସ୍ୟଙ୍କ ସହ କଥାବାର୍ତ୍ତା କରିଛନ୍ତି । ଏପରିକି ସେମାନଙ୍କର ଜୀବନ ଶୈଳୀକୁ ଦେଖିବା ସହିତ ସେହି ମୂଲ୍ୟବାନ ଅଭିଜ୍ଞତାକୁ ତତ୍ତ୍ୱ ଏବଂ ବିଶ୍ଳେଷଣ ସହକାରେ ମିଶ୍ରଣ କରିଛନ୍ତି । ଉଦାହରଣ ସ୍ୱରୂପ ସେ ସଂଘ ପରିବାରରେ ଥିବା ମହିଳାମାନଙ୍କର ସ୍ଥିତି, ଭୂମିକା ବିଷୟରେ ବିଚାର କରିବାକୁ ସେମାନଙ୍କ ସହ କଥୋପକଥନର ସଂଳାପ ଏବଂ ସାକ୍ଷାତକାର ଉପରେ ନିର୍ଭର କରିଛନ୍ତି । ପୁଣମ୍ ଗୁପ୍ତା ଏବଂ ଆଶା ଶର୍ମାଙ୍କ ପରି ପରିବାରର ସକ୍ରିୟ ମୁଖପାତ୍ର ତାଙ୍କୁ କହିଥିଲେ ଯେ ଲଦାକୁ ସାଧବୀ ରୀତା ତାଙ୍କ ଅଡିଓ କ୍ୟାସେଟରେ ଯାହା କହିଛନ୍ତି ତାହା ସତ୍ୟ ଓ ସଠିକ୍ ଯଥାର୍ଥ । କେବଳ ସେତିକି ନୁହେଁ, ସାଧବୀଙ୍କ ଘୃଣ୍ୟ ଘୋଷଣା - ମୁସଲମାନମାନଙ୍କୁ ବିନାଶ କରାଯିବା ଆବଶ୍ୟକ - ତାଙ୍କ ସ୍ୱରରେ ପରିସ୍ଫୁଟ (ଉଜ୍ଜ୍ୱଳ) । ସେ(ମାନେ) କିଛି ଦୁଃଖରେ କହିଛନ୍ତି ଯେ ସାଧ୍ୱୀ ବର୍ତ୍ତମାନ ବହୁତ ଶାନ୍ତ ଓ ମୁଖ୍ୟତଃ ଅନାଥ ପିଲାମାନଙ୍କୁ ବଂଚାଇବା ସେବାରେ ନିୟୋଜିତ ଅଛନ୍ତି ।

ସତ କହିବାକୁ ଗଲେ, ତନିକା ସରକାର ହେଉଛନ୍ତି ପ୍ରଥମ ଆଲୋଚକ ଯିଏ ଗୌରିକ ପରିବାରରେ ମହିଳାଙ୍କ ସକ୍ରିୟତା ଓ ସତ୍ୟତା ଉପରେ ଆଲୋକପାତ କରିଛନ୍ତୁତି । ଏହି ପରିପ୍ରେକ୍ଷୀରେ ଆମକୁ ସ୍ୱୀକାର କରିବାକୁ ପଡିବ ଯେ ଉମା ଭାରତୀଙ୍କ ପରି ଜଣେ ସନ୍ତ୍ରାସବାଦୀ ନେତା ଏବଂ ସ୍ମୃତି ଇରାନୀଙ୍କ ପରି ଜଣେ ମନ୍ତ୍ରୀ ଏହାର ବ୍ୟତିକ୍ରମ । ଅଧିକାଂଶ ମହିଳା କାର୍ଯ୍ୟକର୍ତ୍ତା ନେତା କହିଛନ୍ତି, 'ତୁମେ ଆଦର୍ଶ ମା ପରି ଗୃହିଣୀମାନଙ୍କର ଭୂମିକା ତୁଲାଇବା ଉଚିତ୍ । ଆଉମଧ ପିଲାଦିନରୁ ତୁମ ପିଲାମାନଙ୍କୁ ପ୍ରକୃତ ଶିକ୍ଷା ଦେବା ଉଚିତ୍ ।' ଏହି ଶିକ୍ଷାର ଉଦ୍ଦେଶ୍ୟ ହେଉଛି ଉତ୍ସର୍ଗୀକୃତ ମନୋଭାବ ସହିତ ବିଶ୍ୱସ୍ତ ଦକ୍ଷତା ସଂପନ୍ନ ସୈନିକ ଗଢିତୋଳିବା । ଲେଖକ ଏହି (ହୋମଗାର୍ଡ) ଗୃହାଭିମୁଖେ ଯାତ୍ରାକୁ ଅତି ସୁନ୍ଦର ଓ ଚମତ୍କାର ଭାଷାରେ ବର୍ଣ୍ଣନା କରିଛନ୍ତି, **'The heavy hopes of going into war under the banner of samiti icon Astobhuja Druga are no longer articulated .'**

'ଅଷ୍ଟଭୂଜା ଦୁର୍ଗା'ଙ୍କ ସମିତି ଆଇକନ୍ ବ୍ୟାନରରେ ଯୁଦ୍ଧକୁ ଯିବାର ଭରସା ଆଉ ସ୍ପଷ୍ଟ ହୋଇନାହିଁ । ରାଷ୍ଟ୍ର ସେବା ସଂଘ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉଚ୍ଚାରିତ କରାଯାଇଥିବା ଭାବଗର୍ଭକ ପ୍ରାର୍ଥନାରେ ପ୍ରତିଫଳିତ ହୋଇଛି -' ପ୍ରିୟ, ଉତ୍ତମ ହିନ୍ଦୁ ଦେଶ / ମୁଁ ମୋ ଜୀବନ ତମକୁ ଉତ୍ସର୍ଗ କରୁଛି / ତୁମେ ତମର ପ୍ରିୟ କନ୍ୟାମାନଙ୍କୁ ତମର ନିର୍ମଳ କୋମଳ ପବିତ୍ର କୋଳରେ କୋଳାଗ୍ରତ (ଆଲିଙ୍ଗନ) କର / ଆମମାନଙ୍କୁ ଆଶୀର୍ବାଦ କର / ଯେଉଁମାନେ ଧର୍ମ ପରମ୍ପରା ପ୍ରତି ସମର୍ପିତ / ଆମର ଏହି ମାତୃ ଶକ୍ତିମୟ ଦେଶରେ ପୁଷ୍ପିତ ଆଶୀର୍ବାଦ ପ୍ରାପ୍ତ ଲଭୁ ।

ଏହି ଶକ୍ତିଶାଳୀ ଦେଶର ଅନେକ ସ୍ଥାନୀୟ ତଥା ଦେଶ ବିଦେଶୀ ଅନୁସନ୍ଧାନକାରୀ ଗବେଷକମାନେ ସଂଘ ପରିବାରର ଲକ୍ଷ୍ୟ, ଆଦର୍ଶଗତ ତତ୍ତ୍ୱ ଉପରେ ଆଲୋକପାତ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତନିକା ସରକାର ଖୋଦ ନିଜେ ଅନ୍ୟମାନଙ୍କ ପରି ସମାନ ଆଲୋଚନା କରିଥିଲେ । କିନ୍ତୁ ଏହା ସଙ୍ଗେ ସଙ୍ଗେ ସେ ପରିବାର ସଂଘ ଦ୍ୱାରା ପରିଚାଳିତ ବ୍ୟାପକ ଶିକ୍ଷା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ -' ୧୯୯୧ ରେ ବିଦ୍ୟା ଭାରତୀ ସମୁଦାୟ ଶିକ୍ଷା ବ୍ୟବସ୍ଥାର ଏକ ଅଂଶ ଭାବରେ ୧ ଲକ୍ଷ ( ମିଲିୟନ)ରୁ ଅଧିକ ପିଲାଙ୍କୁ ଶିକ୍ଷା ପ୍ରଦାନ କରିଛି । ଏହି ବିଶାଳ କାର୍ଯ୍ୟକ୍ରମରେ ୩୬, ୦୦୦ ଜଣ ଶିକ୍ଷକ ଜଡିତ ଥିଲେ ଓ ଛାତ୍ରମାନେ ବିଦ୍ୟାଳୟ ପର୍ଯ୍ୟାୟ ସମାପ୍ତ କରି ୪୦ଟି କଲେଜରେ ପ୍ରବେଶ କରିଥିଲେ ।

ସଂକ୍ଷେପରେ, ୩୦ ବର୍ଷ ପୂର୍ବେ, ବିଦ୍ୟା ଭାରତୀ ଦାବି କରିଛନ୍ତି ଯେ **'Vidya Bharti claimed it was running the second largest chain of the school in the country . Next only to the chain of the Government schools .'**

ଏହା କେବଳ ସରକାରୀ ବିଦ୍ୟାଳୟଗୁଡ଼ିକର ଶୃଙ୍ଖଳା ପରେ ଦେଶର ଦ୍ୱିତୀୟ ବୃହତ୍ତମ ବିଦ୍ୟାଳୟ ଶୃଙ୍ଖଳା ଚଳାଉଛି । 'କହିବା ବାହୁଲ୍ୟ ଯେ ଏହା ପରେ ଏହି ଅଦୃଶ୍ୟ ଶିକ୍ଷା ଅଧିକ ବ୍ୟାପକ ଭାବରେ ବ୍ୟାପିଗଲା । ଏହି ସ୍ତମ୍ଭଗୁଡ଼ିକରେ କ'ଣ ଶିକ୍ଷା ଦିଆଯାଏ ? ଜଣେ ପ୍ରଧାନଶିକ୍ଷକ ତନିକାଙ୍କୁ ଗର୍ବର ସହିତ କୁହନ୍ତି,' ଆମେ ପାଞ୍ଚ ବର୍ଷର ପିଲାମାନଙ୍କୁ ମଧ୍ୟ ସଂଗଠନର ଆଦର୍ଶରେ ଅନ୍ତର୍ଭୁକ୍ତ କରିଥାଉ ... ସେମାନେ କ୍ରୋଧ ଏବଂ ପ୍ରତିଶୋଧରେ ନିଜର ଠେଙ୍ଗା ଉଠାନ୍ତି । '

ଏକ ସଂଘ ପରିବାରର ଅଗ୍ରଣୀ ଗୁରୁ ଯେଉଁମାନେ ମୁସଲମାନମାନଙ୍କ ପ୍ରତି ଏହି ଘୃଣା ଏବଂ କ୍ରୋଧ ପ୍ରଚାର କରିଛନ୍ତି । ଏହି ଯାତ୍ରା ବୀର ସଭର୍କରଙ୍କ ଚିନ୍ତାଧାରା ସହିତ ଆରମ୍ଭ ହୋଇଥିଲା ଓ ଶେଷରେ ଗୁରୁ ଗୋଲୱାଲକର ଏପିସୋଡରେ ଶେଷ ହୋଇଥିଲା । ଯାହାକୁ 'ଗୁରୁଜୀ' ଭାବରେ ସମ୍ବୋଧିତ କରାଯାଇଥିଲା । ଆଶା କରାଯାଉଥିବା ପରି ଲେଖକ ସଭର୍କରଙ୍କ ଆଦର୍ଶ ଉପରେ ବର୍ଣ୍ଣନା କରିଛନ୍ତି ଏବଂ ଗୋଲୱାଲକର ସଂକୀର୍ଣ୍ଣ, ଏକଚାଟିଆ ଦର୍ଶନ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି ।

ଗୋଲୱାଲକର ହିଁ କହିଥିଲେ, 'ଆମକୁ ଜର୍ମାନର ନାଜିଙ୍କଠାରୁ ଶିଖିବାକୁ ପଡିବ । ଯେହେତୁ ନାଜିମାନେ ଯିହୁଦୀମାନଙ୍କ ପ୍ରତି ଯେଉଁଭଳି ବ୍ୟବହାର କଲେ, ଆମେ ମଧ୍ୟ ମୁସଲମାନମାନଙ୍କୁ ସେହିଭଳି ବ୍ୟବହାର କରିବୁ । ତନିକା ପାଠକଙ୍କୁ ଅବଗତ କରାଇଥିଲେ ଯେ ସଂଘ ଗୁରୁଙ୍କ ଐତିହାସିକ ପତ୍ରିକା 'ଇଟିହାସା ଦର୍ପନ୍'ର ପ୍ରଥମ ସଂଖ୍ୟାରେ ଅତ୍ୟନ୍ତ ବିପଜ୍ଜନକ ଗୁରୁଙ୍କୁ ଜନ୍ମଜ୍ୟୋତି ଆଖ୍ୟା ଦିଆଯାଇଛି । ଅଧିକନ୍ତୁ, ନାଜି-ହିଂସା ଜନସାଧାରଣଙ୍କ ନିକଟରେ ପହଞ୍ଚିବା ପରେ ମଧ୍ୟ ପରିବାରର ନେତାମାନେ ଗୋଲୱାଲକର ପୁସ୍ତକ **'We or our nationhood defined .'** 'ଆମେ କିମ୍ବା ଆମର ଜାତି ପରିଭାଷିତ'ରେ ଲିଖିତ ଏହି ନାଜି ଭୟକୁ ବିଶୋଧନ କିମ୍ବା ବାଦ ଦେଇ ନାହାଁନ୍ତି । (କ୍ରମଶଃ)


♥ ଅଧ୍ୟକ୍ଷ , ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ - ୪

ବିରଳ ବ୍ୟକ୍ତିତ୍ୱ

# ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ : ଡକ୍ଟର କଲାମ



ଆଲେଖ୍ୟ : ଅକ୍ଷୟ କୁମାର ରାଉତ



**ବିରଳ ବ୍ୟକ୍ତିତ୍ୱ ଡ. କଲାମଂକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ମିଳିଥିଲା । ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ ।**

ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ । ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ । ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହାସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାନ୍ଦ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର । ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍ । ସେ ଶାନ୍ତ, ସରଳ, ଉଦାର ସ୍ୱଭାବର ପିଲାଥିଲେ । ସେ ମା'ଙ୍କ ହାତ ରନ୍ଧା ଖାଦ୍ୟ ମା'ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀ ପତ୍ରରେ ଖାଉଥିଲେ । ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ ।

କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି । ରାମେଶ୍ୱର ମନ୍ଦରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ । ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରିନଥିଲେ । କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ । ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ । ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ । ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ । ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛିଞ୍ଚାଡି ଭୋଜନ ଦେବାକୁପୁ ମନା କରିଦେଲେ । ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ । କିଛି ଦିନପରେକଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ । କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଞ୍ଚିଲେ । ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ । କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍ୱାଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେଣ୍ଟ ଯୋସେଫ୍ କଲେଜରେ ଅଧ୍ୟୟନ କଲେ । କୃତିତ୍ୱର ସହିତ ବି.ଏସ୍.ସି, ପାସ୍ କଲେ । କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ । ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା । ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବର କାଗଜ ବିତରଣ କରୁଥିଲେ । ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ ଜଣେ ମେଧାବୀ ଭାବେ ପରିଚିତ । କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ । ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ । ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ । ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ । ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମ ଦକ୍ଷତାର ପ୍ରତିପାଦନ କରିଥିଲେ । ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ । ସେଠାରେ ସେ ଛ' ମାସ ରହି ଜ୍ଞାନ ଲାଭ କରିଥିଲେ । ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍‌କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ । ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ । କଲାମ ବାଙ୍ଗାଲୋର୍ ସ୍ଥିତ ବୈମାନିକ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରି ଜଣିଆ ଦଳର ନେତୃତ୍ୱ ନେଇଥିଲେ । ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍‌ଙ୍କୁ କଲାମ ଲାଞ୍ଜ ବିହୀନ ହୋଭର କ୍ରାଫଟ୍ 'ନନ୍ଦି'ରେ ବସାଇ ଆକାଶରେ ଉଡିଥିଲେ । ୧୯୮୦ ମସିହା ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଆନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା । ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ । ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର) ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟ ସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତ ଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟ ଭେଦ କରିବାକୁ ସକ୍ଷମ)କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି । ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ ।

୧୯୮୯ ମସିହାରେ ଆଇଟିଆର୍ ପ୍ରତିଷ୍ଠା ହେବା ପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ । ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା । କଲାମ ୧୯୯୮ ମସିହା ମେ ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଥିଲେ । କଲାମ ନିଜର କର୍ମକୁ ମହାନ୍ ମନେ କରୁଥିଲେ । ଏହି ପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ମିଳିଥିଲା । ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ । କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି । ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ ଆପ୍ ଫାୟାର୍', 'ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜିର୍ନି' ଓ ' ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ' । କଲାମ ଜଣେ ଅଣ ରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍ଟେନ୍ ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ । ଭାରତର ସର୍ବୋଚ୍ଚ ଆସନରେ ଅଳଙ୍କୃତ ହେବା ପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ । ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ । ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା । ତାଙ୍କର ସ୍ନେହ ଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା । ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅଫ୍ ଦି ନେସନ ଭାବରେ ଅଭିହିତ କରୁଥିଲେ । ତେଣୁ ତାଙ୍କର ୭୯ ତମ ଜନ୍ମ ଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା । ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ । କଲାମ ରାଷ୍ଟପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ ।

ଈଶ୍ୱର ବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀମାନଙ୍କୁ ଗଭୀର ସମ୍ମାନ କରୁଥିଲେ । ସେ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ । ସେ ସମସ୍ତ ଧର୍ମର ଉର୍ଦ୍ଧ୍ୱରେ ଥିଲେ । ମଣିଷ ଗୋଟିଏ ଜାତି ବୋଲି ବୁଝି ଥିଲେ । ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପିରଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ । ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦଘାତରେ ୮୪ ବର୍ଷ ବୟସରେ ମହାପ୍ରାୟଣ ଲାଭ କଲେ । ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା । ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା । ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ । ତାଙ୍କର ପ୍ରତିଭା, ଯଶ, କୀର୍ତ୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ଅମର ହୋଇ ରହିବେ ।

♥ ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

## ଦୁଇଟି ଅନୁବାଦ

ଅଣୁ ଗପ

ମୂଳହିନ୍ଦୀ: ଡଃ ଶୈଳ ଚନ୍ଦ୍ରା

ଅନୁବାଦ: କ୍ରିଷ୍ଣା କୁମାର ଅଜନବୀ

### ॥ ସଂପର୍କର ମୁକ୍ତା ॥

ଥରେ ଆମ ଖୁଡ଼ିଘରକୁ ତାଙ୍କ ପିଲାବେଳର ସାଂଗ ଜଣେ ବୁଲି ଆସିଥିଲେ । ସାଂଗରେ ତାଙ୍କ ନାତୁଣୀଟି ମଧ୍ୟ ଆସିଥିଲା । ଖେଳୁ ଖେଳୁ ସେ ନାତିଣୀଟି ଆମ ଖୁଡ଼ିର 'ସୁନାହାର'ଟିକୁ ପିନ୍ଧି ଘରକୁ ଚାଲି ଯାଇଥିଲା ।

କଥା କଣ କି ମୋ ଖୁଡ଼ି ତାଙ୍କ ସୁନାହାରକୁ ଡ୍ରେସିଂ ଟେବୁଲର ଡ୍ରଏର୍‌ରେ ରଖିଥାନ୍ତି । ହେଲେ ସେ ଛୁଆଟି ଡ୍ରେସିଂ ସାମନାରେ କ୍ରିମ ପାଉଡର ସାଂଗକୁ ସୁନାହାର ମଧ୍ୟ ପିନ୍ଧି ପକେଇ ଥାଏ ଏବଂ ଯିବାବେଳେ କାହା ଦୃଷ୍ଟି ନ ପଡ଼ିବାରୁ ଭୁଲରେ ପିନ୍ଧି ତା' ଘରକୁ ଚାଲିଯାଇଥାଏ ।

ତା' ପରଦିନ ଆମ ଖୁଡ଼ି ଡ୍ରଏର ଖୋଲି ଦେଖନ୍ତି ତ ସେ ସୁନାହାରଟି ନଥାଏ । ଏପଟ ସେପଟ ଖୋଜି ଭାରି ବ୍ୟସ୍ତ ହେଉଥାନ୍ତି । ହେଲେ ସେ ଝିଅଟି ସୁନାହାର ପିନ୍ଧିଥିବା କଥା କାହାକୁ ଜଣା ନଥାଏ । ତାକୁ ବ୍ୟଗ୍ର ବିବ୍ରତ ହେବାର ଦେଖି ମୁଁ ପ୍ରସ୍ତାବ ଦେଲି, 'ଖୁଡ଼ି ଥରେ ତମ ସାଂଗକୁ ଫୋନ କରି ପଚାରି ବୁଝ, କାଳେ ଭୁଲରେ ସୁନାହାରଟି ତାଙ୍କ ପର୍ସକୁ ଚାଲିଯାଇଥିବ କି... ମୋ କଥା ନସରୁଣୁ ଖୁଡ଼ି କହିଲେ, 'ନା ଏପରି କଲେ ମୁଁ ମୋ ପିଲାଦିନର ସାଂଗକୁ ହରେଇ ବସିବି.. ଅଯଥାରେ ଫୋନ କରି ମୁଁ ଏତେ ସୁନ୍ଦର ସଂପର୍କକୁ ନଷ୍ଟ କରିବାକୁ ଚାହେଁ ନାହିଁ । ସୁନାହାର ହଜିଲେ ହଜୁ ଅତି ବେଶିରେ ଷାଠିଏ ସତୁରୀ ହଜାର ଟଙ୍କା କ୍ଷତି ହେବ ହେଲେ, ବଂଧୁତା ଯଦି ଥରେ ନଷ୍ଟ ହେଇଯାଏ ତେବେ ଆଉ ଫେରି ପାଇ ହେବ ନାହିଁ । ଟଙ୍କା ଅପେକ୍ଷା ମୁଁ ସଂପର୍କର ମୁକ୍ତାକୁ ଅଧିକ ଶ୍ରେୟସ୍କର ମଣିଥାଏ । 'ତାଙ୍କର ଏଭଳି ପ୍ରତିକ୍ରିୟା ଶୁଣି ମୁଁ ବେଶ୍ ପ୍ରଭାବିତ ହେଲି । ଅଗତ୍ୟା ତୁନି ରହିବାକୁ ମୁଁ ବାଧ ହେଲି ।

ହେଲେ କିଛି ଘଣ୍ଟା ଉତ୍ତାରେ ମୋ ଖୁଡ଼ିର ସାଂଗ ଫୋନ କରି ଜଣେଇଲେ ଯେ, ତାଙ୍କ ନାତୁଣୀଟି ଖେଳୁ ଖେଳୁ 'ସୁନାହାର'ଟିକୁ ପିନ୍ଧି ସମସ୍ତଙ୍କ ଅଲକ୍ଷ୍ୟରେ ଘରକୁ ଚାଲି ଆସିଛି । ତାଙ୍କ ସୁନାହାର ସୁରକ୍ଷିତ ଅଛି । ଏଥିରେ ଭାବିବାର କି ନାହିଁ; ହେଲେ ଫୋନ କରି ସୁନାହାର କଥା ପଚାରି ବୁଝିଲନି କାହିଁକି ବୋଲି ପ୍ରତିପ୍ରଶ୍ନ ମଧ କଲେ ।

କିନ୍ତୁ ସୁନାହାର ଠାରୁ ବଂଧୁତ୍ୱକୁ ଶ୍ରେୟସ୍କର ମଣୁଥିବା ସାଂଗ କଥା ଶୁଣି ସେ ଆଶ୍ଚର୍ଯ୍ୟାନ୍ୱିତା ହେଲେ । ସେ ଦୁହିଁଙ୍କର ବଂଧୁତା ଆହୁରି ଦୃଢ଼ୀଭୂତ ହେଲା । ଏ ଘଟଣାଟି ମୋ ମନରେ ବେଶ୍ ପ୍ରଭାବ ପକାଇ ଦୀର୍ଘଦିନ ପର୍ଯ୍ୟନ୍ତ ଆଚ୍ଛନ୍ନ କଲା ।

### ॥ ହସ୍ତାନ୍ତର ॥

ଅନେକ ବର୍ଷପରେ ହଠାତ୍ ବଡ଼ ଭଉଣୀଙ୍କୁ ବାପଘରକୁ ଆସିଥିବାର ଦେଖି ସାନଭାଇ ମ୍ରିୟମାଣ ହେଇପଡ଼ିଲେ ।

ବିଗତ ଅନେକ ବର୍ଷଧରି ବଡ଼ ଭଉଣୀ ବାପଘରକୁ ଆସିବା ଛାଡ଼ିଦେଇଥିଲେ ଅର୍ଥାତ୍ ଆସୁନଥିଲେ । ବାପା-ମା ବଞ୍ଚିଥିବା ଯାଏଁ ଅବଶ୍ୟ ପ୍ରତିବର୍ଷ ରାକ୍ଷୀ ପୁନେଇଁ ଦିନ ଭାଇଙ୍କୁ ରାକ୍ଷୀ ବାନ୍ଧିବା ଉଦ୍ଦେଶ୍ୟରେ ଆସି ପହଞ୍ଚିଯାଉଥିଲେ । ସେ ଆସିଲେ ଘରଟା ଖୁସିରେ ହସି ଉଠୁଥିଲା । ବାପା-ମା-ଭାଇ-ଭଉଣୀ ଚାରିଜଣ ହସିହସି ଘରଟା କମ୍ପେଇ ଦେଉଥିଲେ ।

ସମୟ ଗଡ଼ିଚାଲିଲା । ବାପା-ମା ଡକାଡକି ହେଇ ଆରପାରିକୁ ଚାଲିଗଲେ । ସାନ ଭାଇର ମଧ ବାହାଘର ହେଇଗଲା । ବାହାଘର ପରେ ବଡ଼ ଭଉଣୀ ଆଉ ଆସିବାକୁ ପସନ୍ଦ କଲେନି । ବାପା-ମା' ତ ଚାଲିଗଲେଣି । ଅଯଥାରେ ଆସି ଏମାନଙ୍କୁ କାହିଁକି ହଇରାଣ କରିବି ଭାବି ଆସିଲେନି । ଅବଶ୍ୟ ଫୋନ୍ ମାଧ୍ୟମରେ ସଂପର୍କଟା ଯଥାବତ ଥାଏ; ହେଲେ ବଡ଼ ଭଉଣୀ କାଳେ ଭାଗ ମାଗିବେ ଭାବି ଭାଇ ବି ଡାକୁନଥାଏ । ହେଲେ ଆଜି ଅଚାନକ ଆସିବାର ଦେଖି ଭାଇ ବ୍ୟତିବ୍ୟସ୍ତ ହେବା ଲକ୍ଷ୍ୟ କରି ବଡ଼ ଭଉଣୀ କହିଲେ, 'ଭାଇ, ଏଥିରେ ଡରିବାର କିଛି ନାହିଁ । ତୁମକୁ ନଜଣାଇ ଆସିଥିବାରୁ ମୁଁ କ୍ଷମାପ୍ରାର୍ଥୀ । ହେଲେ ମୁଁ କହି ରଖେ ଯେ, ଏଠାକୁ ମୁଁ ବାପାଙ୍କର ଧନସମ୍ପତ୍ତିର ଭାଗ ମାଗିବାକୁ ଆସିନି, ବରଂ ଆସିଛି, ବାପା ମୋ ନାଁରେ ଯେଉଁ ଏକ ଏଫ୍‌ଡି କରିଯାଇଥିଲେ; ତାହା ବର୍ତ୍ତମାନ ପରିପକ୍ୱ ହେଇଯାଇଛି । ତାହାର ଚେକ୍ ତମକୁ ହସ୍ତାନ୍ତର କରିବା ଉଦ୍ଦେଶ୍ୟରେ ଚାଲି ଆସିଛି । ଏଇ ନିଅ; ମୋ ଠାରେ ଅର୍ଥର ଅଭାବ ନାହିଁ । ବରଂ ତୁମପାଇଁ ଏହା ଖୁବ୍ ଉପଯୋଗୀ ହେଇପାରେ ।'

ଏହାଶୁଣି ସାନଭାଇ ଓ ତା' ସ୍ତ୍ରୀ ପରସ୍ପରକୁ ଅନେଇ ରହିଲେ ।

♥ ସଂପାଦକ : ଗୁଲଦସ୍ତା, ମୁ/ପୋ- ଦେ'ଭୋଗ-୪୯୩୮୯୦
ଜି- ରାଇପୁର (ଛତିଶଗଡ଼)

## ଦିବ୍ୟ ଦୃଷ୍ଟି

■ ଶ୍ୟାମ ସୁନ୍ଦର ସାମଲ

# ଚାରି ପ୍ରକାରର ଜୀବନ



ଜଗତରେ ମନୁଷ୍ୟର ଜୀବନ ଚାରି ପ୍ରକାର ଦେଖିବାକୁ ମିଳେ । ତାହା ହେଉଛି ନିକୃଷ୍ଟ ଜୀବନ, ସାମାନ୍ୟ ଜୀବନ, ସଫଳ ଜୀବନ ତଥା ମହତ୍ତ୍ୱପୂର୍ଣ୍ଣ ଜୀବନ । ଅପରାଧରେ ଲିପ୍ତ ରହୁଥିବା ନରାଧମଙ୍କ ଜୀବନ ନିକୃଷ୍ଟ ଜୀବନ । ଏଭଳି ବ୍ୟକ୍ତି ନିଜର ନୀଚ କର୍ମ ଦ୍ୱାରା ନିଜର ଜୀବନ ବ୍ୟର୍ଥ କରିଥାନ୍ତି ତଥା ଅନ୍ୟର ଜୀବନରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏହିଭଳି ବ୍ୟକ୍ତି ସମାଜ ପାଇଁ ଅମଙ୍ଗଳକାରକ । ତେଣୁ ଏହି ବ୍ୟକ୍ତିଙ୍କୁ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ ।

ନିଜର ତଥା ନିଜ ପରିବାରକୁ ଉଚିତ ବୃତ୍ତି ଉପାୟରେ ଭରଣ ପୋଷଣ କରୁଥିବା ଏବଂ ସାମାନ୍ୟ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ପେଟ ପାଇଁ କାମ କରିବା ଏହି ଧରଣର ଲୋକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ମୋଟ ଉପରେ କହିଲେ ନିଜର ତଥା ନିଜ ପରିବାରର ଭରଣପୋଷଣ ପାଇଁ ଏଭଳି ଲୋକ୍ ଖୁବ୍ କମ୍ ଭୁଲ କାର୍ଯ୍ୟ କରନ୍ତି । ଏହିଭଳି ବ୍ୟକ୍ତି ସାମାନ୍ୟ ଜୀବନଯାପନ କରୁଥିବା ଶ୍ରେଣୀରେ ଆସିଥାନ୍ତି ।

ସାମାନ୍ୟ ଜୀବନ ଯାପନ କରୁଥିଲେ ହେଁ କୌଣସି କ୍ଷେତ୍ରରେ ବିଶେଷ ଉପଲବ୍ଧି ଅର୍ଜନ କରିଥିବା ଲୋକଙ୍କ ଜୀବନକୁ ସଫଳ ଜୀବନ କୁହାଯାଏ । କିଛି ଦିନ ପର୍ଯ୍ୟନ୍ତ ସମାଜ ତାଙ୍କୁ ମନେରଖେ । ତାଙ୍କଠାରୁ କୌଣସି ବ୍ୟକ୍ତି ସଫଳତା ଅର୍ଜନ କଲେ ଉକ୍ତ ବ୍ୟକ୍ତିର ସଫଳତା ନ୍ୟୂନ ହୋଇଯାଏ । ଏହିଭଳି ବ୍ୟକ୍ତି ସଫଳ ଜୀବନ ଅତିବାହିତ କରୁଥିବା ବର୍ଗରେ ଆସିଥାନ୍ତି ।

ଯେଉଁ ବ୍ୟକ୍ତି ଅନ୍ୟର ଦୁଃଖକୁ ଦୂର କରିବାରେ ସଂପୃକ୍ତ ରହିଥାନ୍ତି, ନିଜର ଦୁଃଖକୁ ଖାତିର କରନ୍ତି ନାହିଁ, 'ବହୁଜନ ହିତାୟ ବହୁଜନ ସୁଖାୟ'କୁ ଆଧାର ଭାବେ ଗ୍ରହଣ କରି ଯିଏ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଶ୍ୱମଙ୍ଗଳ ପ୍ରକ୍ରିୟାରେ ଜଡ଼ିତ ହୋଇଯାଏ ସେ ମହତ୍ତ୍ୱପୂର୍ଣ୍ଣ ଜୀବନକାରୀ ହୋଇଥାନ୍ତି । ଏହି ମହାପୁରୁଷଙ୍କ କୀର୍ତ୍ତି ପତାକା ଯୁଗ ଯୁଗ ଧରି ଅମର ରହେ ।

ସାଧାରଣତଃ ପ୍ରତ୍ୟେକ ସମାଜରେ ଚାରି ପ୍ରକାରର ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳେ । ଏଥିପାଇଁ ସମାଜରେ ଅପରାଧ, ଜୀବନ ସଂଘର୍ଷ, ତ୍ୟାଗବୃତ୍ତି ଏବଂ ପରମାର୍ଥଙ୍କ ହିତ ପାଇଁ ସ୍ୱତଃ ବଳିଦାନ ଦେଉଥିବା ଲୋକ ସମୟ ସମୟରେ ଆମ ସମ୍ମୁଖକୁ ଆସିଥାନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି ଚାରି ପ୍ରକାରର ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ଅତିବାହିତ କରିବାକୁ ହୁଏ ।

ମନୁଷ୍ୟ ଆତ୍ମଜ୍ଞାନର ଅନ୍ୱେଷଣରେ ଅନେକ ପ୍ରକାର ଆଧାତ୍ମିକ ସାଧନା କରୁଛି । ଜଣେ ସବୁ ଶାସ୍ତ୍ର ଅଧ୍ୟୟନ କରିପାରେ, ପବିତ୍ର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା କରିପାରେ, ଗୁରୁଙ୍କର ଦିଗ୍‌ଦର୍ଶନ ଲାଭ କରିପାରେ କିମ୍ବା ଅନ୍ୟ ପ୍ରକାର ସାଧନା କରିପାରେ, କିନ୍ତୁ ସେ ନିଜର ଆତ୍ମାକୁ ହୃଦୟଙ୍ଗମ କରିବା ପାଇଁ ନିଜର ଦୃଷ୍ଟିକୁ ଅନ୍ତର୍ମୁଖୀ ନ କଲେ ଏହିସବୁ ଉପାୟରେ ଆତ୍ମୋପଲବ୍ଧି କରିପାରିବ ନାହିଁ । ଯଦି ଜଣେ ନିଜର ସ୍ୱଭାବକୁ ହୃଦୟଙ୍ଗମ କରିପାରିବ ନାହିଁ ତେବେ ସେ ତା'ଭିତରେ ଥିବା ଦିବ୍ୟତ୍ୱର ଉପଲବ୍ଧି କରିବାକୁ କିପରି ଆଶାକରି ପାରିବ ? ବସ୍ତୁତଃ ଜଣେ ନିଜର ମାନବୀୟ ଗୁଣାବଳୀର ଉପଲବ୍ଧି କଲେ ହିଁ ସେ ଭଗବତ ଉପଲବ୍ଧି ଅଭିମୁଖେ ଅଗ୍ରଗତି କରିବାକୁ ସକ୍ଷମ ହେବ ।

ପ୍ରେମ ହିଁ ଈଶ୍ୱର । ମନୁଷ୍ୟର ତିନୋଟି ଆଦର୍ଶ ରହିବା ଉଚିତ । ଦୈବ ପ୍ରୀତି, ପାପଭୀତି ଓ ସଙ୍ଘନୀତି । ଏହି ଆଦର୍ଶଗୁଡ଼ିକ ବ୍ୟକ୍ତି, ପରିବାର ଓ ସମାଜର ଉତ୍ଥାନରେ ସହାୟକ ହେବ । ଏହି ପବିତ୍ର ଦେଶରେ ଅନେକ ମୁନି-ଋଷି ମାନଙ୍କ ଦ୍ୱାରା ପବିତ୍ର ଆଦର୍ଶ ଅନୁସୃତ ହୋଇଆସିଛି । ସେଥିପାଇଁ ଅନେକ ଆହ୍ୱାନ ଓ ବାଧାବିଘ୍ନ ସତ୍ତ୍ୱେ ଭାରତର ସାଂସ୍କୃତିକ ଐତିହ୍ୟ ସୁରକ୍ଷିତ ହୋଇଛି । ଏହା ରହସ୍ୟମୟ, ବିସ୍ମୟକର ଓ ଅମୃତ । ଆମେସବୁ ପାଶ୍ଚାତ୍ୟ ସଂସ୍କୃତିର ଦାସ ହୋଇଯାଇଛୁ ଏବଂ ଆମର ନିଜର ମୂଲ୍ୟବାନ ସଂସ୍କୃତିକୁ ଅବହେଳା କରିଛୁ । ପାଶ୍ଚାତ୍ୟ ଲୋକମାନେ ବର୍ତ୍ତମାନ ଆମ ସଂସ୍କୃତିକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି । ଭାରତୀୟମାନେ ସେମାନଙ୍କର ନିଜ ସଂସ୍କୃତିର ମହତ୍ୱ ଉପଲବ୍ଧି କରି ଏହାର ଅବହେଳା ବନ୍ଦ କରିବା ଉଚିତ । ଆମର ସଂସ୍କୃତି ଶିକ୍ଷା ଦିଏ ଯେ ଗୋଟିଏ ମାତ୍ର ଧର୍ମ ଅଛି, ପ୍ରେମ ଧର୍ମ ଏବଂ ଗୋଟିଏ ମାତ୍ର ଜାତି ଅଛି, ମାନବ ଜାତି । ଆମ ସଂସ୍କୃତି ଆସ୍ତିକ ବା ନାସ୍ତିକ ରାଷ୍ଟ୍ରୀୟତାବାଦୀ, ପ୍ରତ୍ୟେକଙ୍କ ଭିତରେ ଥିବା ପ୍ରେମ ଉପରେ ଆଧାରିତ । ପ୍ରେମ ବିନା କେହି ରହିପାରିବେ ନାହିଁ । ପଶୁ ଓ ପକ୍ଷୀମାନଙ୍କର ମଧ୍ୟ ପ୍ରେମ ଅଛି । ଆମେ ଦେଖିଛେ ଗାଈ କିପରି ନବଜାତ ବାଛୁରୀକୁ ଏତେ କୋମଳ ଭାବରେ ଚାଟେ ଯେ ସେହି ମାତୃସୁଲଭ ସ୍ପର୍ଶରେ ହିଁ ବାଛୁରୀଟି ଉଠି ଠିଆହୁଏ । ସେ ବାଛୁରୀକୁ ସଫାକରି ଦିଏ । ନିର୍ମଳତା ହିଁ ଦିବ୍ୟତ୍ୱ । ନିର୍ମଳତା ବିକଶିତ ହେବା ଉଚିତ । ଏହା ଏକତ୍ୱକୁ ଉତ୍ସାହିତ କରେ ଓ ଦିବ୍ୟତ୍ୱ ଆଡ଼କୁ ଘେନିଯାଏ । କିନ୍ତୁ ତୁମଠାରେ କେବଳ ଶତ୍ରୁତା ଓ ସାମ୍ପ୍ରଦାୟିକତା ରହିଛି । ଏଗୁଡ଼ିକ ପାଶବିକ ଓ ଆସୁରିକ ଗୁଣ । ମଣିଷ ନିଜକୁ ଦିବ୍ୟସ୍ତରକୁ ଉନ୍ନୀତ କରିବାକୁ ଚେଷ୍ଟା କରିବା ଉଚିତ । ସେ ପାଶବିକ ଓ ଆସୁରିକ ସ୍ତରକୁ ଖସିଯିବା ଉଚିତ ନୁହେଁ । ବୈଦିକ ଉପଦେଶ ହେଉଛି 'ସତ୍ୟଂ ବଦ, ଧର୍ମଂ ଚର ।' ସତ କହିବା ସହଜ । ମିଛ କହିବା ଓ ତାକୁ ରଖି ପାରିବା ଅତି କଷ୍ଟ । ସତ କହିବା ଦ୍ୱାରା ତୁମେ ଧର୍ମର କାନ୍ଥ ପାଇଁ ମୂଳଦୁଆ ପକାଇଥାଅ । ଏହା ମାଧ୍ୟମରେ ତୁମେ ଶାନ୍ତି ପାଇପାର । ପ୍ରେମର ବିକାଶ କର । ପ୍ରେମ ହିଁ ଈଶ୍ୱର । ପ୍ରେମରେ ବାସକର ।

♥ ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ,
ଶ୍ରୀସତ୍ୟସାଇ ସେବା ସମିତି, କଟକ,
ଦୂରଭାଷ : ୯୭୭୮୬୩୫୯୨୬

## ଜୀବନ ଦର୍ଶନ



ପ୍ରଦୀପ୍ତ ଆଚାର୍ଯ୍ୟ

### ସୁଖର ସନ୍ଧାନ

ବିପଣିରେ କେବେ, ହୁଏନି ବିକ୍ରୟ,
ସୁଖ ବୋଲି ଯେଉଁ ଚିଜ,
ମାନସିକ ସ୍ଥିତି, କଲେ ନିୟନ୍ତ୍ରଣ,
ମିଳିବା ହେବ ସହଜ ।

ସର୍ବଦା ସୁଲଭ, ହୋଇବନି ସୁଖ,
ଅଟେ ସୃଷ୍ଟିର ନିୟମ,
ଭୋଗିବାକୁ ଦୁଃଖ, ହୋଇବା ପ୍ରସ୍ତୁତ,
ଦୃଢ କରିଦେଇ ମନ ।

ଦୁଃଖ ଆଉ ସୁଖ, ଜୀବନେ ଆମ୍ଭର,
ଚକ୍ରବତ୍ ଆସିଥାଇ,
ସବୁତ ଆସିବ, ସବୁ ଚାଲିଯିବ,
ନୁହେଁ କିଛି ଚିରସ୍ଥାୟୀ ।

ଉଚ୍ଚ ଆଶା କରି, ଅସଫଳ ହେଲେ,
ଦୁଃଖ ଆସିଯାଏ ବେଶୀ,
ଯାହା ଆମ ସ୍ଥିତି, ଯେତିକି ସମ୍ପତି,
ସେଥିରେ ହୋଇବା ଖୁସି ।

ପଡିଶା ବିଭବ ଦରଶନେ ଯଦି,
ମନେ ଆମ ଈର୍ଷା ଆସେ,
କ୍ଷଣକରେ ଆମ ସୁଖ ଚାଲିଯାଏ,
ଦୁଃଖ ଆସି ମାଡି ବସେ ।

ଟିକେ ମିଠା କଥା, ଟିକେ ସ୍ନେହ ଶ୍ରଦ୍ଧା,
ମନେ ସୁଖ ଭରିଦେବ,
ଗର୍ବ ଅହଂକାର, ମନରେ ଆଣିଲେ,
ସୁଖ କେବେ ନମିଳିବ ।

♥ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଇଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

## ଗାଁ ଗୀତ

(ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୪୫

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖିରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)

♥ ପ୍ଲଟ ନମ୍ବର-୭୬୨,
ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

କେତେ ମୁଁ ବୁଲିଛି କେତେ ମୁଁ ଖୋଜିଛି
ଆମ ଗାଁ ପରି ଗାଆଁଟିଏ କାହିଁ
ଆଉ ତ ପାଉନି ଖୋଜି,
ହୃଦୟ ଖାତାରେ ଲେଖିଥିଲି ଯେଉଁ
ପ୍ରଥମ କବିତା
କେମିତି ଲେଖିଲି, କେଉଁଠି ଲେଖିଲି
ପାରୁନାହିଁ ଆଜି ବୁଝି ।

ଆମରି ଗାଆଁର ବିଲୁଆଙ୍କ ଦଳ
ମାତିଯାଇ ଯେବେ ସୂର୍ଯ୍ୟଙ୍କୁ ଉଠାନ୍ତି
ମୁଁ ତା'ର ଜୀବନ୍ତ ସାକ୍ଷୀ
ସନା ଶୁକୁଟାଙ୍କ ଭାରବୁହା ଚାଲି
ସାଧବ ବୋହୂର ଗରଗର ନାଲି
ଯେତେ ଖୋଜିଲେ ବି
ପାଉ ନାହିଁ ଆଜି ଆଖି ।

ଆମରି ଗାଆଁର ସ୍ମୃତିର ମଳୟ
ବହୁଅଛି ନିତି ମୋ' ମନ ବିଥିର
ସ୍ତବ୍ଧ ବାସଂତି କୁଂଜେ
ହାରିଥିଲା ଯିଏ ପାଦରୁ ପରାଶ
ତାରିଥିଲା ଶୁଷ୍କ ମନରୁ ଉଦାସ
ସେ ମାଆ ମମତା ଏବେ ବି ଘାରୁଛି
ପ୍ରତିଟି ମଉଳା ସଂଜେ ।

ଦିନର ମଝିରେ ମୁଣ୍ଡଫଟା ଖରା
ବରଗଛ ଛାଇ ଖେଳର ବଖରା
ଧୂଳି ସଡ଼କର କ୍ଳାନ୍ତ ପଥିକ ହାଇ
କଇଁ ତୋଳିବାକୁ ପୋଖରୀର ପାଣି
ବାଗୁଡ଼ି ଖେଳର ଅବିରତ ରାହା
ଯେତେ ଖୋଜିଲେ ବି
ଆଜି ଆଉ ପାଉନାହିଁ ।

କେତେ ଛଳରେ ବହିଯାଉଥିଲା,
ମନର ମାଟିରେ
ସଂଭାବନାର ଉସ୍ର ମୌସୁମୀ
ଶ୍ରାବଣର ଧାରା ହୋଇ ।

କେତେ ପ୍ରଚଣ୍ଡ ରୌଦ୍ର ଆସିଛି
କେତେ ଲେଲିହାନ ଅଗ୍ନି ଗ୍ରାସିଛି
ଲିଭାଇ ପାରିନି ସେ ଅମୃତ ଫଲ୍‌ଗୁ
ଏବେ ବି ବହୁଛି ହୃଦୟରୁ ମୋର
ହୋଇ ଛଳଛଳ ନଈ ।

ଗଙ୍ଗଶିଉଳିର ଉଚ୍ଛୁଳା ଗନ୍ଧେ
ବିଭୋର ଅତୀତ ନିରବ ସଂଜେ
ମୋ' ମନ ଚକୋରୀ ପିଆସୀ ଓଠରେ
ଢାଳିଥିଲା ଯେଉଁ ଅମୀୟ ଜୋଛନା
ଆମ ଗାଆଁ ଜହ୍ନରାତି
ଲିଭିନାହିଁ ମନୁ ସେ ଅଲିଭା ଦାଗ
କୃଷ୍ଣଚୂଡ଼ାର ମନଲୋଭା ରଂଗ
ସେ ମଧୁମାଳତୀ ସଂଜ ଆଳତୀ
ପ୍ରାଣର ଉଚ୍ଛ୍ୱାସେ ନିଇତି ଗାଉଛି
ସେହି ମଧୁମୟ ଗୀତି । (କ୍ରମଶଃ)





କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'

## ବମ୍ ତୁଲ୍ ବୁଖାରା



୫୯

ଦୀପକ ରଂଜନ ମିଶ୍ର

### ॥ ବଟୁକେଶ୍ୱର ଦତ୍ତ-୫॥

ପୂର୍ବେ ଆଣ୍ଡାମାନ ତଥା ଭାରତର ବିଭିନ୍ନ ଜେଲ୍ ଭିତରେ ଆମରଣ ଅନଶନ କଲାବେଳେ ପୋଲିସ୍ ବଟୁକେଶ୍ୱରଙ୍କ ମନୋବଳ ଭାଙ୍ଗିବା ଉଦ୍ଦେଶ୍ୟରେ ତାଙ୍କୁ ଖୁବ୍ ମାର୍‌ପିଟ୍ କରିଥିଲା । ବଳପୂର୍ବକ ଚଟାଣରେ ଚିତ୍ କରି ଶୁଆଇ ଦେଇ ଚମଡ଼ା ବୁଟ୍‌ରେ ଶକ୍ତ ଗୋଇଠା ମାଡ଼ ମାରିଥିବା ଯୋଗୁଁ ତାଙ୍କ ପଞ୍ଜରାର ହାଡ଼ଗୁଡ଼ିକରେ ଭୀଷଣ ଆଘାତ ଲାଗିଥାଏ । ବୟସ ବଢ଼ିବା ପରେ ସେଇ ଆଘାତ ଯୋଗୁଁ ପରବର୍ତ୍ତୀ ଜୀବନରେ ସେ ଖୁବ୍ କଷ୍ଟ ପାଆନ୍ତି । ଆର୍ଥିକ ଦୁରବସ୍ଥା ଭଲ ଡାକ୍ତର ଦେଖାଇ ଚିକିତ୍ସା କରିବାରେ ସାଜେ ପ୍ରତିବନ୍ଧକ । ଅସହ୍ୟ ଯନ୍ତ୍ରଣାକୁ ଦାନ୍ତ ଚିପି ସହିବା ଛଡ଼ା ଅନ୍ୟ କିଛି ରାସ୍ତା ହିଁ ନଥାଏ ତାଙ୍କ ପାଖରେ । ବାହାର ଲୋକଙ୍କ ସହିତ ମିଳାମିଶା ନକରି ଅଧିକାଂଶ ସମୟ ସେ ଘରେ ବିଭିନ୍ନ କାମରେ ବ୍ୟସ୍ତ ରହି କଟାଉଥାନ୍ତି । ଝିଅକୁ ସାଇକେଲ୍‌ରେ ବସାଇ ସ୍କୁଲକୁ ନେବା ଆଣିବା କରିବା, ତା' ସହିତ ବସି ପଢ଼ିବା ତଥା ଖେଳିବାରେ ତାଙ୍କର ସମୟ ବିତୁଥାଏ । ତଥାପି କିଛି ଖାଲି ସମୟ ମିଳିଲେ ସେ ଏକାନ୍ତରେ ବସି ଫେରି ଯାଉଥାନ୍ତି ଅତୀତକୁ । କ୍ରାନ୍ତିକାରୀ ସାଥୀଗଣଙ୍କୁ ସେ ସଦାସର୍ବଦା ଝୁରୁଥାନ୍ତି । ଆପଣା ଘଟଣାବହୁଳ କ୍ରାନ୍ତିକାରୀ ଜୀବନ ଓ ବିଶେଷ କରି ସାଥୀ ଭଗତସିଂହଙ୍କ ସହ ତାଙ୍କର ସମ୍ପର୍କ ବିଷୟରେ ସ୍ମୃତିଚାରଣ କରି କିଛି କିଛି ଡାଏରୀରେ ଲିପିବଦ୍ଧ କରିବାକୁ ଲାଗନ୍ତି । ଇଚ୍ଛା ଥାଏ ସେସବୁକୁ ଏକତ୍ରିତ କରି ଏକ ପୁସ୍ତକ ରୂପେ ପ୍ରକାଶ କରିବାକୁ । ହେଲେ ଏତେ ସ୍ୱପ୍ନକୁ ରାତି ଯେ ନିଅଣ୍ଟ । ତାଙ୍କ ଯୋଜନା ସେଇ ଯୋଜନା ହୋଇ ହିଁ ରହିଯାଏ । ଚାଲିଆସେ ବିଦାୟର ବେଳା । ମାତ୍ର ୫୪ ବର୍ଷ ବୟସରେ ଅସମୟରେ ତାଙ୍କର ଦେହାନ୍ତ ଘଟେ । ଅନେକ ଦିନ ଯାଏ ଅଞ୍ଜଳି ଦେବୀ ସେଇ ଡାଏରୀଟିକୁ ଗଣ୍ଠିଧନ ଭଳି ସାଇତି ରଖନ୍ତି । ହେଲେ ଜଣେ ପରିଚିତ ମହାଶୟ ତାକୁ ପଢ଼ିବା ବାହାନାରେ ନେଇଯାଇ ଆଉ ଫେରାନ୍ତି ନାହିଁ । ଭାରତୀୟ ଇତିହାସର ଏକ ସୁନ୍ଦର ଦସ୍ତାବେଜ୍ ସାମାନ୍ୟ ଅସାବଧାନତା ହେତୁ ଚିରଦିନ ପାଇଁ ହୋଇଯାଏ ବିଲୁପ୍ତ ।

୧୯୬୩ ମସିହାରେ ବିହାର ବିଧାନ ପରିଷଦର ଜଣେ ସଦସ୍ୟଙ୍କ ଦେହାନ୍ତ ଯୋଗୁଁ ବଟୁକେଶ୍ୱର ଦତ୍ତଙ୍କୁ ମନୋନୀତ କରି ବିଧାନ ପରିଷଦକୁ ପଠାଯାଏ । ସେଠାରେ ତାଙ୍କର କାର୍ଯ୍ୟକାଳ ଥାଏ ମାତ୍ର ଆଠମାସ । ସଦସ୍ୟ ଭାବେ ସେ ସରକାରଙ୍କ ଠାରୁ କୌଣସି ସୁବିଧା ନେବାକୁ ରାଜି ହୁଅନ୍ତି ନାହିଁ । ସେଇ ଅବଧିର ସମାପ୍ତି ପରେ ଦଳୀୟ ସ୍ୱାର୍ଥ ଯୋଗୁଁ ପୁଣିଥରେ ତାଙ୍କର ମନୋନୀତ ହେବା ସମ୍ଭବ ହୋଇ ପାରେନି । ବଟୁକେଶ୍ୱରଙ୍କୁ ମଧ୍ୟ ପସନ୍ଦ ନଥାଏ ରାଜନୀତିର ପଙ୍କ ଗାଡ଼ିଆରେ ବୁଡ଼ ପକାଇବା ।

ଭଗତସିଂହଙ୍କ ପୈତୃକ ଗାଁ 'ଖଟ୍‌କଡ଼୍ କଲାଁ'ରେ ଭଗତସିଂହଙ୍କର ଏକ ପ୍ରତିମୂର୍ତ୍ତି ଅନାବରଣ ହେବା ଉତ୍ସବର ସମାଚାର ବଟୁକେଶ୍ୱର ଖବରକାଗଜରୁ ପଢ଼ିବାକୁ ପାଆନ୍ତି । ଖବର ସହିତ ଭଗତସିଂହଙ୍କ ମାଁ ବିଦ୍ୟାବତୀଙ୍କ ଏକ ଫଟୋ ସେଇ ଖବରକାଗଜରେ ପ୍ରକାଶିତ ହୋଇଥାଏ । ବିଦ୍ୟାବତୀ ଦେବୀ ଏବେ ମଧ୍ୟ ଜୀବିତ ଅଛନ୍ତି ଜାଣି ବଟୁକେଶ୍ୱର ଖୁବ୍ ଖୁସି ହୋଇ ଯାଆନ୍ତି । ତାଙ୍କୁ ସେ ମାଆ ବୋଲି ସମ୍ବୋଧନ କରୁଥିଲେ । ଏତେବର୍ଷ ପରେ ମାଆଙ୍କୁ ଥରେ ଆଖି ପୂରେଇ ଦେଖିବାକୁ ତାଙ୍କ ମନ ବ୍ୟାକୁଳ ହୋଇଉଠେ । ଶହୀଦ୍ ଜତୀନ୍ ଦାସଙ୍କ ଭାଇ କିରଣଦାସଙ୍କୁ ସେ ଯୋଗାଯୋଗ କରି ଆପଣା ଇଚ୍ଛା ବିଷୟରେ ଜଣାନ୍ତି । କିରଣଦାସ, ବଟୁକେଶ୍ୱରଙ୍କ ପଞ୍ଜାବ ଯିବାର ବ୍ୟବସ୍ଥା କରନ୍ତି । ୧୯୬୩ ମସିହା ସେପ୍ଟେମ୍ବର ୯ ତାରିଖରେ ସେ ଯାଇ ପହଞ୍ଚନ୍ତି ଖଟ୍‌କଡ଼୍ କଲାଁରେ । ତାଙ୍କ ସ୍ୱାଗତ ପାଇଁ ସେଦିନ ସାରା ଗାଁ ଉତ୍ସବମୁଖର ହୋଇ ଉଠିଥାଏ । ବ୍ୟାଣ୍ଡବାଜାରେ ବାଜୁଥାଏ ଦେଶଭକ୍ତିର ଧୂନ୍ । ଲୋକେ ଆତୁର ହୋଇ ଅପେକ୍ଷା କରି ରହିଥାନ୍ତି ସତେ ଯେମିତି ତାଙ୍କ ସମସ୍ତଙ୍କ ଲାଡ଼୍‌ଲା ଭଗତସିଂହ ପରଲୋକରୁ ଫେରି ଆସୁଛନ୍ତି । ଭୋର ସକାଳ ଠାରୁ ଘରର ମୁଖ୍ୟ ଦରଜା ଡାଁ ମେଲା କରି ମାଆ ଦାଣ୍ଡ ପିଣ୍ଡାରେ ବସି ରାସ୍ତା ଆଡ଼କୁ ଚାହିଁ ରହିଥାନ୍ତି ପୁଅ କେତେବେଳେ ଆସିବ ବୋଲି । ଭଗତସିଂହ ଆପଣା ମିତ୍ରଙ୍କ କାୟାରେ ଦେହାନ୍ତର ୩୩ ବର୍ଷ ପରେ ନିଜ ଗାଁ, ନିଜ ଘରକୁ ଫେରୁଥାନ୍ତି । ଦ୍ୱିପହର ବେଳକୁ ଭଗତସିଂହଙ୍କ ସାନ ଭାଇ କୁଲ୍‌ତାରଙ୍କ ସହିତ ବଟୁକେଶ୍ୱର ଆସି ପହଞ୍ଚିବାରୁ ପରିସ୍ଥିତି ମାର୍ମିକ ହୋଇଯାଏ । ମାଆପୁଅ ଉଭୟଙ୍କ ଆଖିରେ ଲହଡ଼ି ଭାଙ୍ଗୁଥାଏ ଲୁହ । ଦୁହେଁ ଦୁହିଁଙ୍କୁ କୁଣ୍ଢେଇ ପକାନ୍ତି । ମାଆଙ୍କ ପାଦ ଛୁଇଁ ଜୁହାର ହୁଅନ୍ତି ବଟୁକେଶ୍ୱର । ବାତ୍ସଲ୍ୟମମତାରେ ପୁଅର କପାଳକୁ ବାରମ୍ବାର ଚୁମିବା ପରେ ମାଆ କହନ୍ତି, "ବେଟା, ତୁ ତୋ ଅଭି ଭି ୱୁହି ପହଲେ ଯୈସା ଦତ୍ତ ହି ହୈ!" ଘଣ୍ଟା ସଂଖ୍ୟା ଦୁହେଁ ବସି ଅତୀତର ସ୍ମୃତିଚାରଣ କରନ୍ତି ।



ମାଆ ବିଦ୍ୟାବତୀଙ୍କୁ ଭେଟି ଖଟ୍‌କଡ଼୍ କଲାଁରୁ ଫେରିବା ବାଟରେ ବଟୁକେଶ୍ୱର ଦିଲ୍ଲୀରେ ତିନି ଚାରିଦିନ ରହନ୍ତି । ଉଦ୍ଦେଶ୍ୟ ଥାଏ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ଭେଟିବା । କିଛିଦିନ ପୂର୍ବରୁ ଭାରତୀୟ ସଂସଦ ଦ୍ୱାରା ପ୍ରକାଶିତ ଦସ୍ତାବେଜ୍‌ରେ ଭଗତସିଂହ ଓ ବଟୁକେଶ୍ୱର ଇତ୍ୟାଦିଙ୍କୁ ଆତଙ୍କବାଦୀ ବୋଲି ବର୍ଣ୍ଣନା କରାଯାଇଥାଏ । ତାହା ପଢ଼ି ଖୁବ୍ ଆଘାତ୍ ପାଇଥାନ୍ତି ବଟୁକେଶ୍ୱର । କ୍ରାନ୍ତି ଓ ଆତଙ୍କ, ଉଭୟ କ'ଣ ସମାନ ? ଦେଶ ସ୍ୱାଧୀନ ହୋଇଗଲା ପରେ ଏଇଭଳି ଭାବରେ ସମ୍ମାନିତ କରାଯାଉଛି ମୁକ୍ତି ବେଦୀରେ ଆପଣାକୁ ବଳି ଚଢ଼ାଇ ଥିବା କ୍ରାନ୍ତିକାରୀମାନଙ୍କୁ ! ତାହା ପୁଣି ଦେଶର ସଂସଦ ଦ୍ୱାରା !! ପ୍ରଧାନମନ୍ତ୍ରୀଙ୍କୁ ଭେଟି ସଂସଦ ଦ୍ୱାରା ବ୍ୟବହୃତ ସେଇ 'ଆତଙ୍କବାଦ' ଶବ୍ଦ ଉପରେ ଆପଣା ତୀବ୍ର ବିରୋଧ ବ୍ୟକ୍ତ କରନ୍ତି । ଅକାଟ୍ୟ ଯୁକ୍ତିରେ ପରାସ୍ତ ହୋଇ ନେହେରୁ ସ୍ୱୀକାର କରିବାକୁ ବାଧ୍ୟ ହୁଅନ୍ତି ଯେ କ୍ରାନ୍ତିକାରୀ ଓ କଂଗ୍ରେସକର୍ମୀଙ୍କ ମାର୍ଗ ଭିନ୍ନ ଭିନ୍ନ ହୋଇଥିଲେ ବି ମାତୃଭୂମିକୁ ବିଦେଶୀଙ୍କ କବଳରୁ ମୁକ୍ତ କରିବାର ଲକ୍ଷ୍ୟ ଥିଲା ଗୋଟିଏ । ତେଣୁ କ୍ରାନ୍ତିକାରୀଙ୍କ ପ୍ରତି ଆତଙ୍କବାଦୀ ଶବ୍ଦ ବ୍ୟବହାର କରିବା ଉଚିତ୍ ହୋଇନାହିଁ । ସଂସଦର ଦସ୍ତାବେଜ୍‌ରେ ତାକୁ ସଂଶୋଧନ କରିବାର ପ୍ରତିଶ୍ରୁତି ଦିଅନ୍ତି ନେହେରୁ । ସେଇ ସାକ୍ଷାତ ବେଳେ ଇନ୍ଦିରା ଓ ଲୋକସଭାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ଘୋଷ ମଧ୍ୟ ସେଇ କକ୍ଷରେ ଉପସ୍ଥିତ ଥାଆନ୍ତି ।

୧୯୬୨ ମସିହାରେ ଗୋଟିଏ ରୋଡ଼ ଏକ୍ସିଡେଣ୍ଟରେ ବଟୁକେଶ୍ୱର ଖୁବ୍ ଆଘାତ ପାଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥାନ୍ତି । ଦୁଇବର୍ଷ ପରେ ୧୯୬୪ ରେ ପୁଣି ସେ ବେମାର ପଡ଼ନ୍ତି । ବିଛଣାରୁ ଉଠିବା ଆଉ ତାଙ୍କ ପକ୍ଷରେ ସମ୍ଭବ ହୋଇ ପାରେନି । ତାଙ୍କୁ ପାଟନା ମେଡିକାଲ କଲେଜ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଏ । ହେଲେ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ ଚିକିତ୍ସା ଠିକ୍ ଭାବରେ ହୋଇ ପାରେନି । ସେ ଆପଣା ଦୟନୀୟ ସ୍ଥିତି ବିଷୟରେ ମିତ୍ର ଚମନଲାଲ ଆଜାଦ୍‌ଙ୍କୁ ପତ୍ର ଲେଖନ୍ତି । ଚମନ୍‌ଲାଲ ଚିଠି ପଢ଼ି ଖୁବ୍ ଦୁଃଖୀ ହୋଇ 'ବୀର ଅର୍ଜୁନ୍' ଖବରକାଗଜରେ ବଟୁକେଶ୍ୱରଙ୍କ ବିକଟ ପରିସ୍ଥିତି ବିଷୟରେ ଏକ ଆଲେଖ୍ୟ ପ୍ରକାଶ କରନ୍ତି । ଶେଷକୁ ପାଠକମାନଙ୍କ ଉଦ୍ଦେଶ୍ୟରେ ଏକ ପ୍ରଶ୍ନ ଥାଏ ଯେ, "ସ୍ୱାଧୀନ ଭାରତରେ ଯଦି କ୍ରାନ୍ତିକାରୀମାନଙ୍କୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି ତେବେ ବଟୁକେଶ୍ୱରଙ୍କର କ'ଣ ଭାରତରେ ଜନ୍ମ ନେବା ଉଚିତ୍ ହୋଇଛି ? ଯିଏ ନିଜ ଜୀବନକୁ ବାଜି ଲଗାଇ ମାତୃଭୂମିର ସେବା ପାଇଁ ଆଗେଇ ଆସିଥିଲା, ଯିଏ ଫାଶୀଖୁଣ୍ଟରୁ ଅଳ୍ପକେ ବର୍ତ୍ତିଯାଇ ବର୍ଷ ବର୍ଷ କଳାପାଣିରେ ଅକଥନୀୟ ଅତ୍ୟାଚାର ଭୋଗିଲା, ତାକୁ ସ୍ୱାଧୀନ ଭାରତ ଦେଲା କ'ଣ ?

ବିହାରରେ ଏଇ ଲେଖାର କୌଣସି ପ୍ରତିକ୍ରିୟା ମଧ୍ୟ ହୁଏନାହିଁ । କିନ୍ତୁ ଦେଶର ରାଜଧାନୀ ଦିଲ୍ଲୀରେ ତାହା ଚହଳ ପକାଇ ଦିଏ । ଚମନଲାଲ, ପଞ୍ଜାବର ମନ୍ତ୍ରୀ ଭୀମଲାଲ ସଚ୍ଚର ଓ ତତ୍‌କାଳୀନ କେନ୍ଦ୍ରୀୟ ଗୃହମନ୍ତ୍ରୀ ଗୁଲଜାରିଲାଲ ନନ୍ଦାଙ୍କୁ ଯୋଗାଯୋଗ କରି ବଟୁକେଶ୍ୱରଙ୍କ ଚିକିତ୍ସା ଦିଲ୍ଲୀର ୱେଲିଂଟନ୍ ହସ୍ପିଟାଲରେ କରେଇବାର ବ୍ୟବସ୍ଥା ପାଇଁ ଆଗ୍ରହ କରନ୍ତି । ପଞ୍ଜାବ ସରକାର ତୁରନ୍ତ ସାହାଯ୍ୟ ଯୋଗାଇବାକୁ ଆଗଭର ହୋଇ ହଜାରେ ଟଙ୍କା ବିହାର ମୁଖ୍ୟମନ୍ତ୍ରୀ କେ. ବି. ସହାୟଙ୍କ ପାଖକୁ ପଠାଇବା ସହ ଲେଖନ୍ତି ଯେ ଯଦି ବିହାର ସରକାର ତାଙ୍କପାଇଁ ଉପଯୁକ୍ତ ଚିକିତ୍ସାର ବ୍ୟବସ୍ଥା କରିବା ପାଇଁ ସକ୍ଷମ ନୁହନ୍ତି ତେବେ ପଞ୍ଜାବ ସରକାର ଦିଲ୍ଲୀ କିମ୍ବା ଚଣ୍ଡିଗଡ଼ରେ ତାଙ୍କର ଚିକିତ୍ସା କରେଇବା ସହ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବାକୁ ପ୍ରସ୍ତୁତ ଅଛନ୍ତି । ଏତେସବୁ ପରେ ବିହାର ସରକାର ସେଇ ଦିଗରେ ସାମାନ୍ୟ ତତ୍ପରତା ଦେଖାଇବାକୁ ଯାଇ ପାଟନାର ପ୍ରଖ୍ୟାତ ଡାକ୍ତର ମୁଖୋପାଧ୍ୟାୟଙ୍କ ଦ୍ୱାରା ଚିକିତ୍ସା ବ୍ୟବସ୍ଥା କରନ୍ତି । ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଟିକିଏ ବି ଉନ୍ନତି ପରିଲକ୍ଷିତ ହୁଏ ନାହିଁ । ଚମନଲାଲ ଆଜାଦ ନିଜେ ପାଟନା ଆସି ରାଜ୍ୟପାଳ ଅନନ୍ତ ଶୟନମ୍ ଆୟଙ୍ଗର ଓ ଚିକିତ୍ସକ ମୁଖୋପାଧ୍ୟାୟଙ୍କୁ ସାକ୍ଷାତ କରନ୍ତି । କିଛି ନୂଆ ପରୀକ୍ଷା କରାଯାଏ । ତହିଁରୁ ଜଣାପଡ଼େ ଯେ ତାଙ୍କର ମେରୁଦଣ୍ଡରେ କିଛି ଅସୁବିଧା ହୋଇଥିବାରୁ ତାଙ୍କର ଅବସ୍ଥା ଏମିତି ହୋଇଯାଇଛି ଓ ଏତେଦିନ ପର୍ଯ୍ୟନ୍ତ ଯେତିକି ଯାହା ଚିକିତ୍ସା କରାଯାଇଛି ତାହା ସବୁ ଭୁଲ । ଚମନଲାଲ ତାଙ୍କୁ ସାଥୀରେ ଦିଲ୍ଲୀ ନେଇଆସି ସଫ୍‌ଦର୍‌ଜଙ୍ଗ୍ ହସ୍ପିଟାଲରେ ଭର୍ତ୍ତି କରେଇ ଦିଅନ୍ତି । ମେରୁଦଣ୍ଡର ଉପଚାର ପାଇଁ ତାଙ୍କୁ କୋବାଲ୍ଟ କିରଣ ଦିଆଯାଏ । ସେଥିରେ ବି ତାଙ୍କର କିଛି ଉନ୍ନତି ହୁଏନାହିଁ । ପୁଣି ପରୀକ୍ଷା କରିବାରୁ ସେ କ୍ୟାନ୍ସର ଦ୍ୱାରା ଆକ୍ରାନ୍ତ ହୋଇଥିବା କଥା ଜଣାପଡ଼େ । ଅତୀତର କ୍ରାନ୍ତିକାରୀ ସାଥୀ କିରଣଦାସ, କିଶୋରୀଲାଲ ଓ ମନ୍ମଥନାଥ ଗୁପ୍ତ ତାଙ୍କୁ ଦେଖା କରିବାକୁ ଡାକ୍ତରଖାନାକୁ ଆସନ୍ତି । ପ୍ରଖ୍ୟାତ ରାଜନେତା କେ. କାମରାଜ ମଧ୍ୟ ଆସନ୍ତି ତାଙ୍କ ସହିତ ସାକ୍ଷାତ କରିବା ପାଇଁ । ପଞ୍ଜାବର ମୁଖ୍ୟମନ୍ତ୍ରୀ ରାମକିଶନ ନିୟମିତ ସକାଳେ ଓ ସନ୍ଧ୍ୟାରେ ଆସି ତାଙ୍କ ହାନିଲାଭ ବୁଝୁଥାନ୍ତି । ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ତଥା ରାଷ୍ଟ୍ରପତି ରାଧାକ୍ରିଷ୍ଣନ୍ ମଧ୍ୟ ଆସନ୍ତି ତାଙ୍କୁ ଦେଖା କରିବାକୁ । ବଟୁକେଶ୍ୱରଙ୍କୁ କ୍ୟାନ୍ସର ହୋଇଯାଇଥିବାର ଖବର ପାଇ ମାତା ବିଦ୍ୟାବତୀ ଖୁବ୍ ଭାଙ୍ଗିପଡ଼ନ୍ତି । ସେ ଆପଣା ପୁତ୍ର ଭଗତସିଂହ ଓ ତାଙ୍କ ସାଥୀ ବଟୁକେଶ୍ୱର ଦତ୍ତଙ୍କ ଭିତରେ କିଛି ବି ଫରକ୍ ଦେଖୁ ନଥିଲେ । ୮୫ ବର୍ଷ ବୟସରେ ବି ସେ ଦିଲ୍ଲୀ ଆସନ୍ତି ପୁଅକୁ ଦେଖିବା ପାଇଁ । ତାଙ୍କ ପାଖରେ ଥିବା ସମସ୍ତ ପଇସା ସେ ଦେଇ ଦିଅନ୍ତି ପୁଅର ଚିକିତ୍ସା ସକାଶେ । ଯେତେ ଚେଷ୍ଟା କଲେ ବି ବଟୁକେଶ୍ୱରଙ୍କ ଆରୋଗ୍ୟଲାଭ ସମ୍ଭବ ହୁଏନି । ଦିନକୁ ଦିନ ପରିସ୍ଥିତି ଆହୁରି ବିଗିଡ଼ିବା ଆରମ୍ଭ କରେ ।

ଦିନେ ପଞ୍ଜାବର ମୁଖ୍ୟମନ୍ତ୍ରୀ ରାମକିଶନ୍‌ଜୀ ତାଙ୍କୁ ପଚାରନ୍ତି ତାଙ୍କର କ'ଣ ଦରକାର ବୋଲି । ଆଖି ଛଳ ଛଳ କରି ଅସ୍ପଷ୍ଟ ସ୍ୱରରେ ବଟୁକେଶ୍ୱର କହନ୍ତି, "ମୋର କିଛି ଦରକାର ନାହିଁ କିଶନ୍‌ଜୀ । ମୋ ଜୀବନର ଏକମାତ୍ର ଦୁଃଖ ଯେ ମୁଁ ମୋ ସାଥୀ ଭଗତସିଂହଙ୍କ ସହ କାନ୍ଧକୁ କାନ୍ଧ ମିଶାଇ ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ କଲି ସିନା ହେଲେ ସାଥୀ ହୋଇ ଫାଶୀ ଖୁଣ୍ଟରେ ଝୁଲିବାର ସୌଭାଗ୍ୟ ପାଇପାରିଲି ନାହିଁ । ଲାହୋର ସେଣ୍ଟ୍ରାଲ ଜେଲ୍‌ରେ ଫାଶୀ ଦେବାପରେ ଭଗତସିଂହ, ସୁଖଦେବ ଓ ରାଜଗୁରୁଙ୍କ ମରଶରୀରକୁ ଖଣ୍ଡ ଖଣ୍ଡ କରି କାଟି ବସ୍ତାରେ ପୂରେଇ ଇଂରେଜମାନେ ଲୁଚେଇ ଯେଉଁ ସତଲେଜ୍ ନଦୀ କୂଳରେ ସେମାନଙ୍କୁ ଦାହ କରିଥିଲେ ସେଇ ଜାଗାରେ ମୋର ଅନ୍ତିମ ସଂସ୍କାର ହେଉ ବୋଲି ମୋର ଏକାନ୍ତ ଇଚ୍ଛା । ସାଥୀହୋଇ ଫାଶୀ ଖୁଣ୍ଟରେ ଝୁଲି ପାରିଲିନି ସିନା ଗୋଟିଏ ଜାଗାରେ ଜଳି ତ ପାରିବି.... ।" ଏଭଳି ଶୋଚନୀୟ ସ୍ୱାସ୍ଥ୍ୟାବସ୍ଥାରେ ମଧ୍ୟ ଆପଣା ବନ୍ଧୁଙ୍କ ପ୍ରତି କି ଅଦ୍ଭୁତ ଆକର୍ଷଣ !!! ଏକଥା ଶୁଣି ସେଠାରେ ଉପସ୍ଥିତ ସମସ୍ତଙ୍କ ଆଖିରେ ଲୁହ ଆସିଯାଏ ।

ଧୀରେ ଧୀରେ ତାଙ୍କ ସ୍ମରଣଶକ୍ତି ହ୍ରାସ ପାଇବାକୁ ଲାଗେ । ଲାହୋର ଷଡ଼ଯନ୍ତ୍ର କେଶ୍‌ର କିଶୋରୀଲାଲ ହିଁ ଥିଲେ ଶେଷ ବ୍ୟକ୍ତି ଯାହାଙ୍କୁ ସେ ଚିହ୍ନି ପାରନ୍ତି । ତା'ପରେ ଯିଏ ଆସିଲେ ବି ସେ ଆଉ କାହାକୁ ଚିହ୍ନି ପାରନ୍ତି ନାହିଁ । ଭାରତର ନାମୀ ତଥା ଅଭିଜ୍ଞ ଡାକ୍ତରଙ୍କ ଚିକିତ୍ସା ସତ୍ତ୍ୱେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଦୃତ ଅବନତି ହୋଇଚାଲେ । ଅନ୍ତିମ ସମୟ ଆସିଯାଇଥିବାର ସନ୍ଦେହ କରି ମାତା ବିଦ୍ୟାବତୀଙ୍କୁ ଖବର ଦିଆଯାଏ ଶୀଘ୍ର ଦିଲ୍ଲୀ ପହଞ୍ଚିବା ପାଇଁ । ସେ ପଞ୍ଜାବରୁ କାର୍ ଯୋଗେ ଆସି ଦିଲ୍ଲୀରେ ପହଞ୍ଚି ଡାକ୍ତରଖାନାର ବେଡ୍‌ରେ ବଟୁକେଶ୍ୱରଙ୍କ ମୁଣ୍ଡକୁ ନିଜ କୋଳରେ ଧରି ବସିରହନ୍ତି । ତାଙ୍କ ମନେ ପଡୁଥାଏ ଭଗତସିଂହ ଫାଶୀ ପାଇବା ପୂର୍ବରୁ ତାଙ୍କୁ କହିଥିବା ଅନ୍ତିମ କଥା - "ମୁଁ ତ ଯାଉଛି ମା', କିନ୍ତୁ ନିଜର ଏକ ଭାଗ ଦତ୍ତ ରୂପରେ ଛାଡ଼ି ଯାଉଛି ।" ସେଇ ଶେଷ ଭାଗଟିବି ମା'କୁ ଛାଡ଼ି ଚାଲି ଯାଉଥିବାରୁ ଗଭୀର ମାନସିକ ଯନ୍ତ୍ରଣା ଭୋଗ କରୁଥାନ୍ତି ମାଆ ବିଦ୍ୟାବତୀ । ଦୀର୍ଘ ତିନିଦିନ ସେଇମିତି ବସି ରହନ୍ତି ପୁଅର ମୁଣ୍ଡକୁ କୋଳରେ ଧରି । ଡାକୁଥାନ୍ତି ୱାହେଗୁରୁଙ୍କୁ । ପାଖରେ ପତ୍ନୀ ଅଞ୍ଜଳି, ଝିଅ ଭାରତୀ, ଭଗତସିଂହଙ୍କ ଭଉଣୀ ବିବି ଅମରକୌର ଘେରି ରହିଥାନ୍ତି ତାଙ୍କୁ । କେତେ ଲୋକ ଦେଖା କରିବାକୁ ଆସୁଥାନ୍ତି । ହେଲେ ଅଚେତାବସ୍ଥାରେ ପଡ଼ି ରହିଥାନ୍ତି ମା' ଭାରତୀଙ୍କ ବୀର ସନ୍ତାନ ବଟୁକେଶ୍ୱର । ଜୁଲାଇ ୨୦ ତାରିଖ ରାତି ୧.୫୦ ବେଳକୁ ମହାନ୍ ସଂଗ୍ରାମୀ ତାଙ୍କ ମର ଶରୀରକୁ ଛାଡ଼ି ଆରପାରିକୁ ପ୍ରସ୍ଥାନ କରନ୍ତି ।

ଦେହାନ୍ତର ଖବର ପାଇ ସାରା ଦେଶରେ ଶୋକାକୁଳ ପରିସ୍ଥିତି ଦେଖାଦିଏ । ଦେଶର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବାକୁ ଆସନ୍ତି । ଡାକ୍ତରଖାନାରୁ ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ସେଇ ସଂସଦ ଭବନକୁ ଅଣାଯାଏ ଯେଉଁଠି ଦିନେ ସେ ଭଗତସିଂହଙ୍କ ସାଥୀରେ ବୋମା ଫିଙ୍ଗି ଗିରଫ୍ ହୋଇଥିଲେ । ସେଠାରୁ ଶୋଭାଯାତ୍ରା ଯନ୍ତରମନ୍ତର, କନାଟ୍‌ପ୍ଲେସ୍, ଚାନ୍ଦିନୀ ଚୌକ ଦେଇ ଦିଲ୍ଲୀ ରେଳଷ୍ଟେସନ୍‌ରେ ପହଞ୍ଚେ । ବାଟସାରା ଶୋକାକୁଳ ଜନତା ବହୁ ସଂଖ୍ୟାରେ ତାଙ୍କ ଶେଷ ଦର୍ଶନ କରି ତାଙ୍କୁ ଅନ୍ତିମ ବିଦାୟ ଜଣାନ୍ତି । ଗୋଟିଏ ସ୍ୱତନ୍ତ୍ର ବଗିରେ ତାଙ୍କ ମରଶରୀରକୁ ପଞ୍ଜାବ ନିଆଯିବାର ବ୍ୟବସ୍ଥା କରାଯାଏ । ତାଙ୍କ ସାଥୀରେ ମା' ବିଦ୍ୟାବତୀ, ଭଉଣୀ ଅମର କୌର, ପତ୍ନୀ ଅଞ୍ଜଳି, ଝିଅ ଭାରତୀ ଓ କିଛି କ୍ରାନ୍ତିକାରୀ ସାଥୀ ଯାଆନ୍ତି । ଫିରୋଜପୁର ଷ୍ଟେସନ୍‌ରେ ପଞ୍ଜାବର ମୁଖ୍ୟମନ୍ତ୍ରୀ ରାମକିଶନ୍ ତାଙ୍କ ମନ୍ତ୍ରୀମଣ୍ଡଳ ସହିତ ଏମାନଙ୍କୁ ସ୍ୱାଗତ କରନ୍ତି । ବଟୁକେଶ୍ୱରଙ୍କ ପାର୍ଥିବ ଶରୀରକୁ ନେହେରୁ ପାର୍କରେ ଏକ ସୁସଜ୍ଜିତ ମଞ୍ଚ ଉପରେ ସର୍ବସାଧାରଣଙ୍କର ଦର୍ଶନ ନିମନ୍ତେ କିଛି ସମୟ ରଖାଯାଏ । ସେଠାରୁ ଶୋଭାଯାତ୍ରା ବାହାରେ ଭାରତ-ପାକ୍ ସୀମାରେ ଥିବା ସତ୍‌ଲେଜ୍ ନଦୀ କୂଳର ହୁସୈନୀୱାଲା ଗାଁ ଆଡ଼କୁ । ଯେଉଁଠି ଦୀର୍ଘ ୩୫ ବର୍ଷ ପୂର୍ବେ ଲୁଚାଛପାରେ ତିନି ମହାନ୍ କ୍ରାନ୍ତିକାରୀଙ୍କର ଅନ୍ତିମ ସଂସ୍କାର ହୋଇଥିଲା ସେଇଠି ଭାରତୀୟ ସେନାର ତୋପ ସଲାମୀ ତଥା ଜୟଜୟକାର ଧ୍ୱନି ସହ ବଟୁକେଶ୍ୱର ଦତ୍ତଙ୍କର ମରଶରୀର ପଞ୍ଚଭୂତରେ ବିଲୀନ ହୋଇଯାଏ । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୫ ମାର୍ଚ୍ଚ, ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ଆ ଲୋ ଚ ନା

# ସମାଜର ଉଚ୍ଚ ଭାଗଫଳ

ଅନ୍ତରୀକ୍ଷ, ସୌରଜଗତ ତଥା ପୃଥିବୀ ପୃଷ୍ଠର ସବୁ ଦୃଶ୍ୟ, ସ୍ପୃଶ୍ୟ, ଶ୍ରାବ୍ୟ ଗୁଡିକ କେବଳ ଗୋଟିଏ ଗୋଟିଏ ସଂଯୋଜିତ ଉପୃତ୍ତି । ଅନୁରୂପ ମଣିଷର ନିଜସ୍ୱ ଜୀବନ କାଳ ମଧ୍ୟରେ କବଳିତ ସମସ୍ତ ବିଷୟ ହେଉ କି ସାମାଜିକ ସ୍ଥିତି ଗୁଡିକ ମଧ୍ୟ କୌଣସି ସଂଯୋଜିତ ପ୍ରାପ୍ୟ । ସମାଜର ଉଚ୍ଚ ଭାଗଫଳଟିଏ ଅଧିଗ୍ରହଣ କରିପାରିଥିବା ମଣିଷଟି ନିଜକୁ ଉଚ୍ଚସ୍ଥାନିତ କରିବା ସହିତ ଅପ୍ରାପ୍ତଙ୍କୁ ଛୋଟ ଦୃଷ୍ଟିରେ ଦେଖିବା ଏକ ନୈତିକ କୁସଂସ୍କାର ଜନିତ ବିରଧାରା ଯାହା ତାକୁ ନୀଚ କରିଥାଏ । କୌଣସି କାରଣରୁ ସାମାଜିକ ଉଚ୍ଚ ଭାଗଫଳଟିଏ ପାଇଥିବା ମଣିଷଟି ନିଜକୁ ବଡ ବୋଲି ବିର କରିବା ସହିତ ନିକଟସ୍ଥ ସମସ୍ତଙ୍କୁ ନିଜର ବଡିମା ପ୍ରଦର୍ଶନ କରିବା ଏକ ଦୁର୍ବଳ ମାନସିକତା । କାରଣ ଉପଯୁକ୍ତ କ୍ଷମତା ରହିତ ଜଣେ ମଣିଷ କୌଣସି କାରଣରୁ ସାମାଜିକ ସଂଯୋଜିତ ଉଚ୍ଚ ଭାଗଫଳଟିଏ ପ୍ରାପ୍ୟ ହେବା ପରେ ନିଜର ଅନ୍ୟାନ୍ୟ ଦୁର୍ବଳତାକୁ ସଂକୁଚିତ କରିବା ଉଦ୍ଦେଶ୍ୟରେ ମନରେ ଏକ ଭାବଧାରା ସୃଷ୍ଟି ହୋଇଥାଏ ଯାହାକୁ ଅହଂଭାବ ବୋଲି କୁହାଯାଏ । ଉପଯୁକ୍ତ କ୍ଷମତା ସମ୍ପନ୍ନ ମଣିଷର ସାମାଜିକ ମାନ୍ୟତା ହେଉ କି ଆଶାତୀତ ପ୍ରାପ୍ୟରେ କୌଣସି ଅହଂଭାବ ସୃଷ୍ଟି ହେବ ନାହିଁ, କାରଣ ତାହା ସେହି ମଣିଷର କ୍ଷମତା ବହିର୍ଭୁତ ନୁହେଁ । ଅତଏବ ପ୍ରତ୍ୟେକ ସମୟରେ ନିଜର ଅହଂଭାବାପନ୍ନ ବିରକୁ ପ୍ରୟୋଗ କରିବା ପୂର୍ବରୁ ପ୍ରଥମେ ନିଜର କ୍ଷମତା ଏବଂ ସଂଯୋଜିତ ପ୍ରାପ୍ୟକୁ ସମ୍ମୁଖରେ ରଖି ନିଜର ବିରଧାରାକୁ ପରିଳିତ କରାଗଲେ ପ୍ରକୃତ ମାନବିକ ଚେତନରେ ନିଜକୁ ସଞ୍ଚାଳିତ କରିହେବ ।

କୌଣସି କାରଣରୁ ନିଜକୁ ବଡ ବୋଲି ବିର କରୁଥିବା ମଣିଷ ଗୁଡିକ ବାହ୍ୟରେ ଯାହା ସବୁ ଆଚରଣ ପ୍ରଦର୍ଶନ କରିଥା'ନ୍ତି ଆଭ୍ୟନ୍ତରରେ ତାହାର ବ୍ୟବଚ୍ଛେଦ ପୂର୍ବକ ନିଜର କ୍ଷମତା ଏବଂ ସଂଯୋଜିତ ପ୍ରାପ୍ୟ ମଧ୍ୟରେ ପାର୍ଥକ୍ୟ ବୁଝି ପାରୁଥିବେ ନିଶ୍ଚୟ । ଆଉ ଯଦି ସେହି ଅନ୍ତରକୁ ଅନୁଶୀଳନ କରିବାର କ୍ଷମତା ରହିତ ମଣିଷଟି ନିଜର ସ୍ଥିତି ବୁଝିନପାରି ତାହାହିଁ ସର୍ବସ ବୋଲି ବିରକୁ ନିଅନ୍ତି ତାହେଲେ ତାକୁ ଅଜ୍ଞାନ ବୋଲି କୁହାଯିବ । ଶିକ୍ଷା ଏକ ସାମାଜିକ ପ୍ରେରଣା ଯାହା ମଣିଷକୁ ତାହାର ସୀମିତ ରେଖା ମଧ୍ୟରେ କିଛି କୌଶଳ ପ୍ରଦାନ କରିଥାଏ । ଧନ ଏକ ସାମାଜିକ ମାୟା ଯାହା ମଣିଷକୁ ଅତ୍ୟଧିକ ଭାରାକ୍ରାନ୍ତ କରି କେତେବେଳେ ଶାନ୍ତି ତ ଆଉ କେତେବେଳେ ବ୍ୟାପକ ଅଶାନ୍ତ କରିଥାଏ । ଦମନ କ୍ଷମତା ଏକ ସାମାଜିକ ବିଭୀଷିକା ଯାହା ଅମାନବୀୟ ଚରିତ୍ରର ଏକ ରୂପାନ୍ତରିତ ଚେହେରା । ଏହି ତିନୋଟି ବିଷୟକୁ ଆଧାର କରି ଯେଉଁ ସାମାଜିକ ମାନ୍ୟତା ସବୁ ହାସଲ କରିଥାଏ ମଣିଷ, ସେଗୁଡିକ ସାମୁହିକ ସ୍ୱାର୍ଥରେ ବ୍ୟବହୃତ ହେବା ସମ୍ଭାବନା ଖୁବ୍ କମ୍ । ସେସବୁ କେବଳ ବ୍ୟକ୍ତି କୈନ୍ଦ୍ରିକ ଅସମୀଚିନ କାର୍ଯ୍ୟକଳାପ ଯାହା ସମୟ / କ୍ଷେତ୍ରକୁ ନେଇ ବ୍ୟବହୃତ ହୋଇଥାଏ । ଏହି ତିନୋଟି ବିଷୟ ଆଧାରିତ ସାମାଜିକ ମାନ୍ୟତା ମଣିଷକୁ ଅତ୍ୟଧିକ ଭାରାକ୍ରାନ୍ତ କରିଥାଏ ଯାହା ସବୁ ବହନ କରିବା ଅତ୍ୟନ୍ତ କଷ୍ଟକର ହୋଇପଡେ ଜୀବନରେ । ଯେଉଁମାନେ ଏହି ତିନୋଟି ବିଷୟ ଆଧାରିତ ସାମାଜିକ ମାନ୍ୟତା ହାସଲ କରିଥା'ନ୍ତି ସେମାନେ ସମାଜର ଅତ୍ୟଧିକ ଭାରାକ୍ରାନ୍ତ ମଣିଷ ହୋଇଥା'ନ୍ତି । ସେହି ବୋଝ ଉଠାଇ ଉଠାଇ ସେମାନଙ୍କ ଜୀବନ ଜଂଜାଳ ଏତେ ମାତ୍ରାରେ ବଢିଯାଏ ଯେ କେତେବେଳେ ଜୀବନ ଆରମ୍ଭ ହୋଇ ଶେଷ ହୋଇଯାଏ ସେମାନଙ୍କର ବୁଝିବା ବେଳକୁ ଆଉ ସମୟ ନଥାଏ ଜୀବନକୁ ଉପଭୋଗ କରିବା ପାଇଁ ଯାହା ଏକ କରାଳ ବିଭୀଷିକା ଭଳି ଦଣ୍ଡାୟମାନ, ଯେଉଁଥିରେ ଅନେକ ମଣିଷ ପୀଡିତ ଆଜି ସମୟରେ ।

ଜ୍ଞାନ ଏକ ପ୍ରକୃତିଦତ୍ତ ଉପହାର ଯାହା ମଣିଷକୁ ଭାର ଲାଘବ କରି ସୁଖରେ ଜୀବନ ଅତିବାହିତ କରିବାର ସୁଯୋଗ ସୃଷ୍ଟି କରିଥାଏ । ଜ୍ଞାନ ଏକ ଆନନ୍ଦମୟ ପ୍ରକୃତି ପ୍ରବାହିତ ଗୁଣ ଯାହା ସାମାଜିକ ସାମୁହିକ ସ୍ୱାର୍ଥରେ ନିୟୋଜିତ ହୋଇଥାଏ । ଜ୍ଞାନ ମଣିଷକୁ ଜୀବନର ପ୍ରକୃତ ଆନନ୍ଦ ଉପଭୋଗ କରିବାରେ ସୁଯୋଗ ସୃଷ୍ଟି କରିବା ସଂଗେ ସଂଗେ ପରିପାର୍ଶ୍ୱିକ ସମସ୍ତଙ୍କୁ ପବିତ୍ରତାର ବାର୍ତ୍ତା ଯୋଗାଇ ଦେବାରେ ସହଯୋଗୀ ହୋଇଥାଏ । କେତେକ ସମୟରେ ସାଧନା ଦ୍ୱାରା କିଂଚିତ ଜ୍ଞାନ ମଧ୍ୟ ପ୍ରାପ୍ତ ହୋଇଥାଏ ଯାହା ମଣିଷକୁ ପରିବର୍ତ୍ତିତ ମାନବୀୟ ଶିକ୍ଷା ପ୍ରଦାନ କରିଥାଏ । ଜ୍ଞାନୀ ସବୁବେଳେ ସମାଜର ମଙ୍ଗଳ ଦିଗରେ ଚିନ୍ତିତ ହୋଇଥା'ନ୍ତି । ସେମାନେ ସମାଜର ମଙ୍ଗଳରେ ନିଜର ଆନନ୍ଦ ଆସର ଢ଼ାଳିଥା'ନ୍ତି । ଜ୍ଞାନର ମାହାତ୍ମ୍ୟ ବୁଝିବା ସହଜ ନୁହେଁ ଯାହା ଆଜି ସମୟରେ ଅଧିକାଂଶ ମଣିଷଙ୍କୁ ଅଜ୍ଞାନ କରି ରଖିଛି । ଏକବିଂଶ ଶତାବ୍ଦୀର ମଣିଷ କେବଳ ଉପର ଲିଖିତ ତିନୋଟି ବିଷୟ ବ୍ୟତୀତ ଜ୍ଞାନ କ'ଣ ବୁଝିବାରେ ସମ୍ପୂର୍ଣ୍ଣ ଅସମର୍ଥ ରହିଥିବା ଜାଣିହେବ ଅନୁଧ୍ୟାନ କଲେ । ତେଣୁ ଉପର ଲିଖିତ ତିନୋଟି ବିଷୟ ଜଡିତ ସାମାଜିକ ମାନ୍ୟତାରେ ଅଭିଷିକ୍ତ ମଣିଷ ସମୂହ ସମ୍ପୂର୍ଣ୍ଣ ଅଜ୍ଞାନ ରହି ସମାଜରେ କରାଳତା, ବ୍ୟଭିର ସୃଷ୍ଟି କରୁଥିବା ଆଜିର ଅଭାବନିୟତାକୁ ଦୂର କରାନଗଲେ ଯେ ଆମ ଭବିଷ୍ୟ ପିଢିଙ୍କ ଜୀବନ ଯନ୍ତ୍ରଣା ଅତ୍ୟନ୍ତ କଠିନ ହେବ ସେଇଥିରେ ତିଳେ ହେଲେ ଦ୍ୱିଧା ନାହିଁ ।

ବିଭିନ୍ନ ସ୍ତରର ଖବର ହେଉକି ଦୃଶ୍ୟ, ଶ୍ରାବ୍ୟ ବିଷୟ ଗୁଡିକୁ ମାନସିକ କବଳିତ କରି ମଣିଷ ନିଜକୁ ଯଥେଷ୍ଟ ଜ୍ଞାନୀ ବୋଲି ଭାବିବା ଆଜି ସମୟରେ ପ୍ରାୟତଃ ସମସ୍ତଙ୍କ ପାଖରେ ଦେଖିବାକୁ ମିଳୁଛି । ସେମାନେ ହୁଏତ ଜାଣିନାହାନ୍ତି ପ୍ରକୃତ ଜ୍ଞାନ କ'ଣ ?! ସେମାନେ ନିଜକୁ ଜ୍ଞାନୀର ପରିଚୟ ଦେଇ ସମାଜରେ ଅଜ୍ଞାନତା ବିତରଣ କରୁଥିବା ବିଷୟ ମଧ୍ୟ ଅଂତରଣୀୟ ହୋଇନଥାଏ ସେମାନଙ୍କୁ ! ନିଜକୁ ଅଜ୍ଞାନ କରି ରଖିବା ସହିତ ସାମାଜିକ ଅଜ୍ଞାନତା ବିତରଣ କରିବାରେ ସେମାନଙ୍କ ଭୂମିକା ଯଥେଷ୍ଟ ଅଧିକ ହୋଇଥାଏ ଯେଉଁମାନେ ନିଜକୁ ଶିକ୍ଷା, ଦୀକ୍ଷା, ଧନ, ମାନ ଜନିତ ଜ୍ଞାନୀ ବୋଲି ଭାବନ୍ତି । କାରଣ ବାସ୍ତବ ଜ୍ଞାନୀର କୌଣସି ସାମାଜିକ ପ୍ରମାଣର ଆବଶ୍ୟକତା ନଥାଏ । ସାମାଜିକ ପ୍ରମାଣ ସମ୍ପୃକ୍ତ ମଣିଷଟି କୌଣସି କ୍ଷେତ୍ରରେ ମାନ୍ୟତା ପାଇଗଲେ ଯେ ସେ ଜଣେ ଜ୍ଞାନୀ ହୋଇଯିବ ତାହାର କୌଣସି ନିଶ୍ଚିତତା ନଥାଏ । ବରଂ ସେହି ମାନ୍ୟତାକୁ ନେଇ ମନରେ ଅହଂଭାବ ସୃଷ୍ଟି ହେଉଥିବା କାରଣରୁ ସେମାନଙ୍କ ବିକଶିତ ଜ୍ଞାନ ସଂକୁଚିତ ହୋଇ ଦିନକୁ ଦିନ ଅଜ୍ଞାନତାର ଚରମ ଶୀର୍ଷରେ ପହଂଚିଥା'ନ୍ତି ଯାହା ସାମାଜିକ ମଙ୍ଗଳ ବିପରୀତେ ଅମଙ୍ଗଳ କରିଥାଏ । ସେହିଭଳି ଅଜ୍ଞାନ ମାନ୍ୟ ଜନଗଣ ସମାଜର କେତେ ଉର୍ଦ୍ଧ୍ୱରେ ସ୍ଥାପିତ ହୋଇଥିଲେ ମଧ୍ୟ କୌଣସି ସାମାଜିକ ମଙ୍ଗଳ କାର୍ଯ୍ୟ କରିବାରେ ସମର୍ଥ ହେବା ଅସମ୍ଭବ ନିଶ୍ଚୟ ।

ପ୍ରକୃତ ଜ୍ଞାନୀଙ୍କ ସାମାଜିକ ମାନ୍ୟତା ଏବଂ ଉପର ଲିଖିତ ତିନୋଟି ବିଷୟ ଜନିତ ସମୟର ସଂଯୋଜିତ ସାମାଜିକ ମାନ୍ୟତା ମଧ୍ୟରେ ଗଭୀର ପାର୍ଥକ୍ୟ ରହିଛି । ପୂର୍ବରୁ ଜ୍ଞାନୀ, ଗୁଣିଙ୍କୁ ଯେଉଁ ସାମାଜିକ ମାନ୍ୟତା ଦିଆଯାଉଥିଲା ତାହା ବର୍ତ୍ତମାନ ଆଉ ନାହିଁ । ଉପସ୍ଥିତ ସମୟରେ କେବଳ ମାୟାବୀଙ୍କ ସାମାଜିକ ମାନ୍ୟତା ଯଥେଷ୍ଟ ଅଧିକ ହେଉଥିବା କାରଣରୁ ସମାଜରେ ଆଉ ମଣିଷ ନାହାଁନ୍ତି । ମନୁଷ୍ୟ ଶରୀରରେ ପାଶୁଭଳି ଆଚରଣ ସାମାଜିକ ଶୋଭା ମଣ୍ଡିତ କରୁଥିବା ବେଳେ ସେଗୁଡିକୁ ହିଁ ସର୍ବସ୍ୱ ବୋଲି ବିରୁଛନ୍ତି ସାଧାରଣ ନିର୍ବୋଧ । ତେଣୁ ଦିନକୁ ଦିନ ସାମାଜିକ ସଂସ୍କାର ପରିବର୍ତ୍ତେ କୁସଂସ୍କାର ବଢ଼ିବାରେ ଲାଗିଛି ଯାହା ସମସ୍ତଙ୍କୁ ଗୋଚର । କୁସଂସ୍କାରରେ ଜଡିତ କୌଣସି ସାମାଜିକ ମାନ୍ୟତା ଅଧିଗ୍ରହଣ କରି ସମାଜର ଉଚ୍ଚ ଭାଗଫଳଟିଏ ପାଇ ପାରିଲେ ଯେ ସେହି ମଣିଷଟି ଅତ୍ୟନ୍ତ କ୍ଷମତାସୀନ ନିଶ୍ଚୟ ବୋଲି ରହିଛି ବିର ସମସ୍ତଙ୍କର ଯାହା ଏକ ଅଲୌକିକ ଭାବଧାରା ମାତ୍ର ! ପ୍ରାକୃତିକତାକୁ ଭବାନ୍ତର୍ଭୂକ୍ତ କରି ଦୁର୍ଲ୍ଲଭ ମଣିଷ ଜୀବନର ସୁଖ ପ୍ରାପ୍ତି କରିବା ବିଷୟରେ ସାମାଜିକ ସଚେତନତା ନାହିଁ କିମ୍ବା କୌଣସି ମଣିଷ ସ୍ୱତଃ ପ୍ରବୃତ୍ତ ଭାବେ ମଧ୍ୟ ବିରକୁ ନେଉନଥିବା ଦୁଃଖଦଃ ବିଷୟର ଅନ୍ତ କରି ମଣିଷ ଭଳି ମଣିଷ ଗଢିବାରେ ଆଉ ସକ୍ଷମ ହେବ ଏ ସମାଜ, ସନ୍ଦେହ..... ?!!

ଆଲେଖ୍ୟ :
ପଙ୍କଜ କୁମାର ପାଣିଗ୍ରାହୀ
♥ ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦
ମୋ : ୯୪୩୭୩୨୪୯୧୭





# ଫଗୁମୟ ପୃଥିବୀ

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ୍, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆମ୍ବ ତୋଟାର ଗହଳରୁ କୋଇଲିର କୁହୁତାନ କହୁଛି ଫଗୁଣ ଆସିଛି । ଆମ୍ବ ବଉଳର ବାସ୍ନା, ଓ ଅବିରର ରଙ୍ଗ ଫଗୁଣକୁ କରିଛି ଆହୁରି ମନଲୋଭା । ପ୍ରାକୃତିକ ରୂପ ଛଟାର ମନ ସୁଶୋଭିତ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଝୁଲି ଝୁଲି ଆସୁଛନ୍ତି ଦୋଳ ଗୋବିନ୍ଦ । ଆଉ ସତେ ଯେମିତି ଈଶ୍ୱରୀୟ ସତ୍ତାର ସ୍ୱାଗତ ପାଇଁ ପ୍ରକୃତି ଆଙ୍କି ଦେଇଛି ରଙ୍ଗୋଲି । ଏ ରଙ୍ଗୋଲିରେ ରଙ୍ଗାୟିତ ହୋଇଛି ଜନମାନସ ଏବଂ ଅବିରର ଅବିରତ ଫଲଗୁରେ ନିଜକୁ ହଜାଇ ଦେଇଛି । ନିଜ ଖୁସିର ପରିପ୍ରକାଶ ପାଇଁ ରଙ୍ଗ ଉତ୍ସବର ଆୟୋଜନ କରିଛି ଏବଂ ଯାହାର ନାଁ ଦେଇଛି ହୋଲି । ରଙ୍ଗ ଓ ଭାଇଚାରାର ପର୍ବ ହୋଲି ମନେ ପକାଇ ଦିଏ ପୁରାଣରେ ପଢିଥିବା କଥା । ଫାଲଗୁନ ପୂର୍ଣ୍ଣିମାରେ କୃଷ୍ଣ ଆରମ୍ଭ କରିଥିଲେ ହୋଲି ଖେଳ । ସେମାନଙ୍କ ସହିତ ଗୋକୁଳର କିଶୋରକିଶୋରୀମାନେ ସମସ୍ତେ ରଙ୍ଗରେ ରଙ୍ଗିନ ହୋଇଯାଇଥିଲେ । କୃଷ୍ଣ ହୋଲି ଖେଳିଥିଲେ ପଳାସ ଫୁଲର ରଙ୍ଗରେ । ସେହିଦିନଠାରୁ ଗୋକୁଳରେ ଧୁମଧାମ୍‌ରେ ହୋଲି ପର୍ବ ପାଳନ କରାଯାଏ । ଘରଠାରୁ ଆରମ୍ଭ କରି ମନ୍ଦିର ପର୍ଯ୍ୟନ୍ତ ସବୁ ସ୍ଥାନକୁ ବିଭିନ୍ନ ରଙ୍ଗରେ ରଙ୍ଗିନ କରାଯାଏ । ହୋଲି ପରମ୍ପରା ଭାରତୀୟ ସଂସ୍କୃତି ସହିତ କାହିଁ କେବେଠୁ ଯୋଡି ହୋଇଯାଇଛି । ପିଲାଠାରୁ ବୁଢା ଯାଏଁ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଭାରତୀୟମାନେ ରଙ୍ଗର ପର୍ବ ହୋଲିକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିଥାନ୍ତି । ନିଜ ନିଜ ଭିତରେ ଥିବା ରାଗରୁଷାକୁ ଭୁଲି ପରସ୍ପର ମୁହଁରେ ରଙ୍ଗ ଓ ଅବିର ଲଗାଇ ହୋଲି ପର୍ବର ଶୁଭେଚ୍ଛା ଜଣାଇଥାନ୍ତି । ବିଶେଷ ଭାବରେ ମହାରାଷ୍ଟ୍ରରେ ମଧ୍ୟ ହୋଲି ଉତ୍ସବକୁ ଜାକଜକମର ସହ ପାଳନ କରିଥାନ୍ତି । ଓଡିଶାରେ ମଧ୍ୟ ଖୁବ୍ ଧୁମ୍‌ଧାମରେ ପାଳିତ ହୁଏ ହୋଲି ।

ଫାଲଗୁନ ପୂର୍ଣ୍ଣିମାରେ କୃଷ୍ଣ ଆରମ୍ଭ କରିଥିଲେ ହୋଲି ଖେଳ । ସେମାନଙ୍କ ସହିତ ଗୋକୁଳର କିଶୋରକିଶୋରୀମାନେ ସମସ୍ତେ ରଙ୍ଗରେ ରଙ୍ଗିନ ହୋଇଯାଇଥିଲେ । କୃଷ୍ଣ ହୋଲି ଖେଳିଥିଲେ ପଳାସ ଫୁଲର ରଙ୍ଗରେ ।

ପିଲାଦିନେ ଆମେ ଖୁବ୍ ଉତ୍ସାହ ଓ ଉଲ୍ଲାସରେ ହୋଲି ପାଳୁଥିଲୁଁ । ମେଞ୍ଚାଏ ରଙ୍ଗ ବାଲଟିରେ ଗୋଳି ଦେଇ ପିଚକାରୀ ନେଇ ଖେଳୁଥିଲୁଁ ଓ ସେ ସବୁ ରଙ୍ଗ ଛଡାଇବାକୁ ଖୁବ୍ ଡେରି ଲାଗୁଥିଲା । ରଙ୍ଗ ଛଡାଇଲା ପରେ ବି ନୀଳରଙ୍ଗ, ସବୁଜ ରଙ୍ଗ ଓ ବାଇଗଣି ରଙ୍ଗ ପ୍ରାୟ କଳାରଙ୍ଗ ପରି ହିଁ ଦିଶୁଥିଲା । ତା ସାଙ୍ଗକୁ ଭାଇମାନେ କଳାବାର୍ଣ୍ଣିସ ଆଣି ମୁହଁରେ ବୋଳି ଦେଇଥିଲେ ଯାହା ଛାଡିବା ବେଳକୁ ବହୁତ ପୋଡୁଥିଲା ଓ କଷ୍ଟ ହେଉଥିଲା ।

ପିଲାଦିନେ ମୋ ସାନଭାଇ ବାବୁଲି (ମୋହନ) ହୋଲି ଖେଳିବାକୁ ଭାରି ଜିଦ୍ କରୁଥିଲା । ରଙ୍ଗ ଓ ପିଚକାରୀ କିଣିବାକୁ କାନ୍ଦି କାନ୍ଦି ତଳେ ଗଡି ଯାଉଥିଲା । ତାକୁ ବୁଝାଇବା ପାଁ ବହୁତ କଷ୍ଟ କରିବାକୁ ପଡୁଥିଲା । ଥରଟିଏ ପିଲାଦିନେ ଆମେ ସମସ୍ତେ ମିଶି ପ୍ଲାନ କଲୁ ଅଜାଙ୍କ ମୁହଁରେ ସବୁତକ ରଙ୍ଗ ବୋଳିଦେବୁ, ଅଜା ବହି ପଢୁଥିଲେ । ହୋଲି ଆଗଦିନ ଫଗୁ ପୂର୍ଣ୍ଣିମୀ ଆମ ସମସ୍ତଙ୍କ ହାତରେ ଥିଲା ମେଞ୍ଚାଏ ମେଞ୍ଚାଏ ଅବିର ଆମେ ହାତର ପଛକୁ କରି ମେଞ୍ଚାଏ ଲେଖା ଫଗୁ ଧରି ବାହାରିଲୁ ଅଜାଙ୍କ ପାଖକୁ । ଅଜା ସେ ପ୍ଲାନ ଆଗରୁ ଜାଣିଥିଲେ ଓ ଆମର ଛୁପାଛୁପି ଖେଳ ଦେଖି ପାନେ ଚଖେଇବାକୁ ଇଚ୍ଛାକଲେ । ଆମେ ରଙ୍ଗ ଧରି ଗଲାବେଳେ ହଠାତ୍ ଅଜା ଉଠିପଡି ଆମ ଦୁଇହାତକୁ ବୁଲାଇ ଦେଇ ଆମରି ମୁହଁରେ ରଙ୍ଗ ସବୁବୋଳି ଦେଲେ । ଆମେ ଅଜା ଆଈଙ୍କୁ ରଙ୍ଗ ବୋଳିବାକୁ ଯାଉଥିଲୁଁ କିନ୍ତୁ ଓଲଟା ଅଜା ଆମ ମୁହଁରେ ରଙ୍ଗ ବୋଳିଦେଲେ । ଆମେ ପ୍ରତ୍ୟେକ ନାତୁଣୀମାନେ ପାଲଟିଗଲୁଁ ଗୋଟିଏ ଗୋଟିଏ କିଷ୍କିନ୍ଧ୍ୟା ସୁନ୍ଦରୀ । ଆମେ ଦୁଃଖରେ କ୍ଷୋଭରେ ଓ ରାଗରେ ମ୍ରୀୟମାଣ ହୋଇଗଲୁଁ କାନ୍ଦୁ କାନ୍ଦୁ ଆମ ଫଗୁ ଚାଲିଗଲା ।

ପରେ ବୟସ୍କ ହେଲାପରେ ନିଜ କଲିଗ୍‌ମାନଙ୍କ ସାଙ୍ଗରେ ବା' ପଡୋଶୀମାନଙ୍କ ସାଙ୍ଗରେ ଅନେକଥର ହୋଲି ଖେଳିଛୁଁ । କିନ୍ତୁ ପିଲାଦିନର ସେ ହୋଲିର ଉତ୍ସାହ ଆଉ କାହିଁ ? ମୋର ମନେ ଅଛି ଏସ.ସି.ବି ମେଡିକାଲ କଲେଜ ଲେବରରୁମ୍ ରେ ଡିଉଟି କଲାବେଳେ ପ୍ରାୟ ହୋଲିଦିନ ମୋର ଡିଉଟି ପକାଇ ଦିଅନ୍ତି । ଡେଲିଭରି କଲାବେଳେ ଗୋଟାପଣେ ଗାଧୋଇ ପଡୁଥିଲି । ମୋର ଜଣେ ରିଲେସନଙ୍କର ଡେଲିଭରି ହେବାର ଥିଲା । ନରମାଲ ଡେଲିଭରି ହୋଇପାରିଲା ନାହିଁ । ଶେଷକୁ ସିଜରିଆନ୍ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା । ମୁଁ ଘରୁ କାମ ସାରି ଗଲାବେଳେ ମୋରି ରିଲେସନ କହିଲେ "ସମୁଦୁଣୀ ଜଲଦି ଆସି ସିଜରୀଆନ୍ କରିବେ । ସମୁଧି ସାଙ୍ଗରେ ମୋଟେ ହୋଲି ଖେଳିବେ ନାହିଁ ସମୁଦୁଣୀ । ଶୀଘ୍ର ଆସିବେ ।" ମୁଁ ହସି ହସି ଗଡିଗଲି । ଲେବରରୁମ୍‌ରେ ରୋଗୀ, ମୁଁ ପୁଣି ରଙ୍ଗ ଖେଳିବ । ମୁଁ ଶୀଘ୍ର ଆସି ସିଜରିଆନ୍ କଲି । ମା ଓ ଶିଶୁ ଉଭୟ ସୁସ୍ଥ ହେଲାପରେ ଘରକୁ ଫେରିଲି । କିନ୍ତୁ ସେ ଦିନର ସେଇ କଥା ପଦକ ମୁଁ ଏଯାଏଁ ଭୁଲିପାରିନାହିଁ ।

(କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ-(୧୨)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ






ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପାଖାପାଖି ଅଧଘଣ୍ଟା ପରେ ନର୍ସ ନବଜାତ ଶିଶୁକୁ ନେଇ ବାହାରକୁ ଆସିଲା । ମୋ ନିକଟରେ ବସିଥିବା ମାଆକୁ ସିଏ କହିଲା "ଆଈ ! ଜିଲାପି ଦିଅ ।" ପତ୍ନୀର ସିଜରିଆନ୍ ଅପରେସନ୍ ଚାଲିଥିଲା । ଶିଶୁର ଅବସ୍ଥା ଠିକ୍ ଠାକ୍ ଥିଲା । ଭଲ କଥା, ହେଲେ ମୋର ଚିନ୍ତା ବଢ଼ି ଚାଲିଥିଲା । ମୋର ପିଠି ଉପରେ ହାତ ରଖି ମାଆ କହିଲା "ପୁଅ ହୋଇଥିଲେ ଭଲ ହୋଇଥାନ୍ତା । ଝିଅ ହେଲା, ହେଲେ ତୁ ଚିନ୍ତା କରନା । ଲାଗୁଛି ଝିଅ ହେଲା, ସେଇଟା ହିଁ ଭଲ ।

ମୁଁ କହିଲି "ମାଆ ତୁ ଇଏ କଣ କହୁଛୁ ? ମୋତେ ତା ପାଇଁ ଚିନ୍ତା ଲାଗୁଛି ଆଉ ତୁ ଝିଅ ହେଇଛି କହି ମୋତେ ସାନ୍ତ୍ୱନା ଦେଉଛୁ । ପୁଅ ହେଉ ବା ଝିଅ ସେଥିରେ ମୋତେ କିଛି ଫରକ ପଡ଼ିବନି, ଓଲଟା ଝିଅ ହେଲା ଏଇଟା ଗୋଟେ ପ୍ରକାର ଭଲ ହେଲା ।

ମାଆ କହିଲା, "କାହିଁକି ମାଗୁଛୁ ତୁ ଝିଅ ? ତୋର ଭଉଣୀମାନଙ୍କ ବାହାଘରରେ କେମିତି ରାମାୟଣ ହେଇଥିଲା ସେ କଥା ତୁ ଭୁଲି ଗଲୁଣି ? ଆମେ ଗରୀବ ଲୋକ, କେଉଁଠୁ ଆଣିବୁ ଯୌତୁକ ?"

ମୁଁ କହିଲି, "ମାଆ ସେଇ ସବୁ କଥା ତୋତେ ଏବେ ହିଁ କହିବାର ଥିଲା ? ଝିଅ ହେଲା, ସେଥିରେ ମୋ ସ୍ତ୍ରୀର କ'ଣ ଦୋଷ ? ତୋର ଗୋଚରାର୍ଥେ କହି ଦେଉଛି... ଆମ ଦୁଇଜଣଙ୍କର ଝିଅ ହିଁ ଦରକାର ଥିଲା ।"

ଏପଟେ ଆମର କଥାବାର୍ତ୍ତା ଚାଲୁଥିଲା, କି ଡାକ୍ତର ସାହେବ ପଦାକୁ ଆସିଲେ । ତାଙ୍କୁ ଦେଖି ମୁଁ ଛିଡ଼ା ହେଇପଡ଼ିଲି । "ଅପରେସନ୍ ସକ୍‌ସେସ୍‌ଫୁଲ୍, ଆପଣଙ୍କର ପତ୍ନୀ ପୁରାପୁରି ସୁରକ୍ଷିତ ଅଛନ୍ତି ।" କହି ସାରି ସିଏ ମାଆ ଆଡ଼କୁ ବୁଲିଗଲେ, ଆଉ କହିଲେ "ମାଆ, ଆପଣଙ୍କୁ ଅଭିନନ୍ଦନ.... ଆପଣଙ୍କର ନାତି ଆସିଗଲା ।" ଡାକ୍ତରଙ୍କ କଥା ଶୁଣି ମାଆ ଟିକେ ଅଡୁଆରେ ପଡ଼ିଗଲା । ସିଏ କହିବାକୁ ଲାଗିଲା, "ଆରେ ବାବା ! ନାତୁଣୀ ହେଇଛି... ନର୍ସ ତ ଏବେ କହିକରି ଗଲା । ଆଉ ତୁ କହୁଛୁ ନାତି ହେଇଛି ।"

ପାଟି କରି ଡାକ୍ତର ନର୍ସକୁ ଡାକିଲେ, "କଣ ନର୍ସ ! ଆଈଙ୍କୁ ତୁମେ କହିଲ ନାତୁଣୀ ହେଉଛି ବୋଲି ।

ନର୍ସ ଉତ୍ତର ଦେଲା 'ନା, ନା, ମୁଁ ସେମିତି କହିନି । ମୁଁ କହିଲି ଜିଲାପି ଖୁଆଅ ।"

"କିନ୍ତୁ ଏମିତି କଣ କୁହାଯାଏ ? ସିଧାସିଧା କହିପାରିଲନି ଯେ ନାତି ହେଇଛି ? ଯାଅ... ମାଆଙ୍କୁ ସାଙ୍ଗରେ ନେଇ ତାଙ୍କୁ ତାଙ୍କର ନାତିକୁ ଦେଖେଇ ଦିଅ ।"

ମାଆ ସେଇ କୋଠରୀ ଭିତରକୁ ଗଲା । ନିଜ ନାତିକୁ ଦେଖି ଖୁବ୍ ଖୁସିରେ ବାହାରକୁ ଆସିଲା । ତା' ଚେହେରାରୁ ଖୁସି ପାରାବାର ଉଛୁଳି ପଡୁଥିଲା । ମୁଁ ଶାନ୍ତ ସ୍ୱରରେ କହିଲି "ମାଆ, ଯଦି ଝିଅ ହୋଇଥାନ୍ତା ତେବେ ବି କିଛି ଅସୁବିଧା ହୋଇ ନଥାନ୍ତା । ତୁ ନିଜେ ନାରୀ ହୋଇକରି ବି ଝିଅର ଜନ୍ମକୁ ଦୁର୍ଭାଗ୍ୟ ବୋଲି ଭାବୁଛୁ ? ତୋର ଏଇ ଗୁଣ ମୋର ଟିକେ ହେଲେ ପସନ୍ଦ ନୁହେଁ ।"

ସିଏ: ତୋର କହିବା କଥା ଏକଦମ୍ ଠିକ୍ ବାବା, ହେଲେ ସ୍ତ୍ରୀଲୋକର ଜୀବନ କେତେ କଷ୍ଟକର ସେ କଥା ତୁ କେମିତି ଜାଣିବୁ ? ଯାଆ... ଛାଡ଼ ସେକଥା, ଏବେ ଏମିତି ଯୁକ୍ତିତର୍କ କରିବା ଠିକ୍ ନୁହେଁ । ତୁ ଯା' ତୋ ସ୍ତ୍ରୀର ଔଷଧପତ୍ରର ବ୍ୟବସ୍ଥା କର । ମୁଁ ଔଷଧ କିଣିବାକୁ ପଦାକୁ ଆସିଲି । ହେଲେ ମାଆ ଝିଅର ଜନ୍ମକୁ ନେଇ ଯେଉଁ କ୍ଷୋଭ ବ୍ୟକ୍ତ କରିଥିଲା, ତାହା ମୋତେ କଷ୍ଟ ଦେଉଥିଲା । ଝିଅ ଜନ୍ମ ହେବା ଉଚିତ୍ ନୁହେଁ । ମାଆକୁ ଏମିତି କାହିଁକି ଲାଗୁଛି ? ଏଇପରି ଗୋଟେ ଅଭିବ୍ୟକ୍ତି ସିଏ ନିଜ ମନରେ କେଉଁ ଆଧାରରେ ସୃଷ୍ଟି କରୁଛି ? ସମାଜର ଅପଚୟମାନ ବ୍ୟବସ୍ଥା, ମାଆ ମନରେ ଏଇପରି ଏକ ଅଭିବ୍ୟକ୍ତି ସୃଷ୍ଟି କରିବାକୁ ବାଧ କରିଛି ବା ନିଜ ଜୀବନର ବ୍ୟକ୍ତିଗତ ଅନୁଭବ ହିଁ ତା ମନରେ ଏହା ସୃଷ୍ଟି କରିଛି ....ଯେ ନାରୀର ଜୀବନ ହେଉଛି ନର୍କମୟ ।"

(୧୩)

ମୁଁ ଯେତେ ଯେତେ ବଡ଼ ହେବାକୁ ଲାଗିଲି ମୋର ସାମାଜିକତା ସେତେ ସେତେ ବଢ଼ିବାକୁ ଲାଗିଲା । ମୁଁ ଅନେକ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଲାଗିଲି । କାହାକୁ ଜାତିଗତ ପ୍ରମାଣପତ୍ର ଦେବାକୁ ତହସିଲ୍‌କୁ ଯାଉଥିଲି । ଗାଁରେ ଗୋଟେ ଯୁବ ମଞ୍ଚ ଗଢ଼ିଥିଲି । ଆମ୍ବେଦକର ଜୟନ୍ତୀରେ ଚାନ୍ଦା ସଂଗ୍ରହ କରିବା ଠାରୁ ନେଇ, ଷ୍ଟେଜ୍ ଉପରେ ମାଇକ୍ ହାତରେ ଧରିବା ପରି ଅନେକ କାମରେ ଲାଗି ରହୁଥିଲି ମୁଁ । ଘରର କାମଦାମ ଅପେକ୍ଷା ମୋତେ ବାହାରର କାମ ସବୁ ବେଶୀ ମହତ୍ତ୍ୱପୂର୍ଣ୍ଣ ଲାଗୁଥିଲା । କାହାରି ଘର ମରାମତି କରିବା, କାହା ପାଇଁ ଚିଠି ଲେଖିବା, ବରଧରା ଯିବା, ପଙ୍ଗତରେ ଖାଦ୍ୟ ପରଷିବା, ଏଇ ସବୁ କାମ ପାଇଁ ମୁଁ ସଦା ତତ୍ପର ରହୁଥିଲି । ଘରକାମ କରିବା ପାଇଁ ମୋ ପାଖରେ ସମୟ ରହୁ ନଥିଲା ।ପିଇବା ପାଣି ଆଣିବା ପାଇଁ ଆପତ୍ତି କରୁଥିଲି ମୁଁ । ମୋତେ ଲାଗୁଥିଲା ଏପରି କାମ କଲେ ମୋର ଇଜ୍ଜତ କମ୍ ହେଇଯିବ ।

ମୁଁ ଘରୋଇ କାମରୁ ଯେତେ ଯେତେ ଦୂରେଇ ଗଲି, ମାଆ ବାପାଙ୍କୁ ସେତେ ବେଶୀ କାମ ବରାଦ କରିବାକୁ ଲାଗିଲା । ସିଏ ବି ରାଗରେ ଗରଗର ହେଉଥିଲେ । ବାପା ପାଣି ନ ଆଣିବାକୁ ବା ଚକିରୁ ଯଅ ପେଶେଇବାକୁ ନ ଯିବାର ଅନେକ ଆଳ ଦେଖାଉଥିଲେ । ଚକିକୁ ପଠେଇଲେ ବାପା ରାସ୍ତାରେ ହିଁ କୌଣସି ଦୋକାନରେ ମୁଠାଏ ଯଅ ଦେଇ ସିଏ ବିଡି ପିଇବାକୁ ବସି ଯାଉଥିଲେ । କେତେ ଥର କେତେ ଯଅ ପେଶିଲେ କେତେ ଅଟା ହେବ, ସେ ବିଷୟରେ ମାଆର ହିସାବ ଏକଦମ୍ ପକ୍କା ଥିଲା । ତାକୁ କେହି ଠକି ପାରିବେନି । ତାର ନଜରରୁ କିଛି ବି ଲୁଚେଇବା ସମ୍ଭବପର ନଥିଲା । "ଆଜି ଅଟା ଏତେ କମ୍ କାହିଁକି ?" ପଚାରିଲେ ବାପା କହୁଥିଲେ "ମୁଁ କଣ ଅଟା ଖାଇ ଦେଲି ନା କଣ ? ଅଟା-ଚକିରେ ହିଁ କିଛି ଅସୁବିଧା ଥିବ । ଅଟା-ଚକିର ପଥର ଭିତରେ ପେଶିହୋଇ ଅଟା ଜଳିଯାଏ ।"

ମା'ର ଏ କଥାରେ ଜମାରୁ ବିଶ୍ୱାସ ହେଉ ନଥିଲା । ସିଏ ନିଜେ ଚାଲି ଯାଉଥିଲା ଅଟା ଚକ୍କିକୁ । ସବୁ କାମ ନିଜେ କରିବା ଦ୍ୱାରା ତାକୁ ଖୁବ୍ ଦୌଡ଼ାଦୌଡ଼ି କରିବାକୁ ପଡୁଥିଲା । ରୋଷେଇ କରିବାକୁ ଡେ଼ରି ହୋଇ ଯାଉଥିଲା । ଆଉ ଖାଇବାକୁ ମିଳିବାରେ ଡେରି ହେଲେ ଆମେ ଆମ ମନର ସବୁ ରାଗ ମାଆ ଉପରେ ହିଁ କାଢୁଥିଲୁ । ମାଆ ରାଗି ଯାଇ କହୁଥିଲା "ମୋର କଣ ଦଶଟା ହାତ କି ? ତୁମେମାନେ ସମସ୍ତେ ଗୋଡ଼ ଉପରେ ଗୋଡ଼ ଥୋଇ ବସିଯାଉଛ । ମୁଁ ଏକୁଟିଆ କେତେ କଣ କରିବି ? ମୁଁ ବି ମଣିଷ ନା ନାହିଁ ?

ଆମର ମୁହଁ ଚୁପ୍ ହୋଇ ଯାଉଥିଲା । ଯେତେବେଳେ ମାଆ ନିଜ ଉପରୁ ନିୟନ୍ତ୍ରଣ ହରେଇ ଚିତ୍କାର କରୁଥିଲା, ଆମେମାନେ ସାଙ୍ଗେ ସାଙ୍ଗେ ସେଇ ବିଷୟକୁ ପରିବର୍ତ୍ତନ କରି ଅନ୍ୟ କଥା ଆଲୋଚନା କରିବାକୁ ଲାଗୁଥିଲୁ ।

(୧୪)

ଗାଁରେ ଗାଁ-ସରପଞ୍ଚ ନିର୍ବାଚନର ସମୟ ଆସି ଯାଇଥିଲା । ସତ କଥା କହିବାକୁ ଗଲେ, ଗାଁର ଇତିହାସରେ ପ୍ରଥମ ଥର ପାଇଁ ନିର୍ବାଚନ ହେବାକୁ ଯାଉଥିଲା । ଦୁଇ ଦଳ ସାମ୍‌ନାସାମ୍‌ନି ଥିଲେ । ଗୋଟେ ପଟେ ଥିଲେ ବେପାରୀ ଓ ଆଜି ଯାଏଁ ସରପଞ୍ଚ ପଦ ଉପରେ କବ୍‌ଜା କରି ରଖିଥିବା ଦଳ ଓ ଅନ୍ୟପଟେ ଥିଲେ ବିରୋଧୀ ଦଳ । ଆମମାନଙ୍କର ସମର୍ଥନ ବିରୋଧୀ ଦଳ ପାଇଁ ଥିଲା । ଗାଁରେ ଥିବା ସବୁ କାନ୍ଥ ଗ୍ରାମପଞ୍ଚାୟତ ନିର୍ବାଚନୀ ସ୍ଲୋଗାନ୍‌ରେ ଭରି ଯାଇଥିଲା । ଛକ ଜାଗାମାନଙ୍କରେ ସଭାସମିତି ସବୁ ହେବାରେ ଲାଗିଥିଲା । ମୁଁ ବି ଭାଷଣ ଦେବାକୁ ଲାଗିଥିଲି । ମୁଁ ଭାଷଣ ଦେଉଥିଲି ଓ ଗାଁର ସବୁ ଲୋକ ଶୁଣୁଥିଲେ... ସେଇ ଲୋକମାନେ, ଯେଉଁମାନେ ଆମକୁ ଅସ୍ପୃଶ୍ୟ ବୋଲି କହୁଥିଲେ । ସମସ୍ତେ ସେଇ ଭାଷଣକୁ ମନଧ୍ୟାନ ଦେଇ ଶୁଣୁଥିଲେ, ଅପାର ସୁଖକର ଅନୁଭୂତିରେ ମନକୁଣ୍ଢେମୋଟ ହୋଇ ଯାଉଥିଲା । ଲାଗୁଥିଲା, ଯେମିତି ମୋର ମାନସମ୍ମାନ ବହୁତ ବଢ଼ି ଯାଇଛି । ହେଲେ ପ୍ରକୃତରେ କିନ୍ତୁ ଏଇ ସୁଖ ବେଶୀ ସମୟ ରହୁ ନଥିଲା । କାରଣ ପରଦିନ ହିଁ କୌଣସି ବିରୋଧୀର କ୍ଷେତରେ କାମ କରିବାକୁ ଯିବାକୁ ବିବଶ ଥିଲୁ ଆମେ । ମାଆକୁ ମୋର ଏଇ ରାଜନୀତି କରିବା ଜମାରୁ ପସନ୍ଦ ନଥିଲା । ମାଆ ଭାବୁଥିଲା "ଆମେ ତ ପ୍ରତିଦିନ ମଜୁରି ନ ଖଟିଲେ ଆମ ଘରେ ଚୁଲୀ ଜଳିବନି । ତେବେ ଗାଁ ଲୋକଙ୍କ ସହିତ ଶତ୍ରୁତା କାହିଁକି କରିବା ? ମୁଁ ତାକୁ ଗଣତନ୍ତ୍ର ଆଉ ଆମ ଦେଶର ସମ୍ବିଧାନ ବିଷୟରେ ବୁଝାଉଥିଲି । ନିର୍ବାଚନରେ ଗୋଟେ ଗୋଟେ ଭୋଟର ମୂଲ୍ୟ ଯେ କେତେ ସେ କଥା ମାଆକୁ କହୁଥିଲି ମୁଁ, କିନ୍ତୁ ମାଆ ତାର ସେଇ ଆଶଙ୍କାଗ୍ରସ୍ତ ସ୍ଥିତିରୁ ବାହାରି ପାରୁନଥିଲା । "ତୁ ତ ଭାଷଣ ଦେଲା ପରେ ଚାଲିଯିବୁ । ତା ପରେ ଆମର କଣ ହେବ ?" ଏଇ ପ୍ରଶ୍ନ ରହୁଥିଲା ତାର ଓଠରେ । ସିଏ କହୁଥିଲା 'ପାଣିରେ ଘରକରି କୁମ୍ଭୀର ସାଙ୍ଗରେ ଶତ୍ରୁତା କରିବା ଉଚିତ୍ ନୁହେଁ ।" ହେଲେ ମୁଁ ସେ ସବୁ ଶୁଣିବାକୁ ଜମାରୁ ରାଜି ନଥିଲି । ଦିନେ ମୁଁ ନିଜେ ମାଆକୁ କହିଲି "ଏତେ ଲୋକ ଆସୁଛନ୍ତି ମୋର ଭାଷଣ ଶୁଣିବା ପାଇଁ ତୁ ତ କାହିଁ ଆସୁନାହୁଁ ଶୁଣିବାକୁ ।" ଏକଥା ଶୁଣି ମାଆ କହିଥିଲା "ଘରେ ରୁଟି କିଏ ସେକିବ ? ତୋତେ ଖାଇବାକୁ ଦେବ କିଏ ? ତୁ ଆଗ ନିଜ ଘରେ ଥିବା ଅନ୍ଧାରକୁ ଦେଖ । ତୁ ସବୁ ଦିନ ବାହାରକୁ ଦୀପ ଜଳେଇବାକୁ ଯାଉଛୁ । ନିଜ ଘରେ ଦୀପ ଲଗେଇବା ଆଗ ଶିଖ ।"

ସତ କହିବାକୁ ଗଲେ, ନିଜ ଘରେ ଦୀପ ଜଳେଇବାଟା ଭଲ ଲାଗୁନଥିଲା ମୋତେ । ନିଜ ଘରେ ନିଜେ ଦୀପ ଲଗେଇବାକୁ ମୁଁ ସଂକୋଚ ଅନୁଭବ କରୁଥିଲି, ହେଲେ ଅନ୍ୟ ଘରେ ଦୀପ ଜଳେଇବାରେ ଖୁସି ବି ମିଳୁଥିଲା ଆଉ ଗର୍ବର ଅନୁଭବ ବି ହେଉଥିଲା । ନିଜ ଘରେ ଦୀପର ଆଲୋକ ବଞ୍ଚିବା ସତକୁ ସତ ଏକ କଷ୍ଟକର କାମ ହିଁ ହେଲା । କର୍ଣ୍ଣାଟକରେ ଦଳିତମାନଙ୍କ ପାଇଁ ଶୁଳ୍କ ମୁକ୍ତ ବିଜୁଳି ଯୋଗାଇବାର ଯୋଜନା ହୋଇଥିଲା । ତାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ଗ୍ରାମପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ଦିଆ ଯାଇଥିଲା । ଆମର ବିରୋଧୀ ଦଳ ହିଁ ନିର୍ବାଚନରେ ଜୟଯୁକ୍ତ ହୋଇଥିଲେ । ସ୍ୱାଭାବିକ ଭାବରେ ତାଙ୍କର ସବୁ ରାଗ ମୋ ଉପରେ ହିଁ ଥିଲା । ଶୁଳ୍କ ମୁକ୍ତ ବିଜୁଳୀ ସୁବିଧାରୁ କେବଳ ଆମରି ଘରକୁ ବଞ୍ଚିତ କରାଯାଇଥିଲା । ବାକି ସବୁ ଘର ବିଜୁଳୀ ଆଲୋକରେ ଚିକ୍‌ମିକ୍ କରୁଥିଲା । ଖାଲି ଯାହା ଆମରି ଘର ଅନ୍ଧାରରେ ବୁଡି ରହିଥିଲା । ପଡ଼ୋଶୀ ଘରର ବିଜୁଳୀ ତାରରୁ ହୁକ୍ ପକେଇ ମାଆ ବିଜୁଳି ନେଇଥିଲା । ଶେଷରେ ଟଙ୍କା ପଇଠ କରି ଆମ ଘର ପାଇଁ ଅଲଗା ମିଟର ଓ ବିଜୁଳି କନେକ୍‌ସନ୍ ନେଲା । ତା'ପରେ ମୋର ବିରୋଧୀମାନଙ୍କ ସହିତ ଥିବା ସମ୍ପର୍କକୁ ସିଏ ସୁଧାରି ନେଇଥିଲା । (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

## ଆର୍ଯ୍ୟ ସେବା ସଂଘ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ

ବୈସିଙ୍ଗା, ୦୪/୦୩ (ନି.ପ୍ର): ବୈସିଙ୍ଗା ଥାନା ଅନ୍ତର୍ଗତ ବୈସିଙ୍ଗା ମାର୍କେଟରେ ଆର୍ଯ୍ୟ ସେବା ସଂଘ ପକ୍ଷରୁ ଏକ ଜଳ ଛତ୍ର ଉଦଘାଟିତ ହେଇଯାଇଛି। ଏଥିରେ ବୈସିଙ୍ଗା ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଇତି ଅବସରରେ ପାଖାପାଖି ୨୦୦୦ ପଥ ଚାରୀଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଛି । ସମସ୍ତ କାର୍ଯ୍ୟ ସଂଗଠନର ସଭାପତି ଗଣେଶ କୁମାର ପାଢ଼ୀ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଇଯାଇଛି। ସଂଗଠନର ଏତାଦୃଶ କାର୍ଯ୍ୟ କୁ ସ୍ଥାନୀୟ ଅଞ୍ଚଳରେ ବହୁତ୍ ପ୍ରଶଂସା କରାଯାଇଛି।

## ବିଳମ୍ବିତ ରାତିରେ ଚୋରୀ

ବସ୍ତା, ୦୪/୦୩ (ନି.ପ୍ର): ବିଳମ୍ବିତ ରାତିରେ ଘରେ ପଶି ଦୁବୃର୍ତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ରୂପା ଅଳଙ୍କାର ସମେତ ଲକ୍ଷାଧିକ ଟଙ୍କା ଲୁଟିନେଲେ । ଏମିତି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ବରୁଣଗଡିଆ ପଞ୍ଚାୟତ ମାଙ୍କଡ ଗଡିଆ ଗ୍ରାମରେ। ଗ୍ରାମର ବାବୁଧର ବେହେରା ତାଙ୍କ ପରିବାର ସହିତ ବନ୍ଧୁ ଘରକୁ ବୁଲିବାକୁ ଯାଇଥିଲେ, ତେବେ ଗତ ରାତିରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଘର ପଛପଟେ କବାଟ ଭାଙ୍ଗି ଘରେ ପଶି ଘରର ସମସ୍ତ ଆସଭାବପତ୍ର, ନଗଦ ଟଙ୍କା ସହିତ ସୁନା ରୂପା ଗହଣା ଲୁଟି ନେଇଛନ୍ତି, ବାବୁଧରଙ୍କ ସୁନା ହାର ସହିତ ସୁନା ମୁଦି, ଏବଂ ତାଙ୍କ ସ୍ତ୍ରୀଙ୍କ ସୁନା ହାର, ପଲା, ମୁଦି, କାନଫୁଲ ପାଇଜର ସମେତ ବିଭିନ୍ନ ଗହଣା, ଏଲ ଇଡି ଟିଭି ଏବଂ ଧାନ ବିକ୍ରି କରି ରଖିଥିବା ନଗଦ ୫୦ ଟଙ୍କା ଲୁଟି ନେଇଛନ୍ତି, ଯାହାର ଆନୁମାନିକ ମୁଲ୍ୟ ୪ ରୁ ୫ ଲକ୍ଷ ଟଙ୍କା ହେବ ବୋଲି ସୁଚନା ମିଳିଛି, ଏନେଇ ବାବୁଧର ବସ୍ତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରହିଛିବୋଲି ବସ୍ତା ଥାନା ଅଧିକାରୀ ବାରୁଣି ଦାସ ପ୍ରକାଶ କରିଛନ୍ତି ।

## ଏଲପିଜି ଦର ବୃଦ୍ଧି ପ୍ରତିବାଦରେ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର, ୦୪/୦୩ (ନି.ପ୍ର): କେନ୍ଦ୍ର ସରକାର ନିକଟରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୫୦ଟଙ୍କା ଏବଂ ବ୍ୟବସାୟୀକ ସିଲିଣ୍ଡର ପିଛା ୩୫୦ ଟଙ୍କା ଦରବୃଦ୍ଧି କରି ଗରିବ ପେଟକୁ ନାତ ମାରିଛନ୍ତି। ଏହି ଦରବୃଦ୍ଧି ପ୍ରତିବାଦରେ ଅଖିଳ ଭାରତ ମହିଳା କଂଗ୍ରେସ ଓ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ କମିଟି ପକ୍ଷରୁ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ା ଯୋଗଦେଇ କେନ୍ଦ୍ର ଓ ରାଜ୍ୟସରକାରଙ୍କୁ କଟୁ ସମାଲୋଚନା କରି କହିଲେ ଉଜଳା ଯୋଜନାକୁ ଉଜୁଡ଼ା ଯୋଜନା ବୋଲି କହିଥିଲେ। ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ କମିଟି ସଭାପତି ଶ୍ରୀମତୀ ଗିତାଞ୍ଜଳି ମହାନ୍ତିଙ୍କ ନେତୃତ୍ୱରେ ମହିଳା ନେତୃବୃନ୍ଦ ମାନଙ୍କର ଏକ ଶୋଭାଯାତ୍ରା କଂଗ୍ରେସ ଭବନ ଠାରୁ ବାହାରି ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମୋଦି ସରକାରଙ୍କର ଗରିବ ମାରଣ ନୀତି ବିରୁଦ୍ଧରେ ନାରାବାଜି କରାଯାଇଥିଲା।

# ଅସାମାଜିକଙ୍କ କବ୍‌ଜାରେ ନଳବାହାର ବିଦ୍ୟାଳୟ : ଆବର୍ଜନା ବଜ୍ୟବସ୍ତୁ ସ୍କୁଲ ପରିସରକୁ ମୁକ୍ତ କରିବା ପାଇଁ ପରିଚାଳନା କମିଟିର ଦାବି



ବସ୍ତା, ୦୪/୦୩ (ନି.ପ୍ର): ବିଦ୍ୟାଳୟ ହତାକୁ ଲାଗି କେବିନପକାଇବା ସହିତ ବିଦ୍ୟାଳୟ ପରିସରକୁ ଅବର୍ଜନାମୟ ବଜ୍ୟବସ୍ତୁ ପକାଇବା ପ୍ରତିବାଦରେ ନଳବାହାର ସ୍କୁଲ କମିଟି ଓ ଅବିଭାବକ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବସ୍ତା ଜିଲ୍ଲା ଶିକ୍ଷାଅଧିନରେଥିବା ନଳବାହାର ସରକାରୀ ପ୍ରାଥମିକ ବିଦ୍ୟାଳୟ କାନ୍ଥକୁ ଲଗାଇ ସ୍ଥାନୀୟ ଲୋକେ ବେଆଇନ ଭାବେ ସରକାରୀ ଜାଗାକୁ ଅବରୋଧ କରି ଜୋର ଜବଦସ୍ତି କେବିନ ପକାଇ ବ୍ୟବସାୟ କରିଚାଲିଛନ୍ତି, ବଜ୍ୟବସ୍ତୁ କେବିନ ପଛପଟକୁ ଫିଙ୍ଗୁଛନ୍ତି । ଯାହାଫଳରେ ସ୍କୁଲ ପରିସରକୁ ସୁରକ୍ଷିତ ରଖିବା ପାଇଁ ବାଡ଼ କିମ୍ବା ପାଚେରୀ ନିର୍ମାଣ ହୋଇପାରୁ ନାହିଁ। ପୁଣି ରାତ୍ରିରେ ବିଦ୍ୟାଳୟ ପରିସରରେ ଅସାମାଜିକ ବ୍ୟକ୍ତିମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟକରୁଥିବାବେଳେ ମଦ, ଗଞ୍ଜେଇ, ବ୍ରାଉନସୁଗାର ଆଦି ନିଶାଦ୍ରବ୍ୟ ବ୍ୟବହାର କରୁଥିବା ଫତୁଡି ମାନଙ୍କର ଆଡ୍ଡାସ୍ଥଳି ପାଲଟିଛି । ଏପଟେ କେବିନ ପକାଇଥିବା ଦୋକାନୀ ମାନେ ଫଳ ଟ୍ରେ ଏବଂ ପଚା ଫଳ, ମଦ ବୋତଲ, ଏବଂ ବିଭିନ୍ନ ପ୍ରକାର ଅଳିଆ ପକାଉଛନ୍ତି ସ୍କୁଲ ହତା ଭିତରେ। ଯାହା ପାଇଁ ସ୍କୁଲକୁ ପଚା ଗନ୍ଧ ହେବା ସହିତ ଉକ୍ତ ପରିବେଷ ବିଷାକ୍ତ ବାତାବରଣ ସୃଷ୍ଟି ହେଉଛି। ଏହି ଗନ୍ଧ ଓ ଅପରିଷ୍କାର ଯୋଗୁଁ ଛାତ୍ର ଛାତୀ ମାନଙ୍କ ଅବିଭାବକମାନେ ସ୍କୁଲକୁ ପିଲା ମାନଙ୍କୁ ପଠାଇବାକୁ ରାଜି ହେଉନାହାନ୍ତି । ଏନେଇ ପରିଚାଳନା କମିଟି ଏବଂ ସ୍କୁଲ ଶିକ୍ଷକ ବାରମ୍ବାର ଜବରଦଖଲ କାରିଙ୍କୁ କେବିନ ଉଠାଇ ନେବାପାଇଁ କହୁଥିଲେ ମଧ୍ୟ ସେମାନଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି । ଏବେ ପୁଣି ନଳବାହାର ଶ୍ରୀରାମପୁର ରାସ୍ତା ଉନ୍ନତିକରଣ ହେଉଥିବାରୁ ଠିକାଦାର ବସ୍ତା ତହସିଲଦାରଙ୍କୁ ଜବରଦଖଲ ଉଚ୍ଛେଦ ପାଇଁ ନିବେଦନ କରିବାରୁ ଦୋକାନୀ ମାନେ ସ୍କୁଲ ଝରକାକୁ ଲଗାଇ କେବିନ ପକାଉଛନ୍ତି, ଯାହା ଫଳରେ ସ୍କୁଲ ଝରକା ଖୋଲା ଯାଇ ପାରୁନଥିବା କହିଛନ୍ତି ପରିଚାଳନା କମିଟି ର ସମସ୍ତ ସଦସ୍ୟ ଓ ବିଦାଳୟର ଶିକ୍ଷକ ଶିକ୍ଷୟତ୍ରୀ । ଜିଲ୍ଲା ପ୍ରଶାସନ ଓ ବସ୍ତାଶିକ୍ଷା ଅଧିକାରୁ ଯଥାଶୀଘ୍ର ପଦକ୍ଷେପ ନିଅନ୍ତୁ ବୋଲି ଅଞ୍ଚଳବାସୀ ଦାବୀ କରିଛନ୍ତି ।

## ଟାଟା ପାୱାରର ସୁରକ୍ଷା ସପ୍ତାହ ପାଳିତ




ଜଳେଶ୍ୱର, ୦୪/୩ (ନି.ପ୍ର): ଭାରତ ସରକାରଙ୍କ ଜାତୀୟ ସୁରକ୍ଷା ପରିଷଦର ପରାମର୍ଶ ଅନୁଯାୟୀ ଟିପିଏନ୍‌ଓଡିଏଲର ସରକ୍ଷା ସପ୍ତାହ ପାଳନ ହୋଇ ଯାଇଛି । ଏହାକୁ ଉଦ୍‌ଘାଟନ କରି ଟାଟା ପାୱାରର ବରିଷ୍ଠ ସାଧାରଣ ପ୍ରଶାସକ ସରୋଜ ଚନ୍ଦ୍ର ମହାଳିକ ପ୍ରତ୍ୟେକ କର୍ମଚାରୀ ଓ ଉପଭୋକ୍ତା ଆଇନର ସୁଧାର, ସୁରକ୍ଷା, ସଂରକ୍ଷଣ ଲାଗି ସଚେତନ ହେବା ଉଚିତ । ପ୍ରତ୍ୟେକେ ଜୀବନ ରକ୍ଷାକୁ ଗୁରୁତ୍ୱ ଦେବା ଉଚିତ୍ ବୋଲି ସେ କହିଥିଲେ। ପ୍ରତ୍ୟେକେ ବିଦ୍ୟୁତ୍‌କାର୍ଯ୍ୟ ସହିତ ଜଡିତ ଥିବା ବେଳେ ଆବଶ୍ୟକୀୟ ସୁରକ୍ଷା, ସଂସ୍କାର ପ୍ରତି ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଶାଶ୍ୱତ କୁମାର ଭୂୟାଁଙ୍କ ସଂଚାଳନରେ ମୁଖ୍ୟଅତିଥିଭାବେ ବିଦ୍ୟୁତ୍‌ଶକ୍ତି କଣ୍ଟ୍ରୋଲର ମୁଖ୍ୟ କରୁଣାକର ଝା ଯୋଗ ଦେଇ ସୁରକ୍ଷାଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା ସପ୍ତାହ ସପ୍ତାହ ପାଳନ କରାଯାଇଥାଏ । ଏଥିରେ କର୍ମଚାରୀମାନଙ୍କୁ ଦିଆଯାଇଥିବା ସୁରକ୍ଷା ଲାଗି ସ୍ୱତନ୍ତ୍ର ଟୋପି, ଜାକେଟ, ଜୋତା, ମୋଜା, ଗ୍ଲବ ଇତ୍ୟାଦି ପରିଧାନ କରିବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ବିଦ୍ୟୁତ୍ ବ୍ୟବହାରକାରୀମାନେ ମଧ୍ୟ ସୁରକ୍ଷିତ ରହିବାଲାଗି ଆଇନ୍ ପରିସର ମଧ୍ୟରେ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ । କାର୍ଯ୍ୟ ନିର୍ବାହୀ ଇଂ ସୌମ୍ୟରଂଜନ ନାୟକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ପରିବେଶ ଜନସାଧାରଣଙ୍କ ସୁରକ୍ଷା ଓ ଆଇନ୍ ଅନୁଯାୟୀ ପ୍ରତ୍ୟେକେ ସଚେତନ ହୋଇ କାର୍ଯ୍ୟକରିବା ଉଚିତ୍ ବୋଲି କହିଥିଲେ । ଦୁର୍ଘଟଣା ଠାରୁ ଦୂରରେ ରହି ଶୂନ୍ୟକ୍ଷତି ଲାଗି ପ୍ରତ୍ୟେକେ ଚେଷ୍ଟିତ ହେବା ଉଚିତ୍ ବୋଲି କହିଥିଲେ । ଜଳେଶ୍ୱର ଏସ୍‌ଡିଓ ଇଂ ଭୂବନ କୁମାର ସାହୁ ଧନ୍ୟବାଦ ଦେଇଥିବା ବେଳେ କ୍ରାନ୍ତିଭୂଷଣ ଜେନା ଓ ତୁଷାର ରଂଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ଜଳେଶ୍ୱର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧିନରେ ଥିବା ୯ଜଣ ସେକ୍ସନ ଅଫିସର, ୩୫୦ଜଣ ଲାଇନ୍‌ମ୍ୟାନ ଏହି ସଚେତନତା କର୍ମଶାଳାରେ ଯୋଗ ଦେଇଥିଲେ ।

## ଦେବର୍ଷି ଶିକ୍ଷା ନିକେତନରେ ମାତୃ ସମ୍ମିଳନୀ

ବାଲେଶ୍ୱର, ୦୪/୦୩ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସହରର ଖପରାପଦା ସ୍ଥିତ ‘ଦେବର୍ଷି ଶିକ୍ଷା ନିକେତନ’ର ଅଷ୍ଟମ ବାର୍ଷିକ ମାତୃ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅଞ୍ଜଳି ପଣ୍ଡା, ସାମ୍ବାଦିକା ସୁମନା ପରଡ଼ା, ରେମୁଣା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷକ ରସାନନ୍ଦ ମହାପାତ୍ର, ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ଦାଶ ଓ ସାମାଜିକ କର୍ମୀ ତଥା ନାରୀନେତ୍ରୀ ଅପର୍ଣ୍ଣା ସାହୁ ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୁଦ୍ଧ ବିଚାରଯୁକ୍ତ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ସଂସ୍କାରଯୁକ୍ତ ପରିବାର ଓ ସାମାଜିକ ଗଠନରେ ମାଆମାନଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଭାଗବତ ଚନ୍ଦ୍ର ପାତ୍ର ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିଥିବା ବେଳେ ସଂଯୋଜିକା ନିବେଦିତା ଦେ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ମାଆମାନଙ୍କ ମଧ୍ୟରେ ରଙ୍ଗୋଲି, ମୁରୁଜ, କୁଇଜ୍, ଶଙ୍ଖଧ୍ୱନି, ମ୍ୟୁଜିକ ଚେୟାର ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୂର୍ବୋତ୍ତର ସଂଭାଗ ବୈଠକ

ଜଳେଶ୍ୱର, ୦୪/୦୩ (ନି.ପ୍ର): ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପୂର୍ବୋତ୍ତର ସଂଭାଗର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଭୋଗରାଇ, ବାଲିଆପାଳ, ଚନ୍ଦନେଶ୍ୱର, ଜାମକୁଣ୍ଡା, ପୁଟିଣା, ଦେବକୁମାର, ଅମର୍ଦ୍ଦାଷ୍ଟେସନ, କାଳିପଦା, ବାରବାଟିଆ, ବଳରାମପୁର, କାସିମପୁର, ନାମ୍ପୋ, ବାହାଦ୍ଦା ଆଦି ସ୍ଥାନର ପ୍ରଧାନ ଶିକ୍ଷକ ଓଶିକ୍ଷୟତ୍ରୀ ଯୋଗ ଦେଇ ଜାତୀୟ ଶିକ୍ଷାନିତୀ ଆଧାରରେ ପାଠ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ରାଧାରଂଜନ ବାଗଙ୍କ ପୌରହିତ୍ୟରେ ପୂର୍ବୋତ୍ତର ସଂଭାଗ ସଂଯୋଜକ ବିଭୂତିଭୂଷଣ ପାଇକରାୟ, ବାଲେଶ୍ୱର ବିଭାଗ ନିରିକ୍ଷକ ଯୁବରାଜ କୁଦେଇ, ଭୋଗରାଇ ସଂକୁଳ ପ୍ରମୁଖ ଶରତ କୁମାର ପରିଡା, ସଂକୁଳ ସଂଯୋଜକ ରବିନ୍ଦ୍ର ପଣ୍ଡା, ଜଳେଶ୍ୱରର ସଂପାଦକ କପିଳେଶ୍ୱର ମହାନ୍ତି, ଉପସଭାପତି ଗୌରୀଶଂକର ଦାସ ଓ ସଭାପତି ଜିତାରାମ ଦେ ପ୍ରମୁଖ ଯୋଗ ଦେଇ ଜାତୀୟ ଶିକ୍ଷାନିତୀ ଆଧାରରେ ସରସ୍ୱତୀ ଶିଶୁ ମନ୍ଦିର ଗୁଡିକରେ ଆପାତତଃ ଶିକ୍ଷାଦାନ ଚାଲିଥିବା ସଂପର୍କରେ ସୂଚନା ଦେଇଥିଲେ । ଆଗାମୀ ଦିନରେ ଅଧିକ ସଚେତନ ହେଲେ ଶିକ୍ଷାଲାଭରେ ଅଧିକ ଫଳପ୍ରଦ ହେବ ବୋଲି କହିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ....

ଅନୁମୋଦନ କରିବାର ଅଛି। ଏହାର ଭିତ୍ତିଭୂମିକୁ ତିଆରି ଓ ସୁଦୃଢ କରିବାର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କର। ଏ ନେଇ ଆମେ ଆଗରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ସାରିଛୁ। ସଂସଦରେ ଏହାକୁ ନେଇ ଓଡ଼ିଶା ସାଂସଦମାନେ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତର ମଧ ସଂସଦରେ ସେ ଦେଇସାରିଛନ୍ତି ବୋଲି କେନ୍ଦ୍ର ଆଇନମନ୍ତ୍ରୀ କହିଛନ୍ତି। ଏହି ସମ୍ମିଳନୀରେ ଓଡିଶା, ଛତିଶଗଡ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଅଣ୍ଡାମାନ ନିକୋବାରରୁ ୩୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ହେଉଛି। ପୂର୍ବାଞ୍ଚଳର ୯ ଗୋଟି ରାଜ୍ୟଗୁଡ଼ିକର ଆଇନ ଅଧିକାରୀମାନେ ଏହି କନଫରେନ୍ସରେ ଯୋଗ ଦେଇଥିଲେ। ଏଥିରେ ହାଇକୋର୍ଟ ଜଜମାନେ ଯୋଗ ଦେଇଛନ୍ତି। ଏହି ଅଧିବେଶନରେ ମୁଖ୍ୟତଃ ଆଇନଗତ ସମସ୍ୟାକୁ ନେଇ ଆଲୋଚନା ହୋଇଛି। ଉଭୟ ପକ୍ଷଙ୍କ ମତାମତ ଦ୍ୱାରା ଅନେକ ସମସ୍ୟାର ସମାଧାନ ବାଟ ମଧ ବହାରିପାରୁଛି ବୋଲି କେନ୍ଦ୍ର ଆଇନମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

### କର୍ଣ୍ଣାଟକାରେ ବି ନିର୍ବାଚନ....

ବୋଲି କେଜ୍ରିୱାଲ ପ୍ରଶ୍ନ କରିଛନ୍ତି। କର୍ଣ୍ଣାଟକାରେ ପ୍ରଥମ ସାଧାରଣ ସଭାକୁ ସମ୍ବୋଧନ କରି ଆପ୍ ସୁପ୍ରିମୋ କେଜ୍ରିୱାଲ କହିଛନ୍ତି, “କର୍ଣ୍ଣାଟକାରେ ୪୦% କମିସିନ ନେଉଥିବା ସରକାର ଅଛନ୍ତି।” ଏହି ସମୟରେ ସେ ବିରୁପାକ୍ଷପ୍ପାଙ୍କ ଘରୁ ମିଳିଥିବା ୮.୨୩ କୋଟି ଟଙ୍କା କଥା ଉଠାଇଥିଲେ। ସେ କହିଛନ୍ତି, “ନିକଟରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହ କର୍ଣ୍ଣାଟକା ଆସିଥିଲେ ଓ ଲୋକଙ୍କୁ ପୂର୍ଣ୍ଣସଂଖ୍ୟା ଗରିଷ୍ଠତା ଦେବାକୁ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା ଗୋଟିଏ ସ୍ଥାୟୀ ଦୁର୍ନୀତି ମୁକ୍ତ ସରକାର ଗଠନ ହୋଇପାରିବ ବୋଲି ସେ ଦାବି କରିଥିଲେ। ଏହି ସମୟରେ ତାଙ୍କୁ କେହି ମନେ ପକାଇ ଦେଇଥିଲେ ଯେ ରାଜ୍ୟରେ ଏବେ ବି ବିଜେପି ସରକାର ରହିଛି। ମୁଁ ତାଙ୍କୁ ପଚାରିବାକୁ ଚାହୁଁଛି ଯେ ୪ ବର୍ଷ ମଧରେ ତାଙ୍କ ସରକାର କାହିଁକି ଦୁର୍ନୀତିକୁ ହଟାଇ ପାରିଲା ନାହିଁ। ଅମିତ ଶାହ ଦିଲ୍ଲୀ ଚାଲି ଯିବାର ଦିନକ ପରେ ବିଜେପି ବିଧାୟକଙ୍କ ପୁଅଙ୍କ ଠାରୁ କୋଟି କୋଟି ଟଙ୍କା ମିଳିଛି। ସେହି ବିଧାୟକ ଓ ତାଙ୍କ ପୁଅଙ୍କୁ ଏଯାଏ ଗିରଫ କରାଯାଇନି। କିନ୍ତୁ ମନୀଷ ସିସୋଦିଆଙ୍କୁ ଗିରଫ କରାଯାଇଛି।

### ଆଜି ବିଜୁ ଜୟନ୍ତୀ : ନବୀନ....

କରିଥିବା ବର୍ଷୀୟାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ । ୫ ମାର୍ଚ୍ଚରୁ ୨୫ ମାର୍ଚ୍ଚ ମଧ୍ୟରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ‘ନବୀନ ଓଡ଼ିଶା’ ଗଠନ ଉପରେ ପ୍ରବନ୍ଧ, ତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ବିଜୁ ଜନତା ଦଳର କର୍ମୀ ଏବଂ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଆୟୋଜନ କରାଯିବ । ବିଜୁ ଯୁବ ଏବଂ ଛାତ୍ର ଜନତା ଦଳ ଏହି ପ୍ରତିଯୋଗିତା ଆୟୋଜନ କରିବେ ଏବଂ ୧୭ ଏପ୍ରିଲରେ ବିଜୟୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ମାର୍ଚ୍ଚ ୮ ତାରିଖରେ ‘ ଆନ୍ତର୍ଜାତୀୟ ମହିଳା ଦିବସ” ରାଜ୍ୟ ସ୍ତରରେ ପାଳିତ ହେବ । ମାର୍ଚ୍ଚ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ମହିଳା ସମାବେଶ ଆୟୋଜନ କରାଯାଇ ଆମ ରାଜ୍ୟର ମହିଳାଙ୍କ ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ସଶକ୍ତିକରଣ ଦିଗରେ ବିଜୁ ବାବୁଙ୍କ ଅମୂଲ୍ୟ ଅବଦାନ ତଥା ବିଜୁ ଜନତା ଦଳ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ରାଜ୍ୟର ମହିଳାମାନଙ୍କୁ ସଶକ୍ତ କରିବା ସହିତ କିଭଳି ଆମକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଅନୁକରଣୀୟ କରିପାରିଛି ସେ ସଂପର୍କରେ ସବିଶେଷ ଆଲୋଚନା କରାଯିବ ।

### ମାର୍ଚ୍ଚ ୮ରେ ତ୍ରିପୁରାରେ ....

ଚଳିତ ବିଧାନସଭା ନିର୍ବାଚନରେ ବିଜେପିକୁ ମାତ୍ର ୩୯ ପ୍ରତିଶତ ଭୋଟ ମିଳିଛି । ଅର୍ଥାତ ରାଜ୍ୟରେ ୬୦ ପ୍ରତିଶତ ଭୋଟର ବିଜେପି ବିରୋଧରେ ମତଦାନ କରିଛନ୍ତି । ସୂଚନା ଥାଉକି ୨୦୧୮ ବିଧାନସଭା ନିର୍ବାଚନରେ ବିଜେପିକୁ ୪୩.୫୯ ପ୍ରତିଶତ ଭୋଟ ମିଳିଥିଲା । ହେଲେ ଚଳିତ ବିଧାନସଭା ନିର୍ବାଚନରେ ବିଜେପିକୁ ୩୯ ପ୍ରତିଶତ ଭୋଟ ମିଳିଛି । ୬୦ ସଦସ୍ୟତା ତ୍ରିପୁରା ବିଧାନସଭା ନିର୍ବାଚନ ୨୦୧୮ରେ ବିଜେପିକୁ ୩୬ ଆସନ ମିଳିଥିବା ବେଳେ ଚଳିତ ବିଧାନସଭା ନିର୍ବାଚନରେ ବିଜେପିକୁ ୩୨ଟି ଆସନ ମିଳିଛି । ସେପଟେ ଗତ ବିଧାନସଭା ନିର୍ବାଚନରେ ବାମମୋର୍ଚ୍ଚାକୁ ୪୨.୭୦ ପ୍ରତିଶତ ଭୋଟ ମିଳିଥିବା ବେଳେ ଚଳିତ ବିଧାନସଭା ନିର୍ବାଚନରେ ବାମମୋର୍ଚ୍ଚାକୁ ୨୪ ପ୍ରତିଶତ ଭୋଟ ମିଳିଛି ।

### ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶୃତି ବେଶୀ....

ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଜରିଆରେ ବିଜେପୁର ନିର୍ବାଚନ ମଣ୍ଡଳୀର ଚାଷୀଙ୍କ କ୍ଷେତରେ ପହଁଚିବାର ଯେଉଁ ପ୍ରତିଶୃତି ମୁଖ୍ୟମନ୍ତ୍ରୀ ବିଜେପୁର ବାସୀଙ୍କୁ ଦେଇଥିଲେ, ତାହା କେବେ ପୂରଣ ହେବ ଏହାର ଉତର ମଧ ମୁଖ୍ୟମନ୍ତ୍ରୀ ଦିଅନ୍ତୁ ବୋଲି ଶ୍ରୀ ପୁରୋହିତ କହିଛନ୍ତି। “ନବ ଦାସ” ହତ୍ୟାକାଣ୍ଡ ଓ ଓଡିଶାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରୁ ବର୍ତିବା ପାଇଁ ବିଜେପି ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତାମାନଙ୍କ ନାମରେ ଆକ୍ରୋଶମୁଳକ ଭାବେ ମିଥ୍ୟା ଓ ସଙ୍ଗୀନ ଦଫା ଲଗାଇ ଝାରପଡା ଜେଲରେ ବନ୍ଦି କରି ରଖାଯାଇଛି । ଏହାକୁ ନେଇ ରାଜ୍ୟବ୍ୟାପୀ ବିରୋଧର ସ୍ୱର ବ୍ୟାପିବାରେ ଲାଗିଛି । ଏଥିରୁ ବର୍ତିବା ପାଇଁ ମୁଖ୍ୟମନ୍ତ୍ରୀ ବରଗଡ ଜିଲ୍ଲା ଗସ୍ତ କରୁଛନ୍ତି ବୋଲି ଶ୍ରୀ ପୁରୋହିତ କହିଛନ୍ତି ।

## କୁଳିଗାଁ ରେହାଙ୍ଗ ଗ୍ରାମରେ ମା’ ଦାଣ୍ଡକାଳୀଙ୍କର ନୂତନ ମନ୍ଦିର ପ୍ରତିଷ୍ଠା



ବାଲେଶ୍ୱର, ୦୪/୦୩ (ନି.ପ୍ର): ରେମୁଣା ବ୍ଲକ୍ କୁଳିଗାଁ ପଞ୍ଚାୟତ ଅଧିନସ୍ଥ ରେହାଙ୍ଗ ଗ୍ରାମରେ ଗ୍ରାମର କୂଳଦେବୀ ମା’ ଦାଣ୍ଡକାଳୀଙ୍କର ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ୩/୩/୨୩ ଓ ୪/୩/୨୩ରିଖରେ ମହାସମାରୋହରେ ବିଧି ଅନୁସାରେ ଅନୁଷ୍ଠିତ ହୋଇଅଛି । ସ୍ଥାନୀୟ ଅଞ୍ଚଳବାସୀଙ୍କ ନିଜସ୍ୱ ଦାନରେ ନିର୍ମିତ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ମୁଖ୍ୟ ପୂଜକ ଭାବରେ ଚକ୍ରଧର ଶତପଥି ଓ ତାଙ୍କ ସହଯୋଗୀ ଘଟୋତ୍ତଳନଠାରୁ ଆରମ୍ଭ କରି କଳସ ଯାତ୍ରା ପୂଜାର୍ଚ୍ଚନା, ଯଜ୍ଞ ସହିତା ପୂର୍ଣ୍ଣାହୂତି ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସୂଚାରୁରୂପେ ବୈଦିକ ପରମ୍ପରା ଅନୁସାରେ ସମାପନ ହୋଇଅଛି । କର୍ତ୍ତା ବସିଥିଲେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଦମ୍ପତି ପୂଜାପାଠର ସଂଗୀତା ମଲ୍ଲିକ ସମାଜ ସେବୀ ଦିବାକର ଦାସ, ସହିତ ଗ୍ରାମର ଦେବେନ୍ଦ୍ର ମଲିକ, ବିଦାଙ୍କର ଦାସ, ବାବୁଲା ମଲିକ, ପୀତବାସ ମଲିକ, ଜୟନ୍ତ କୁମାର ମଲିକ, ପ୍ରଭାସ ମଲିକ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ୧୦୮ଜଣ ମହିଳା ପୂଜାରେ ଅଂଶଗ୍ରହଣ କରିଥିବା ବେଳେ ଭକ୍ତି, କୀର୍ତ୍ତନ, ପ୍ରସାଦ ସେବନ ଓ ‘କାଳିସୀ’ ଲାଗିଥିବା ଦେଖିବାକୁ ମିଳିଥିଲା ।

# ମୟୂରଭଂଜର ବିକାଶ ପାଇଁ ବ୍ଲୁ ପ୍ରିଣ୍ଟ ରେଡି, ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ବାକି



ବାରିପଦା, ୦୪/୦୩ (ନି.ପ୍ର): ୫ଟି ସଚିବ ଭିକେ ପାଣ୍ଡିଆନ୍ ମୟୁରଭଂଜକୁ ଦୁଇ ଦିନିଆ ଗସ୍ତରେ ଆସି ଗୁରୁବାର ପ୍ରଥମ ଦିନ ଉଦଳାର ଦେବକୁଣ୍ଡ, କରଂଜିଆର ଭୀମକୁଣ୍ଡ ଓ ମା କୀଚକେଶ୍ୱରୀ ମନ୍ଦିର, ଯଶିପୁର ଠାରେ ଥିବା ଖଇରୀ ଓ ଭଣ୍ଡନ ନଦୀର ମିଳନସ୍ଥଳୀରେ ନିର୍ମାଣାଧୀନ ଖଇରୀ ଭଣ୍ଡନ ବ୍ୟାରେଜର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ । ସେହିପରି ରାଇରଙ୍ଗପୁର ଦାଣ୍ଡବୋଷ ଠାରେ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧୀସ୍ଥଳ ଏବଂ ରାଇରଙ୍ଗପୁର ହାଟବନ୍ଧ ପରିଦର୍ଶନ କରି ଏହି କ୍ଷେତ୍ରଗୁଡିକର ବିକାଶ ପାଇଁ ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ଓ ନିଷ୍ପତି ପରେ ନିଶ୍ଚିତ ଭାବରେ ବିକାଶ କାର୍ଯ୍ୟ ପାଇଁ ଅର୍ଥବ୍ୟୟବରାଦ କରାଯିବ ବୋଲି କହିଥିଲେ । ରାଇରଙ୍ଗପୁର ବଙ୍ଗଳାରେ ଅପରାହ୍ନରେ ବିଭିନ୍ନ ସମ୍ପ୍ରଦାୟ ଏବଂ ସଂଗଠନର ପ୍ରତିନିଧିମାନଙ୍କୁ ଭେଟି ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ । ସେହିପରି ଆଜି ଗସ୍ତର ୨ୟ ଦିନରେ ସକାଳେ ରାଇରଙ୍ଗପୁର ରୁ ବାହାରି ପ୍ରଥମେ ବାଙ୍ଗିରିପୋଷୀ ଘାଟିରାସ୍ତାର ପ୍ରସ୍ତାବିତ ଏକ ବିକଳ୍ପ ରାସ୍ତା ପାଟପୁର, ସରଗଡା, ଶଂଖାଭଙ୍ଗା ରାସ୍ତା ବିଷୟରେ ଚନ୍ଦନପୁର ଠାରେ ବିଭାଗୀୟ ଅଧିକାରୀ ଓ ଜନସାଧାରଣଙ୍କ ସହ ଆଲୋଚନା ସମୀକ୍ଷା କରିବା ପରେ ୨ୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିରରେ ପହଂଚି ସେବାୟତ ମାନଙ୍କସହ ଆଲୋଚନା କରି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ ଏବଂ ମହାପ୍ରଭୁଙ୍କୁ ଦର୍ଶନ କରି ପୂଜାମଧ କରିଥିଲେ । ପରେପରେ ବାରିପଦା ଷ୍ଟାଡିୟମ ପରିଦର୍ଶନ କରିବା ସହ ଦୀର୍ଘ ୧୬ ବର୍ଷ ପରେ ବାରିପଦା ଷ୍ଟାଡିୟମକୁ ଆସି ବେଶ ଖୁସିଥିବାର ପରିଦର୍ଶକ ରେଜିଷ୍ଟାରରେ ଲେଖିଛନ୍ତି । ଗସ୍ତ ଅବସର ରେ ପିଲା ମାନଙ୍କ ସହ ଜଳଖିଆ ଖାଇବା ପରେ ବାରିପଦା ମଂଚାବନ୍ଧା ଠାରେ ଥିବା ଫରେଷ୍ଟ ବଙ୍ଗଳାରେ ବହୁ ଅନୁଷ୍ଠାନର ପ୍ରତିନିଧି ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ପରେ ପରେ ମଧୁବନ ଠାରେ ପ୍ରସ୍ତାବିତ ବୁଢାବଳଙ୍ଗ ନଦୀ ବନ୍ୟା ଦାଉରୁ ବାରିପଦା ବାସୀଙ୍କୁ ସୁରକ୍ଷା ଦେବା ନିମନ୍ତେ ପ୍ରସ୍ତାବିତ ବାରିପଦା ଆଡିବନ୍ଧ, ବାଲିଡିହା ଜଳଭଂଣ୍ଡାର, ଏମ.କେ.ସି. ହାଇସ୍କୁଲ, ଐତିହାସିକ ମାଣତ୍ରୀ ଶୈବପୀଠ, ଜିଲ୍ଲାମୁଖ୍ୟ ଚିକିତ୍ସାଳୟ, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ, ବଡଯୋଡ ନିକଟସ୍ଥ ଗୁହାଳଡିହି ଠାରେ ଥିବା ସବାଇ ପ୍ରଡ୍ୟୁସର ଗ୍ରୁପର ହସ୍ତଶିଳ୍ପ କେନ୍ଦ୍ର ଇତ୍ୟାଦି ସ୍ଥାନ ଗସ୍ତ କରି ବହୁ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ସହ ବହୁ ପ୍ରସ୍ତାବିତ ନୂତନ କାର୍ଯ୍ୟ ବାବଦରେ ବିଭାଗୀୟ ଅଧିକାରୀ ଏବଂ ଜନସାଧାରଣଙ୍କ ସହ ସମୀକ୍ଷା ଆଲୋଚନା କରିଥିଲେ । ତେବେ ଆଗକୁ ନିର୍ବାଚନ ଆସୁଥିବାରୁ ଫାଇଭ-ଟି ସଚିବଙ୍କ ଏହି ଜିଲ୍ଲାଗସ୍ତ ମୟୂରଭଂଜବାସୀଙ୍କ ମନରେ ବେଶ ଆଶା ସଂଚାର କରିଛି । ସଚିବ ଶ୍ରୀ ପାଣ୍ଡିୟାନ ଗସ୍ତ କରିଥିବା ଧାର୍ମିକ ପୀଠ, ପର୍ଯ୍ୟଟନ କ୍ଷେତ୍ର ଗୁଡିକର ବିକାଶ ବିକାଶ ପାଇଁ ରାଜ୍ୟସରକାର ତୁରନ୍ତ ସ୍ୱତନ୍ତ୍ର ଆର୍ଥିକ ସହାୟତା ଘୋଷଣା କରିବା ସହ ଜଳସେଚନ, ପାନୀୟ ଜଳ ଆଦି କ୍ଷେତ୍ରରେ ଜିଲ୍ଲାବାସୀ ଅଧିକ ସୁବିଧା ପାଇବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ଫାଇଭ- ଟି ସଚିବଙ୍କ ଏହି ଗସ୍ତ ପରେ ମୁଖ୍ୟମନ୍ତ୍ରୀ ଜିଲ୍ଲାଗସ୍ତ କରି ପ୍ରକଳ୍ପ ଗୁଡିକର ଭିତିପ୍ରସ୍ତର ସ୍ଥାପନ କରିପାରନ୍ତି ବୋଲି ମଧ ଆଲୋଚନା ହେଉଛି । ତେବେ ଅତୀତରେ ଶ୍ରୀ ପାଣ୍ଡିଆନ ମୟୂରଭଂଜ ଜିଲ୍ଲାପାଳ ଭାବ ଦୀର୍ଘ ବର୍ଷ କାର୍ଯ୍ୟକରି ଥିବାରୁ ଏହି ଜିଲ୍ଲାଗସ୍ତ ତାଙ୍କପାଇଁ ଏବଂ ଜିଲ୍ଲାବାସୀଙ୍କ ପାଇଁ ବେଶ ଉତ୍ସାହ ଜନକ ଥିବାର ଲକ୍ଷ୍ୟ କରାଯାଇଛି । ଦୁଇଦିନ ଧରି ଚାଲିଥିବା ଜିଲ୍ଲାଗସ୍ତ କାର୍ଯ୍ୟକ୍ରମରେ ସଚିବ ଶ୍ରୀ ପାଣ୍ଡିୟାନଙ୍କ ସହ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଉପସ୍ଥିତ ଥିଲେ । ତେବେ ଏହା ଫାଇଭ-ଟି ସଚିବଙ୍କ ସରକାରୀ ଗସ୍ତ ହୋଇଥିଲେ ମଧ ସାଶକ ବିଜେଡି ଦଳ ପକ୍ଷରୁ ମଧ ନେତା କର୍ମୀ ମାନଙ୍କ ମଧରେ ବେଶ ତତ୍ପରତା ଦେଖିବାକୁ ମିଳିଛି ।

## ବରିଷ୍ଠ ନାଗରିକ ସୁରକ୍ଷା ମଂଚ ପକ୍ଷରୁ ବସନ୍ତ ମଂଜରି ଭୂୟାଁଙ୍କ ସ୍ମୃତିସଭା ପାଳିତ

ଜଳେଶ୍ୱର, ୦୪/୦୩ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ମା’ର ବସନ୍ତ ମଂଜରୀ ଭୂୟାଁଙ୍କର ଏକାଦଶାହ ଶ୍ରଦ୍ଧାସୁମନ ସଭା ଅନୁଷ୍ଠିତ ହୋଇ ଯାଇଛି । ନିଜବାସଭବନ ପ୍ରାଙ୍ଗଣରେ ଆୟୋଜିତ ସଭାରେ ବରିଷ୍ଠ ନାଗରିକ ସୁରକ୍ଷା ମଂଚ ପକ୍ଷରୁ ଆୟୋଜିତ ଏହି ପୈଠକରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପୌରହିତ୍ୱ କରିଥିଲେ । ପ୍ରାଧ୍ୟାପକ ସୁଧାଂଶୁ ସେଖର ଜେନା, ରାମଚନ୍ଦ୍ର ଭୂୟାଁ, ଶଂକର୍ଷଣ ଭଂଜ, ଗଣେଶ ଚନ୍ଦ୍ର ପରିଡା, କାର୍ତ୍ତିକ ଭୂୟାଁ, ଡା. ପଦ୍ମଲୋଚନ ପ୍ରଧାନ, ଦେବକୁମାର ପଣ୍ଡା, ମଧୁସୂଦନ ଦତ୍ତ, ପୂର୍ଣ୍ଣଚନ୍ଦ୍ର ପତି, ଶଶୀକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇ ବସନ୍ତ ମଂଜରିଙ୍କ କର୍ମମୟ ଜୀବନ, କର୍ତ୍ତବ୍ୟ, ସେବା ସଂପର୍କରେ କହିଥିଲେ । ତାଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ଭୂୟାଁ, ହରିଶ୍ଚନ୍ଦ୍ର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତରଣୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋପାଳ ପ୍ରସାଦ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜଳେଶ୍ୱର, ୦୪/୦୩ (ନି.ପ୍ର): ଜଳେଶ୍ୱର ବ୍ଲକର ମାକିଡିଆ ପଂଚାୟତ ଅନ୍ତର୍ଗତ ଗୋପାଳପ୍ରସାଦ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପ୍ରଧାନ ଶିକ୍ଷକ ମଦନମୋହନ ମହାନ୍ତି ସଭାପତିତ୍ୱ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନ୍ମଥ କୁମାର ଖାଟୁଆ ମୁଖ୍ୟ ଅତିଥି , ଡ. ରାଧାଗୋବିନ୍ଦ୍ର କୋଇଲା ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିମାଇଁଚରଣ ଘୋଷ, ଗଜେନ୍ଦ୍ର ନାଥ ଦଳେଇ, ହିମାଂଶୁ ସେଖର ପ୍ରଧାନ, ସୁକୁମାର ପ୍ରଧାନ, ଅଶୋକ ଘଡେଇ, ସପନ ଘଡେଇ, ଦୀପକ କାପୁଡି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ମନୋରଂଜନ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୀବନବୀମା ନିଗମର କର୍ମଚାରୀଙ୍କ ଅବସରକାଳୀନ ସଭା

ଜଳେଶ୍ୱର, ୦୪/୦୩ (ନି.ପ୍ର): ଦୀର୍ଘ ୩୮ ବର୍ଷ ଧରି ଜରବନବୀମା ନିଗମରେ କାର୍ଯ୍ୟ ଅବସର ଗ୍ରହଣ କରିଥିବା ଅଜିତ୍ କୁମାର ଦାସଙ୍କୁ ଆଜି କଟକ ଡିଭିଜନ ପକ୍ଷରୁ ଜଳେଶ୍ୱର କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ କଟକ ଡିଭିଜନ ବୀମା କର୍ମଚାରୀ ସଂଘର ସଭାପତି ଡ. ସନ୍ତୋଷ କୁମାର ମହାପାତ୍ର ପୌରହିତ୍ୟ କରିଥିଲେ । ମୁଖ୍ୟ ଅତିଥିଭାବେ ପାଟଣାଜୋନ୍‌ର ସାଧାରଣ ସଂପାଦକ ତ୍ରିନାଥ ଡୋରା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେବା କ୍ଷେତ୍ରରେ ଜୀବନବୀମାର ଭୂମୀକା ଗୁରୁତ୍ୱପୂର୍ଣ୍ଣ । ଜୀବନବୀମା ଅର୍ଥରେ ଏବେ ଦେଶର ବିକାଶଯୋଜନାରେ ଅର୍ଥ ବିନିଯୋଗ ହେଉଥିବା ସେ କହିଥିଲେ । ପାହାଡରୁ ପଥର ନେଲେ ତାହା ଯେପରି ଶେଷ ହୋଇନଥିବାରେ ଜୀବନବୀମା ନିଗମରୁ ଦେଶକାର୍ଯ୍ୟରେ ଅର୍ଥ ବ୍ୟବହୃତ ହେଲେ ମଧ୍ୟ କିଛି ଫରକ ପଡିବ ନାହିଁ ବୋଲି କହିଥିଲେ । କଟକ କର୍ମଚାରୀ ସଂଘର ସାଧାରଣ ସଂପାଦକ ଅଭୟ କୁମାର ଦାସ, ରବିନାରାୟଣ ମଲ୍ଲିକ, ଶ୍ୟାମସୁନ୍ଦର ଜେନା, ମାନଗୋବିନ୍ଦ ବାରିକ, ସତ୍ୟ ଦାସଗୁପ୍ତ, ସଚିଦାନନ୍ଦ ବେହେରା, ଗୋଲକ ବିହାରୀ ମହାରାଜ ପ୍ରମୁଖ ଶ୍ରୀ ଦାସଙ୍କ କର୍ମମୟ ଜୀବନ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଜଳେଶ୍ୱର ଶାଖାର ଏଜେଣ୍ଟ ଆସୋସିଏସନ୍, ସହପ୍ରାବନ୍ଧିକ ଶରତ ଚନ୍ଦ୍ର ପଣ୍ଡା, ଭୋଗରାଇ ଶାଖା ପ୍ରବନ୍ଧକ ରମାକାନ୍ତ ପାତ୍ର ପ୍ରମୁଖ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରି ଦୀର୍ଘଜୀବନ ଓ ନିରାମୟ କାମନା କରି ଉପଢୌକନ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାସ୍କର ମିଶ୍ର, ସଂଜୀବ ଘୋଷ, ନିତାଇଲାଲ ଦେ, ଟଙ୍କଧର ମହାପାତ୍ର, ତପନ ପରିଡା, ପ୍ରଫୁଲ୍ଲ ଦାସ, ସରେଶ ଦାସ, ମଧୁସୂଦନ ଜେନା, ପ୍ରିୟବ୍ରତ ଜେନା, ଦିଲ୍ଲିପ ମହାନ୍ତି, ହରିନାରାୟଣ ଜେନା, ଭରତ ପରିଆଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଜିଲା ରକ୍ତଦାତା ସଂଘର ସଭାପତିଙ୍କ ସହାୟତାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମନୋରଂଜନ ଦାସ ସଂଚାଳନ କରିଥିବା ବେଳେ ଅଜିତ୍ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉତ୍କଳ ଗୌରବ ଇଂଟରନ୍ୟାସନାଲ ସ୍କୁଲ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୪/୦୩ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ବେରୁଣିପଦି ଗାଁରେ ଉତ୍କଳ ଗୌରବ ଇଂଟରନ୍ୟାସନାଲ ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି । ଡାକ୍ତର ପ୍ରଦୀପ ସେଠୀଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଥିବା ଏହି ବିଦ୍ୟାଳୟରେ ଗ୍ରାମାଂଚଳର ୨୫ ଶହ ଛାତ୍ରଛାତ୍ରୀଙ୍କୁ ବିନା ଦେୟରେ ପାଠ ପଢ଼ାଇବାକୁ ଯୋଜନା କରାଯାଇଛି । ପ୍ରଦୀପ ସେଠୀଙ୍କ ନିଜ ଗାଁ ବେରୁଣିପଦିରେ ଗରିବ ଛାତ୍ରଛାତ୍ରୀଙ୍କୁ ଶିକ୍ଷାକ୍ଷେତ୍ରରେ ଅଗ୍ରସର କରାଇବାକୁ ଏହି ପରିକଳ୍ପନା କରାଯାଇଛି । ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାର ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ, ସାଂସଦ ଚନ୍ଦ୍ରାଣି ମୁର୍ମୁ, 1 ପ୍ରମୁଖ ଉପସ୍ଥିତ ଥିଲେ ।

## ପରିବର୍ଦ୍ଧିତ ରୋଟାରୀ ଚିକିତ୍ସାଳୟ ଉଦ୍‌ଘାଟିତ




ଭୁବନେଶ୍ୱର, ୦୪/୦୩ (ନି.ପ୍ର): ବାଲେଶ୍ୱର ରୋଟାରୀ ଚକ୍ଷୁ ଓ ଦନ୍ତ ଚିକିତ୍ସାଳୟର ପରିବର୍ଦ୍ଧିତ ବିଲ୍ଡିଂ ଶନିବାର ଅପରାହ୍ଣରେ ଉଦଘାଟିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଦତାତ୍ରୟ ଭାଉ ସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ବିଲ୍ଡିଂକୁ ମିଳିତ ଉଦଘାଟନ କରିଥିଲେ। ସମାଜସେବା କ୍ଷେତ୍ରରେ ରୋଟାରୀ ଅନୁଷ୍ଠାନ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ନୂତନ ବିଲ୍ଡିଂ ଚକ୍ଷୁ ଓ ଦନ୍ତରୋଗୀଙ୍କ ପାଇଁ ସହାୟକ ହେବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ରୋଟାରୀ ୩୨୬୨ ଜିଲା ଗଭର୍ଣ୍ଣର ପ୍ରଭୁଦତ୍ତ ସୁବୁଦ୍ଧି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦ୍ଦେବ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜସେବା ଭଳି ଚକ୍ଷୁ ଓ ଦନ୍ତ ଚିକିତ୍ସା କ୍ଷେତ୍ରରେ ବାଲେଶ୍ୱର ରୋଟାରୀ କ୍ଲବର କାର୍ଯ୍ୟଧାରା ପ୍ରଶଂସନୀୟ ବୋଲି କହିଥିଲେ। ଜିଲା ସଭାପତି ଇଂ. ସୌରଭ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଚେୟାରମ୍ୟାନ ମାତୃଦତ୍ତ ଦାସ ଉପସ୍ଥିତ ରହି ହସପିଟାଲରେ ଜନସାଧାରଣଙ୍କ ସୁବିଧା ସୁଯୋଗ ନେଇ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ସେବାମୂଳକ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ସୁଖମୟ ଦାସ କ୍ଲବର ସମାଜସେବା ମୂଳକ କାର୍ଯ୍ୟଧାରା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ବାଲେଶ୍ୱର ରୋଟାରୀ କ୍ଲବ ସମେତ ଜିଲାର ଅନ୍ୟାନ୍ୟ ରୋଟାରୀ ଉଇଙ୍ଗ୍‌ସର କର୍ମକର୍ତ୍ତା ଓ ବହୁ ସଦସ୍ୟ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

## ଏସ୍‌ପି ଅଫିସ ଆଗରେ ବିଜେପିର ଧାରଣା



ବାଲେଶ୍ୱର, ୦୪/୦୩ (ନି.ପ୍ର): ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳ ବିରୋଧରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ ବେଳେ ପୁଲିସ ଆକ୍ରମଣାତ୍ମକ ସ୍ଥିତି ସୃଷ୍ଟି କରିଥିବା ଅଭିଯୋଗରେ ଏବେ ଆନ୍ଦୋଳନମୁଖ 1 ହୋଇଛି ଭାରତୀୟ ଜନତା ପାର୍ଟି । ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ ଓ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ (ଡିଜି)ଙ୍କ ବିରୋଧରେ ଥାନାରେ ଏତଲା ପରେ ଶନିବାର ପ୍ରତି ଜିଲାର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି ।ଏହି ପିପ୍ରେକ୍ଷୀରେ ବାଲେଶ୍ୱର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ ସଭାପତି ମାନସ କୁମାର ଦତ୍ତ ପ୍ରମୁଖ ଯୋଗଦେଇ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପରିବର୍ତ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପୁଲିସ ପ୍ରତିହିଂସାପରାୟଣ ହୋଇ ଜୁଲମ କରୁଛି ବୋଲି କହିଛନ୍ତି। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ବିରୋଧରେ ପ୍ରତିବାଦ କରୁଥିବା ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ପୂର୍ବ ଯୋଜନା ମୁତାବକ ଭାବରେ ଭୁବନେଶ୍ୱରରେ ପୁଲିସ ଅତର୍କିତ ମରଣାନ୍ତକ ଆକ୍ରମଣ କରିଥିଲା ସେମାନେ ଆରୋପ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଓ ଓଡ଼ିଶା ପୁଲିସର କାର୍ଯ୍ୟଧାରା ସମ୍ପର୍କରେ ଓଡ଼ିଶାବାସୀ ବେଶ ଅବଗତ ହୋଇଥିବା ବେଳେ ଆଗାମୀ ଦିନରେ ବିଜେପି ଆନ୍ଦୋଳନକୁ ଆହୁରି ଜୋରଦାର କରିବ ବୋଲି ଦଳୀୟ ନେତାମାନେ ଚେତାବନୀ ଦେଇଥିଲେ। ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ରାଜେଶ ମହାପାତ୍ରଙ୍କ ସଂଯୋଜନାରେ ଅୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଦଳୀୟ ପ୍ରବକ୍ତା ଠାକୁର ରଣଜିତ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଶୋଭନା ମହାନ୍ତି, ସୁଷମା ବିଶ୍ୱାଳ, ନଗର ସଭାପତି ଚିତ୍ତରଂଜନ ପଣ୍ଡା, ସୁସ୍ମିତା ପଣ୍ଡା, ରାକେଶ ମଲିକ, ଅଂଶୁମାନ ମହାନ୍ତି, ଈଶ୍ୱର ବେହେରା, ପର୍ଶୁରାମ ପରିଡ଼ା, କମଲଲୋଚନ ଦାସ, ସୁଶାନ୍ତ ବେରା, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ, ଉପ-ସଭାପତି ସୁବୋଧ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଦଳ ପକ୍ଷରୁ ଏସପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ‘ଟିପିଏନଓଡିଏଲ’ ପକ୍ଷରୁ ଲାଇନ ମ୍ୟାନ ଦିବସ

ବାଲେଶ୍ୱର, ୦୪/୦୩ (ନି.ପ୍ର): ୫୨ତମ ଜାତୀୟ ନିରାପତ୍ତା ସପ୍ତାହ ଅବସରରେ ଟାଟା ପାୱାର ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ଲାଇନ ମ୍ୟାନ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ହୋଟେଲ ହରି ପ୍ଲାଜା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ‘ଟିପିଏନଓଡିଏଲ’ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାସ୍କର ସରକାର ଯୋଗଦେଇ ନିରାପତ୍ତା ଦିବସ ପାଳନର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେବା, ସୁରକ୍ଷା ଓ ସ୍ୱାଭିମାନର ବାର୍ତ୍ତା ଟାଟା ଗ୍ରୁପର ମୂଳମନ୍ତ୍ର ବୋଲି ସେ କହିଥଲେ। ଏହି ଆଧାରରେ ସଂସ୍ଥାର କର୍ମଚାରୀମାନଙ୍କୁ ପ୍ରେତ୍ସାହିତ କରଯାଉଥିବା ଶ୍ରୀ ସରକାର କହିଥିଲେ । ଟାଟା ପାୱାରର ବିଦ୍ୟୁତ ବିତରଣ ସେବାରେ ଲାଇନ ମ୍ୟାନମାନେ ପ୍ରମୁଖ ଅଙ୍ଗ ହୋଇଥିବା ବେଳେ ସେମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି ବୋଲି ବୋଲି ସେ ସୂଚନା ଦେଇଥିଲେ। ଟିପିଏନଓଡିଏଲର ଚିଫ ଅଫ କମର୍ସିଆଲ ଦୁଷ୍ୟନ୍ତ କୁମାର ତ୍ୟାଗୀ, ଚିଫ ଅଫ ଅପରେସନ ନୀଲେଶ ଫୋଟଫୋଡେ, ମାନବ ସମ୍ବଳ ଓ ବ୍ୟବସ୍ଥାପନ ବିଭାଗ ମୁଖ୍ୟ ଶ୍ରୀବଲ୍ଲଭ ସିଂହ, ବାଲେଶ୍ୱର ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ, ବାଲେଶ୍ୱର ଇଲେକ୍ଟ୍ରିକାଲ ଡିଭିଜନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମରେଶ୍ୱର ଶତପଥି, କେନ୍ଦ୍ରୀୟ ଇଲେକ୍ଟ୍ରିକାଲ ଡିଭିଜନ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପୁହାଣ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କର୍ମଚାରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ।

## ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଦାବିପତ୍ର

ବାଲେଶ୍ୱର, ୦୪/୦୩ (ନି.ପ୍ର): ବାଲେଶ୍ୱର ସହରରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଆମ୍ବେଦକରଙ୍କ ପୂର୍ଣ୍ଣ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଆମ୍ବେଦକର ବିକାଶ ପରିଷଦ ପକ୍ଷରୁ ଜୋରଦାର ଉଦ୍ୟମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ପରିଷଦର କର୍ମକର୍ତ୍ତାମାନେ ପୂର୍ବରୁ ଜିଲାପାଳଙ୍କୁ ସାକ୍ଷାତ ସହ ସହରର କୌଣସି ପ୍ରମୁଖ ଅଞ୍ଚଳରେ ସରକାରୀ ଜାଗା ଯୋଗାଇ ଦେବାକୁ ନିବେଦନ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସଦର ତହସିଲଦାର ସହରର ଟ୍ରାଫିକ ଥାନା ପାର୍ଶ୍ୱସ୍ଥ ଅଞ୍ଚଳରେ ଆବଶ୍ୟକ ପରିମାଣର ସରକାରୀ ଜାଗା ଥିବା ସମ୍ପର୍କରେ ଅବଗତ ପରେ ଏବେ ପରିଷଦ ପକ୍ଷରୁ ଆରମ୍ଭ ହୋଇଛି ପ୍ରତିମୂର୍ତ୍ତି ସ୍ଥାପନ ଉପକ୍ରମ। ପରିଷଦ ପକ୍ଷରୁ ଏକ ପ୍ରତିନିଧି ଦଳ ଶନିବାର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ସାକ୍ଷାତ ସହ ଚୟନ ସ୍ଥାନରେ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ପ୍ରଶାସନ ସମ୍ମତି ଲୋଡ଼ିଥିଲେ। ଆସନ୍ତା ଏପ୍ରିଲ ୧୪ ତାରିଖ ଆମ୍ବେଦକର ଜୟନ୍ତୀ ପୂର୍ବରୁ ପୂର୍ଣ୍ଣ ଅବୟବ ନିର୍ମାଣ ଶେଷ ପାଇଁ ପରିଷଦ ଇଚ୍ଛା ପ୍ରକାଶ କରିଥିବା ବେଳେ ତୁରନ୍ତ ସ୍ଥାନ ଚୟନ ସହ ଅନୁମତି ପ୍ରଦାନ ନିମନ୍ତେ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

## କମ୍ପ୍ୟୁଟର, ଲାପଟପ୍ ଓ ମୋବାଇଲକୁ ସାବଧାନ

ନୂଆଦିଲ୍ଲୀ, ୦୪/୦୩ : ଦୀର୍ଘ ସମୟ ଧରି କମ୍ପ୍ୟୁଟର କିମ୍ବା ଲାପଟପ୍ ସାମ୍ନାରେ ବସୁଥିଲେ ସତର୍କ ହୋଇଯାଆନ୍ତୁ । କାରଣ ଏହା ଆପଣଙ୍କ ଆଖି ପାଇଁ ଆଣିପାରେ ବଡ ବିପଦ । ଛାତ୍ରଛାତ୍ରୀ ଓ ଆଇଟି କ୍ଷେତ୍ରର କର୍ମଜୀବୀମାନେ ଅଧିକ ସମୟ କମ୍ପ୍ୟୁଟର ସାମ୍ନାରେ ବସିରହିଥାନ୍ତି । ତେଣୁ ଅଜାଣତରେ ସେମାନେ କିଭଳି ଏକ ସ୍ୱାସ୍ଥ୍ୟ ସମସ୍ୟାର ସାମ୍ନା କରିବାକୁ ଯାଉଛନ୍ତି ତାହା ଜାଣିପାରୁନାହାନ୍ତି । ଚିକିତ୍ସା ବିଜ୍ଞାନୀଙ୍କ ମତରେ କମ୍ପ୍ୟୁଟର କିମ୍ବା ଲାପଟପ୍ ସାମ୍ନାରେ ବସିବା ଫଳରେ ଦୀର୍ଘ ସମୟ ଧରି ଆଖିର ପତା ପଡିନଥାଏ । ଏହାଦ୍ୱାରା ଆଖିର ଲୁବ୍ରିକେସନ୍ କମିଯାଏ ଅର୍ଥାତ୍ ଆଖି ଶୁଖିଲା ହୋଇଯାଏ । ଯାହା ଡ୍ରାଏ ଆଇ ସିଣ୍ଡ୍ରୋମ ଭଳି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ । ସାଧାରଣତଃ ଆମ ଆଖି ପତା ଗୋଟିଏ ମିନିଟରେ ୧୨ ଥର ପଡିଥାଏ । ହେଲେ ଡିଜିଟାଲ ସ୍କ୍ରିନକୁ ଚାହିଁ ରହୁଥିବା ଲୋକଙ୍କ ଆଖି ପତା ୭ରୁ ୮ ଥର ପଡେ । ଆଖିରେ ଥିବା ଲାକ୍ରିମାଲ ଗ୍ଲାଣ୍ଡରୁ ଲୁହ ଝରିଥାଏ । ଏବଂ ଆଖି ପତା ପଡିଲେ ହିଁ ଉପର ଆଖି ପତାରୁ ଲୁହ ଝରେ । ଏହି ଲୁହ ନଝରିଲେ ଡ୍ରାଏ ଆଇ ସିଣ୍ଡ୍ରୋମ ଦେଖାଦିଏ । ବିଶେଷଜ୍ଞଙ୍କ ପରାମର୍ଶ ଡାଏବେଟିସ ରୋଗୀଙ୍କ ନିକଟରେ ଏହି ସ୍ୱାସ୍ଥ୍ୟ ସମସ୍ୟା ଅଧିକ ରୁହେ । ଆଖିରେ ଯନ୍ତ୍ରଣା ହେଲେ ଡାକ୍ତର ଆଇ ଡ୍ରପ ପକାଇବାକୁ କହିଥାନ୍ତି । କିନ୍ତୁ ଦୀର୍ଘ ସମୟ କମ୍ପ୍ୟୁଟର ସାମ୍ନାରେ ନବସିବା ଉଚିତ୍ । ମଝିରେ ମଝିରେ କାମରୁ ବିରତି ନେଇ କମ୍ପ୍ୟୁଟର ସାମ୍ନାରୁ ଉଠିଗଲେ ଭଲ । ଡାକ୍ତର କହିଛନ୍ତି ଯେ, ଡିଜିଟାଲ ଯୁଗରେ ବିଭିନ୍ନ ପ୍ରକାର ଗ୍ୟାଜେଟଠାରୁ ଦୂରେଇ ରହିବା ମୁସ୍କିଲ । ତେଣୁ ୨୦-୨୦-୨୦ ଫର୍ମୁଲା ଆପଣାଇବାକୁ ଦେଇଛନ୍ତି ପରାମର୍ଶ ।

## ଜୁନିୟର ରେଡ଼କ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ




ଭଦ୍ରକ, ୦୪/୦୩ (ନି.ପ୍ର): ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଚୁନଟି, ଚରମ୍ପା ଠାରେ ଦୁଇଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ତାଲିମ ଶିବିର ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦିପକ କୁମାର ପାଢ଼ୀ, ସମ୍ମାନୀତ ଅତିଥି ଭାବରେ ଭାରତ ସ୍କାଉଟର ଜିଲ୍ଲା କମିସନର ଅକ୍ଷୟ କୁମାର ହୋତା, ଓଷ୍ଟା ଜିଲ୍ଲା ସମ୍ପାଦକ ପ୍ରଦୀପ୍ତ ଦାସ, ବିଦ୍ୟାଳୟର ପ୍ରତିଷ୍ଠାତା ରତ୍ନାକର ସାମଲ ଚଣ୍ଡିଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ମାଝି ଓ ପୂର୍ବତନ ଜିଲ୍ଲା ଜୁନିୟର ରେଡ଼କ୍ରସ ଯୁଗ୍ମ ସମ୍ପାଦକ ବାଦଲ କିଶୋର ମହାପାତ୍ର ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ। ଯୁଗ୍ମ ସମ୍ପାଦକ ହେମନ୍ତ ସୁତାର ସ୍ୱାଗତ ଭାଷଣ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ମହାନ୍ତି ଅତିଥି ପରିଚୟ ଓ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମ ଚରଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନ ବ୍ୟାପି ଶିବିରରେ ଯୋଗ, ସର୍ବଧର୍ମ ପ୍ରାର୍ଥନା, ରେଡ଼କ୍ରସର ଇତିହାସ, ଲକ୍ଷ ଓ ନୀତି, ପ୍ରାଥମିକ ଉପଚାର, ସଡ଼କ ସୁରକ୍ଷା, ରକ୍ତଦାନ, ପାଣିପାଗ ପରିବର୍ତ୍ତନ ଇତ୍ୟାଦି ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରାଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତା, ବାଗ୍ମିତା ପ୍ରତିଯୋଗିତା, ସାଧାରଣଜ୍ଞାନ, ସଙ୍ଗୀତ ଓ ଲୋକନୃତ୍ୟ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଲୋକନୃତ୍ୟ ପ୍ରତିଯୋଗିତାରେ ବନ୍ଧଗାଁ ନୋଡ଼ାଲ ହାଇସ୍କୁଲ ପ୍ରଥମ ଓ ସଙ୍ଗୀତ ପ୍ରତିଯୋଗିତାରେ ନାରାୟଣଚନ୍ଦ୍ର ହାଇସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଶିବିରରେ ୪୫୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ଯୋଗଦାନ କରିଥିଲେ। ସାଧନକର୍ମୀ ଉମାକାନ୍ତ ବେହେରା, ଭାଗବତ ସୂତାର, ଅଜୟ ମହାରଣା, ଧର୍ମେନ୍ଦ୍ର ବେହେରା, କିଶୋର ଧଳ, ଖଗେଶ୍ୱର ଜେନା, ବୈକୁଣ୍ଠ ଚରଣ କାଣ୍ଡି, ମଦନ ମୋହନ ପାଣିଗ୍ରାହୀ ପ୍ରଶିକ୍ଷଣ ପ୍ରଦାନ ସହ ବିଭିନ୍ନ କାର୍ଯ୍ୟକ୍ରମ ପରିଚ୍ଛଳନା କରିଥିଲେ ଦିପ୍ତୀମୟୀ ସାହୁ, ଶାନ୍ତିଲତା ପଣ୍ଡା, ଶାଇଲକ୍ଷ୍ମୀ ନାୟକ, ଦେବାଶିଷ ଆଚାର୍ଯ୍ୟ, ତରଣୀ ସେନ ଜେନା, ଲିଜା ଦାସ, ସୁଶାନ୍ତ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବରାଳ, ଗଣେଶ ଚନ୍ଦ୍ର ପଣ୍ଡା, ସୀତାରାମ ଦାସଗୁପ୍ତା, ତନୁଶ୍ରୀ ନାୟକ, କଳ୍ପନା ପାତ୍ର, ଚୁନଟି ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କିରିଥିଲେ।

## ସ୍କୁଲପିଲା ଖଟିଆ ବୋହିବା ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ : ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି



ଅମର୍ଦ୍ଦାରୋଡ, ୦୪/୦୩ (ନି.ପ୍ର): ସରକାର ଶିକ୍ଷା ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ଗୁଣବତ୍ତା କରିବା ପାଇଁ ୫ ଟି ପରିସର ଭୁକ୍ତ କରିବା ସହିତ, ସ୍କୁଲ ଗୁଡିକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରାଯାଉଛି । ଆଉ ସ୍ମାର୍ଟ ସ୍କୁଲ , ସ୍ମାଟ କ୍ଲାସ ରେ ପାଠ ପଢି ପିଲା ସ୍ମାର୍ଟ ହେବାପାଇଁ ସରକାର ଯୋଜନା କରୁଥିବା ବେଳେ, ଶିକ୍ଷକଙ୍କ ମାନସିକତାରେ କୌଣସି ପରିବର୍ତନ ହେଉନାହିଁ ।ଏଥି ପାଇଁ ମଧ ଶିକ୍ଷାବିଭାଗ ଓ ପ୍ରଶାସନିକ ଅଧିକାରୀ ଅନୁରୂପ ଭାବେ ଦାୟୀ। ଏଠାରେ ସୂଚନା ଥାଉକି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଭେଲୋରା ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟ ଯାହାକି ସରକାର କୋଟିକୋଟି ଟଙ୍କା ସାରି, ୫ ଟି ସ୍କୁଲକୁ ରୂପାନ୍ତରିତ କରିଛନ୍ତି। ଗତ ଜାନୁଆରୀ ୨୪ ତାରିଖ ସେହି ସ୍କୁଲର ପାଞ୍ଚ ଜଣ ଛାତ୍ର, ଭେଲୋରା ରୁ ପାଉଁଶକୁଲି କୁ ସଂଯୋଗ କରୁଥିବା ବ୍ୟସ୍ତ ବହୁଳ ରାସ୍ତାରେ ଦୁଇଟି ସାଇକେଲ ଯୋଗେ ବିପଦ ପୂର୍ଣ୍ଣ ଭାବେ ଖଟିଆ ବୋହି ନେଇ ବିଦ୍ୟାଳୟକୁ ଯାଉ ଥିଲେ। ତେବେ ଏହି ଦୃଶ୍ୟ ଦେଖି ଗଣ ମାଧମ ପ୍ରତିନିଧି ମାନେ, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଦତ୍ତଙ୍କୁ ପଚାରିବାରୁ, ହଠାତ ଚିଇଙ୍କି ଉଠିବା ସହିତ ଉତକ୍ଷିପ୍ତ ହୋଇ ଗଣମାଧମ ପ୍ରତିନିଧି ଦୁର୍ବ୍ୟବହାର କରିବା ସହିତ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଯାହା ସେଦିନର ଚର୍ଚ୍ଚିତ ଓ ସମ୍ବେଦନ ଶୀଳ ଖବର ରହିଥିଲା ।ମାତ୍ର ଉକ୍ତ ଘଟଣା କୁ ଏକ ମାସ ରୁ ଉର୍ଦ୍ଧ ସମୟ ବିତି ଯାଇଥିଲେବି, ବିଭାଗୀୟ ଅଧିକାରୀ ତଦନ୍ତ ଆଳରେ ନୀରବ ଦ୍ରଷ୍ଟା ସାଜି ଘଣ୍ଟ ଘୋଡାଇବାକୁ ଚେଷ୍ଟା କରି ଆସୁଥିଲେ। ତେବେ ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ବିଷ୍ଣୁଚରଣ ସୁତାର ଙ୍କୁ ପଚାରିବାରୁ ତଦନ୍ତ ସରିଛି,ଏକ ସପ୍ତାହ ଭିତରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏଭଳି ସମ୍ବେଦନଶିଳ ଘଟଣାରେ ଜିଲ୍ଲା ଶିକ୍ଷା ଧିକାରୀ ବାସ୍ତବରେ କେବେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଧାରଣୀୟ ଜୀବନଶୈଳୀ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ



ବାରିପଦା, ୦୪/୦୩ (ନି.ପ୍ର): ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଅଧିନସ୍ଥ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଯୋଜନା ଅନ୍ତର୍ଭୁକ୍ତ ତଥା ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅଧିନସ୍ଥ ପରିବେଶ ଶିକ୍ଷଣ କେନ୍ଦ୍ର (ସି.ଇ.ଏସ.) ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସହଭାଗିତାରେ ବରିପଦାସ୍ଥିତ ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ “ଧାରଣୀୟ ଜୀବନ ଶୈଳୀ ସଂପର୍କିତ” ବିଷୟବସ୍ତୁ ଉପରେ ଆଧାରିତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରି ମୁଖ୍ୟ ଅତିଥି, କୃଷି ବିଜ୍ଞାନକେନ୍ଦ୍ର ଶାମାଖୁଣ୍ଟାର ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ ପ୍ରଶାନ୍ତ କୁମାର ମହାନ୍ତି, ସି.ଇ.ଏସ. ର ପ୍ରଜେକ୍ଟ ଅଫିସର ରାଜେଶ କୁମାର ମହାନ୍ତ, ବାଙ୍ଗିରିପୋଷି ବ୍ଲକ ଶିକ୍ଷା ଅଧିକାରୀ ଗୌତମ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପଗୁଡିକର ଭୂୟସୀ ପ୍ରଶଂସା କରିବା ସହ ବୈଜ୍ଞାନିକ ଚିନ୍ତାଧାରା ପରିପ୍ରକାଶ ପାଇଁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟପାଳର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଞ୍ଜପୁରର ପ୍ରଧାନଶିକ୍ଷକ ସିପ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନର ସହଯୋଗୀ ପ୍ରଫେସର ଡ଼ ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ ଓ ପ୍ରାଣୀବିଜ୍ଞାନର ସହକାରୀ ପ୍ରଫେସର ଡ଼ ପ୍ରିୟରଞ୍ଜନ ଦେବତା ଏବଂ ରାଇକମାସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ଜେନା ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡ. ଦେବାଶିଷ ମାରାଣ୍ଡି ମୁଖ୍ୟ ଅତିଥି, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ହିରହର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବାବେଳେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆର୍ଯ୍ୟ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ସିପ୍ରା ଦାସ ବକ୍ତବ୍ୟ ରଖିଥିଲେ। କଣ୍ଟପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଶିକ୍ଷକ ବସନ୍ତ କୁମାର ଦତ୍ତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଳନା କରିଥିଲେ। ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ କରଞ୍ଜିଆ ବ୍ଲକ ଅନ୍ତର୍ଗତ କରଞ୍ଜିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରାଧାମାଧବି ପାତ୍ରଙ୍କ ନିର୍ମିତ ପ୍ରକଳ୍ପ “ଜଳ ସଂରକ୍ଷଣ”, ସାରସକଣା ବ୍ଲକ ଅନ୍ତର୍ଗତ ଈଶ୍ୱରଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ଖେରଣାର ଛାତ୍ର ଜିତେନ୍ଦ୍ର ଦାସଙ୍କ ନିର୍ମିତ ପ୍ରକଳ୍ପ “ଶସ୍ୟ ସଂରକ୍ଷଣର ସହଜ ଉପାୟ”, ରରୁଆଁ ବ୍ଲକ ଅନ୍ତର୍ଗତ ରରୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ରିତେଶ କୁମାର ପାତ୍ରଙ୍କ ପ୍ରକଳ୍ପ “ସ୍ୱାସ୍ଥ୍ୟକର ଜୀବନ ଶୈଳୀ” ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ।

## ଏପ୍ରିଲ ପହିଲାରୁ ଆଦିବାସୀ ସେଙ୍ଗେଲ ଅଭିଯାନ

ବାରିପଦା, ୦୪/୦୩ (ନି.ପ୍ର): ପ୍ରକୃତି ପୂଜକ ଆଦିବାସୀମାନଙ୍କର ଧର୍ମକୁ ଝାରଖଣ୍ଡ ସରକାର ଏବଂ ବେଙ୍ଗଲ ସରକାର କିଛି ମାସ ତଳେ ସାରନା ଧର୍ମ ଏବଂ ସାରି ଧର୍ମ ନାମରେ ଆଦିବାସୀମାନଙ୍କର ଧର୍ମ କୋଡର ମାନ୍ୟତା ପାଇଁ ବିଧାନସଭାରେ ସ୍ୱତନ୍ତ୍ର ବିଲ୍ କୁ ପାସ୍ କରି ଭାରତ ସରକାର ଦିଲ୍ଲୀକୁ ସୁପାରିଶ କରିସାରିଛନ୍ତି । ସେହିପରି ଓଡିଶାର ନବୀନ ସରକାର ମଧ ଅବିଳମ୍ବେ ବିଧାନସଭାରେ ସ୍ୱତନ୍ତ୍ର ବିଲ୍ ଅନୁମୋଦନ କରି କେନ୍ଦ୍ର ସରକାରକୁ ସୁପାରିଶ କରିବାକୁ ଆଦିବାସୀ ସେଙ୍ଗେଲ ଅଭିଯାନ ତରଫରୁ ପତ୍ରକାର ବନ୍ଧୁଙ୍କ ମାଧ୍ୟମରେ ଅନୁରୋଧ କରାଯାଉଅଛି । ଯଦି ୨୦୨୩ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଓଡିଶା ସରକାର ସାରନା ଧର୍ମ କୋଡ ଲାଗୁ କରିବାର ବିଲ୍ ବିଧାନସଭାରେ ପାସ୍ ନ କରନ୍ତି ତେବେ ୨୦୨୩ ଏପ୍ରିଲ ମାସ ପହିଲାରୁ ଭାରତର ପାଞ୍ଚଟି ପ୍ରଦେଶ ଯଥା ଓଡିଶା, ଝାଡ଼ଖଣ୍ଡ, ବିହାର, ବେଙ୍ଗଲ, ଆସାମରେ ବିରୋଧ ସ୍ୱରୂପ ଓଡିଶା ସରକାର ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦହନ କରାଯିବ । ଉକ୍ତ ଆନ୍ଦୋଳନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆସନ୍ତା ତା.୬/୩/୨୦୨୩ ରିଖ ଦିନ ବହଳଦା ବ୍ଲକ ତିରିଂ ଥାନା ଅନ୍ତର୍ଗତ ପଟମବେଡା ଗ୍ରାମରେ ‘ମାରାଂ ବୁରୁ ବଞ୍ଚାଅ, ଭାରତ ଯାତ୍ରା‘ ବିଶାଳ ଜନଜାଗରଣ ଜନସଭା ଆୟୋଜନ କରାଯାଇଅଛି । ତତ୍ପଶ୍ଚାତ ତା.୭/୮ ମାର୍ଚ୍ଚ ୨୦୨୩ ରିଖ ଦୁଇ ଦିନ ଧରି କୁସୁମି ବ୍ଲକ୍ ବାଦାମ ପାହାଡ ନିକଟ ଆଙ୍ଗାରପଦା ଗ୍ରାମରେ ସେଙ୍ଗେଲ ଯୁବା ଛାତ୍ର ମୋର୍ଚ୍ଚାର ଟ୍ରେନିଂ କାର୍ଯ୍ୟକ୍ରମ ଏବଂ ତା.୯ ମାର୍ଚ୍ଚ ୨୦୨୩ ରିଖ ଗୁରୁବାର ଦିନ ଷ୍ଟେସନ ବଜାର ପ୍ରଦକ୍ଷଣ ଗୃହ ନିକଟରୁ ବାରିପଦା ବଜାରରେ ମଶାଲ ଜୁଲୁସ ଶୋଭାଯାତ୍ରା କରି ରୋଟାରୀ କ୍ଲବ ଠାରେ ଜନସମାବେଶ କରାଯାଇ ପତ୍ରକାର ସମ୍ମେଳନ ମଧ କରାଯିବାର ସ୍ଥିର କରାଯାଇଅଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo